ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ବାଲେଶ୍ୱର ■ ମଙ୍ଗଳବାର ୬ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 6 OCTOBER 2020

Vol.No. 30 ■ No. 253 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,



Dist: Mayurbhanj



2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


## କରୋନାରେ ଦେଶରେ ଗତ ୨୪ ଘଂଟାରେ ୭୪,୪୪୨ ନୂଆ ମାମଲା: ୯୦୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୫।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୭୪,୪୪୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୦୩ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୬,୨୩,୮୧୬ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯,୩୪,୪୨୭ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୦୨,୬୮୫ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୧,୫୬୭ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୫।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୧ ହଜାର ୫୬୭ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୬,୭୭୭ ଆରଟିପିସିଆରରେ ୪,୭୧୮ ଓ ଟ୍ରୁନଟ୍‌ରେ ୭୨ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୪୪୦୮୩୫ ନମୁନାର ପରୀକ୍ଷା କରା ଯାଇଛି ।

# ବିଧାନସଭାରେ ଚାଷୀ ତାତି

♦ ବିଜେପିର ମୁଲତବୀ ପ୍ରସ୍ତାବ ଗ୍ରହଣ କରାଯାଇନଥିବାରୁ ବିରୋଧୀ ଦଳ ନେତାଙ୍କ ଅସନ୍ତୋଷ

♦ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି : କୃଷି ମନ୍ତ୍ରୀ

♦ ଚାଷୀଙ୍କ ପ୍ରତି ବିଜେଡିର ଆନ୍ତରିକତା ନାହିଁ : ନରସିଂହ ମିଶ୍ର



ଭୁବନେଶ୍ୱର,୫।୧୦ (ନି.ପ୍ର): ବିଧାନସଭା ମୌସୁମୀ ଅଧିବେଶନର ଷଷ୍ଠ ଦିନରେ ମୁଲତବୀ ନୋଟିସକୁ ନେଇ ଗୃହରେ ବିରୋଧୀ ହୋହାଲ୍ଲା କରିଥିଲେ । ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସର ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଚାଷୀ ସମ୍ପର୍କରେ କଂଗ୍ରେସର ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ କୃଷିନିଧି ସମ୍ମାନ ପ୍ରସଙ୍ଗରେ ବିଜେପିର ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରାଯାଇନଥିବାରୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଅସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ କଂଗ୍ରେସ ଅନ୍ୟତମ ବିରୋଧୀ ଦଳ ହୋଇଥିବାରୁ ମୁଲତବୀ ପ୍ରସ୍ତାବ ଆଣିବାର ଅଧିକାର ଅଛି ବୋଲି କହି କଂଗ୍ରେସ ବିଧାୟକ ମାନେ ମଧ୍ୟ ହଟ୍ଟଗୋଳ କରିଥିଲେ । ବିଜେପିର ମୁଲତବୀ ପ୍ରସ୍ତାବକୁ କାହିଁକି ଗ୍ରହଣ କରାଗଲା ନାହିଁ ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଥିଲେ । ମୁଲତବୀ ପ୍ରସ୍ତାବ ପୂର୍ବରୁ କଂଗ୍ରେସ କିମ୍ବା ଶାସକ ବିଜେଡି ଦଳ ପକ୍ଷରୁ ବିଜେପି ବିଧାୟକମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇନାହିଁ । ବିଜେଡି ଓ କଂଗ୍ରେସ ଦଳ ମଧ୍ୟରେ ସଲାସୁତରା ଚାଲିଛି ବୋଲି ଅଭିଯୋଗ କରି ବିଜେପି ବିଧାୟକମାନେ ହୋ ହଲ୍ଲା କରିବା ସହ ଗୃହର ମଧ୍ୟ ଭାଗରେ ଧାରଣା ଦେଇଥିଲେ । ଅନ୍ୟପକ୍ଷରେ ବିଜେପି - ବିଜେଡି ମଧ୍ୟରେ ବୁଝାମଣା ହୋଇଛି ଏବଂ କୃଷି ସମସ୍ୟା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେପି ଆଲୋଚନ କରିବାକୁ ଚାହୁଁନାହିଁ ବୋଲି କଂଗ୍ରେସ ବିଧାୟକ ମାନେ ଅଭିଯୋଗ କରିଥିଲେ । ଏହାର ଜବାବ ରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ, ଚାରି, ଦୁଇ ଅନୁପାତରେ ମୁଲତବୀ ପ୍ରସ୍ତାବ ଦେବା ଲାଗି ସର୍ବଦଳୀୟ ବୈଠକରେ ନିଷ୍ପତି ହୋଇଥିଲା । ତେଣୁ ବିଜେପିର

▶▶ପୃଷ୍ଠା ୭

## ଆହୁରି ୪୮ ଘଂଟା ବର୍ଷା : ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୫।୧୦ (ନି.ପ୍ର): ଗତ ୨ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରାଜ୍ୟରେ ଏବେ ବି ସକ୍ରିୟ ରହିଛି । ଏହାର ପ୍ରଭାବରେ ଆହୁରି ୨ ଦିନ ବର୍ଷା ଲାଗି ରହିବ । ଅନ୍ୟପକ୍ଷରେ ଆସନ୍ତା ୯ ତାରିଖରେ ଉତର ଆଣ୍ଡମାନ ସାଗର ଏବଂ ତତ୍ ସଂଲଗ୍ନ ପୂର୍ବ ମଧ୍ୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ । ପରବର୍ତୀ ସମୟରେ ଏହା ଉତର ଆନ୍ଧ୍ର ପ୍ରଦେଶ ଏବଂ ଉପକୂଳ ଓଡିଶା ଆଡକୁ ଗତି କରିବ ଏବଂ ଅବପାତର ରୂପ ନେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ସକ୍ରିୟ ଥିବା ଲଘୁଚାପ ପ୍ରଭାବରେ ଗତ ୩ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓଡିଶାର ଅଧିକାଂଶ ସ୍ଥାନ ସମେତ ପର୍ଶ୍ଚିମ ଓଡିଶାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏଥିପାଇଁ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ଗଜପତି, ଗଂଜାମ, ରାୟଗଡା, ମାଲକାନଗିରି,

▶▶ପୃଷ୍ଠା ୭

## ହୋମ୍ ଆଇସୋଲେସନରେ ଥିବା ରୋଗୀଙ୍କୁ ଫାଭିପିରାଭିର ଦେବେ ସରକାର

ଭୁବନେଶ୍ୱର,୫।୧୦ (ନି.ପ୍ର): ଘରେ ସଂଗରୋଧରେ ରହୁଥିବା କରୋନା ରୋଗୀମାନଙ୍କ ପାଇଁ ସରକାର ଫାଭିପିରାଭିର ଔଷଧ ଯୋଗାଇଦେବେ । ପ୍ରାରମ୍ଭିକ ପର୍ଯ୍ୟାୟରେ କଟକ, ଭୁବନେଶ୍ୱର ଓ ପୁରୀରେ ଏହି ଔଷଧ ଯୋଗାଇଦିଆଯିବ । ତେବେ ଏହି ଔଷଧର ବ୍ୟବହାର ସମ୍ପର୍କରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ

▶▶ପୃଷ୍ଠା ୭




## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୯୨୪ ହେଲା

ଭୁବନେଶ୍ୱର,୫।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୨୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ପୁରୀ ଓ କଟକ ଜିଲ୍ଲାର ୩-୩ ଜଣ ଥିବା ବେଳେ ବାଲେଶ୍ୱର, ଖୋର୍ଦ୍ଧା ଓ ବୌଦ୍ଧ ଜିଲ୍ଲାର ୨-୨ ଜଣ ଅଛନ୍ତି । ସେହିପରି ଅନୁଗୁଳ, କେନ୍ଦୁଝର, ନବରଙ୍ଗପୁର, ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚରକ୍ତଚାପରେ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚରକ୍ତଚାପରେ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ୨୫ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର

▶▶ପୃଷ୍ଠା ୭




## ଭୁବନେଶ୍ୱରରୁ ଆଉ ୩୧୯ ପଜିଟିଭ୍

ଭୁବନେଶ୍ୱର,୫।୧୦ (ନି.ପ୍ର): ଭୁବନେଶ୍ୱରର ବିଭିନ୍ନ ଅଂଚଳରୁ୨୪ ଘଂଟାରେ ଆଉ ୩୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହା ମଧ୍ୟରୁ ୯୨ଟି କ୍ୱାରାଂଟାଇନ ମାମଲା ଥିବାବେଳେ ୨୨୭ଟି ସ୍ଥାନୀୟ ସଂକ୍ରମଣ ମାମଲା ରହିଛି । ସେହିପରି ଆଉ ୩୧୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘର ଫେରିଥିବା ବେଳେ ଦୁଇଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି । ଆଜିର ନୂତନ ୩୧୯ଟି ନୂଆ ମାମଲାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତ ସଂଖ୍ୟା ୨୩୫୪୯ ଛୁଇଁଛି । ଏହା ମଧ୍ୟରୁ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୩୫୩୭ ରହିଛି । ଭୁବନେଶ୍ୱରରେ ମୋଟ ସୁସ୍ଥସଂଖ୍ୟା ୧୯,୮୮୮ ରେ ପହଂଚିଥିବାବେଳେ ମୃତ୍ୟୁସଂଖ୍ୟା ୧୦୪ ଛୁଇଁଛି ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ସୋମବାର ଚିହ୍ନଟ ସଂଗରୋଧ ଆକ୍ରାନ୍ତଙ୍କ ମଧ୍ୟରେ ୟୁନିଟ୍ ୬ ଓ ବିଜେବି ନଗରରୁ ସର୍ବାଧିକ ୮ ଜଣ ଲେଖାଏଁ ରହିଥିବା ବେଳେ ରସୁଲଗଡରୁ ୬ , ସହୀଦ ନଗରରୁ ୫ , ଶୈଳଶ୍ରୀ ବିହାର, ନୟାପଲ୍ଲୀ, ପଟିଆ, ୟୁନିଟ୍ ୯, ଆଇଆରସି ଭିଲେଜ ଓ ବରମୁଣ୍ଡାରୁ

▶▶ପୃଷ୍ଠା ୭

## ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ କଟଅଫ୍ ମାର୍କ ପ୍ରକାଶିତ

### କଳାରେ ବିଜେବି, ବିଜ୍ଞାନରେ ରେଭେନ୍ସା ଆଗରେ ବାଣିଜ୍ୟରେ ବ୍ୟାସନଗର ଉଚ୍ଚ ମାଧ୍ୟମିକ ସ୍କୁଲ



ଭୁବନେଶ୍ୱର,୫।୧୦ (ନି.ପ୍ର): ଯୁକ୍ତ ୨ ଆଡମିଶନ ପାଇଁ ସୋମବାର ଦ୍ୱିତୀୟ ପର୍ଯ୍ୟାୟ କଟଅଫ୍ ମାର୍କ ତାଲିକା ପ୍ରକାଶ ପାଇଛି । ଏହି ତାଲିକାର କଳାରେ ବିଜେବି, ବିଜ୍ଞାନରେ ରେଭେନ୍ସା, ବାଣିଜ୍ୟରେ ବ୍ୟାସନଗର ପ୍ରଥମରେ ରହିଛନ୍ତି । କଳାରେ ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲରେ କଟ୍ ଅଫ୍ ମାର୍କ ୭୦ ରହିଥିବା ବେଳେ ବିଜ୍ଞାନରେ ୮୬.୩୩ ପ୍ରତିଶତ କଟ୍‌ଅଫ୍ ସହ ରେଭେନ୍ସା ଉଚ୍ଚ ମାଧ୍ୟମିକ ସ୍କୁଲ ଆଗରେ ରହିଛି । ସେହିପରି ବାଣିଜ୍ୟରେ ବ୍ୟାସନଗର ଉଚ୍ଚ ମାଧ୍ୟମିକ ସ୍କୁଲ ସର୍ବାଧିକ ୭୯.୬୭ ପ୍ରତିଶତ ରଖିଛି । ଏହା ପରେ ଆସନ୍ତାକାଲିଠୁ ୮ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୨ ନାମଲେଖା ଅନୁଷ୍ଠିତ ହେବ । ଯେଉଁ ଛାତ୍ରଛାତ୍ରୀ ନାମ ଲେଖାଇବେ, ସେମାନଙ୍କ ତଥ୍ୟ ୧୮ ତାରିଖ ସନ୍ଧ୍ୟା ୬ଟାରେ ସାମ୍ସ ଇ-ସ୍ପେସରେ ଉପଲବ୍ଧ ହେବ । ୧୩ ତାରିଖ ଦିନ ୧୧ଟାରେ ସ୍ପଟ୍ ସିଲେକ୍ସନ୍ ମେରିଟ୍ ଲିଷ୍ଟ ପ୍ରକାଶ କରାଯିବ । ୧୩ରୁ ୧୫ ତାରିଖ ଅପରାହ୍ନ ୨ଟା ଭିତରେ ଛାତ୍ରଛାତ୍ରୀ ନାଁ ପଞ୍ଜୀକରଣ କରିପାରିବେ । ୧୫ ତାରିଖ ସନ୍ଧ୍ୟାରେ ସ୍ପଟ୍ ନାମଲେଖା ଲାଗି ଚୂଡ଼ାନ୍ତ ଛାତ୍ରଛାତ୍ରୀଙ୍କ ତାଲିକା ବାହାରିବ । ଏବର୍ଷ ୨ ହଜାର ୨୮ଟି ଯୁକ୍ତ ୨ କଲେଜର ୪ଲକ୍ଷ ୫୩ ହଜାର ୬୪୦ ସିଟ୍ ଭିତରୁ ପ୍ରଥମ ପର୍ଯ୍ୟାୟ ଆଡମିଶନ ପରେ୨ଲକ୍ଷ ୯୬ ହଜାର ୬୧ଟି ସିଟ୍ ପୂରଣ ହୋଇଛି । ଆହୁରି ୧ଲକ୍ଷ ୫୭ ହଜାର ୫୭୯ ସିଟ୍ ଖାଲି ପଡିଛି ।

## ୨୪ ଘଂଟାରେ ସୁସ୍ଥ ହେଲେ ୪୦୯୮ ଆକ୍ରାନ୍ତ

ଭୁବନେଶ୍ୱର,୫।୧୦ (ନି.ପ୍ର): ରାଜ୍ୟରେ ସୋମବାର ଦିନ ଆଉ ୪୦୯୮ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୦୬୪୦୦ କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୦୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି କଟକରୁ ୩୮୬, ବାଲେଶ୍ୱେରରୁ ୩୩୬, ନୂଆପଡାରୁ ୨୦୯, ଅନୁଗୁଳରୁ ୧୬୫,ମୟୁରଭଂଜରୁ ୧୩୯, କେନ୍ଦୁଝରରୁ ୧୩୧ , ଭଦ୍ରକରୁ ୧୨୫, ଜଗତସିଂହପୁର ଓ କେନ୍ଦ୍ରାପଡାରୁ ୧୨୩ ଲେଖାଏଁ , ଯାଜପୁରର ୧୧୬, ବରଗଡରୁ ୧୧୦, ଢେଙ୍କାନାଳରୁ ୧୦୭, ପୁରୀରୁ ୧୦୪, ସୁନ୍ଦରଗଡରୁ ୮୨, ଝାରସୁଗୁଡାରୁ ୮୧, ନୟାଗଡରୁ ୭୯,ସମ୍ବଲପୁରରୁ ୭୮ ,କଳାହାଣ୍ଡିରୁ ୭୩, ନବରଙ୍ଗପୁରରୁ ୭୩, ବଲାଙ୍ଗୀରରୁ ୭୦, କୋରାପୁଟରୁ ୬୭, କନ୍ଧମାଳରୁ ୬୫, ବୌଦ୍ଧର ୬୧, ସୋନପୁରରୁ ୪୬, , ଗଂଜାମରୁ ୪୨, ରାୟଗଡାରୁ ୪୨, ଗଜପତିରୁ ୩୬, ମାଲକାନଗୀରିରୁ ୨୩ , ଦେବଗଡରୁ ୧୫ ଓ ଷ୍ଟେଟ୍ ପୁଲରୁ ୨୮୭ ଜଣ ,ସୁସ୍ଥ ହୋଇଛନ୍ତି ।

## ସୁପରସୋନିକ୍ ମିସାଇଲ୍‘ସ୍ମାର୍ଟ’ର ପରୀକ୍ଷା ସଫଳ



ବାଲେଶ୍ୱର,୫।୧୦ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ ‘ଡିଆରଡିଓ’ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମରା ଅବଦୁଲ କଲାମ ଦୀପରୁ ସୁପରସୋନିକ‘ସ୍ମାର୍ଟ’(ସୁପରସୋନିକ ମିଶାଇଲ୍ ଆସିଷ୍ଟେଡ଼ ରିଲିଜ ଅଫ ଟର୍ପେଡ଼ୋ)ର ସଫଳ ପରୀକ୍ଷା ଆଜି କରାଯାଇଛି । ସକାଳ ୧୧.୪୫ ମିନିଟ ସମୟରେ ଏହି ପରୀକ୍ଷା କରାଯାଇଥିଲା ବେଳେ ପରୀକ୍ଷା ସଫଳ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ‘ସ୍ମାର୍ଟ’ ହେଉଛି କ୍ଷେପଣାସ୍ତ୍ର ଦ୍ୱାରା ପରିଚାଳିତ ଅଳ୍ପଓଜନ ବିଶିଷ୍ଟ ବୁଡ଼ାଜାହାଜ ବିଧ୍ୱଂସକାରୀ ଟର୍ପେଡୋ ସିଷ୍ଟମ । ଯାହା କ୍ଷେପଣାସ୍ତ୍ର ଦ୍ୱାରା ପରିଚାଳିତ ହେବ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଶତ୍ରୁ ପକ୍ଷର ବୁଡ଼ାଜାହାଜକୁ ଧ୍ୱଂସ କରିପାରିବ । ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓର ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପରୀକ୍ଷା ବେଳେ ରାଡାର ଓ ଇଲେକଟ୍ରୋମେଟ୍ରିକ ସିଷ୍ଟମ ଜରିଆରେ ମିଶାଇଲକୁ ନିୟନ୍ତ୍ରଣ କରାଯାଇଥିଲା । ‘ସ୍ମାର୍ଟ’ ପ୍ରସ୍ତୁତିରେ ଡିଆରଡିଏଲ, ହାଇଦ୍ରାବାଦର ଆରସିଆଇ, ଆଗ୍ରାର ଏଡିଆରଡିଇ ଓ ବିଶାଖାପାଟଣାର ଏନଏସଟିଏଲ ସହଯୋଗ କରିଛନ୍ତି । ଆଣ୍ଟି ସବମେରାଇନ ଯୁଦ୍ଧ କ୍ଷେତ୍ରରେ ‘ସ୍ମାର୍ଟ’ ଗେମଚେଞ୍ଜର ହେବ ବୋଲି ଡିଆରଡିଓ ଚେୟାରମେନ ସତୀଶ ରେଡ୍ଡୀ କହିଛନ୍ତି । ପ୍ରତିରକ୍ଷା ବିଭାଗ ସୂତ୍ରରୁ ଆହୁରି କୁହାଯାଇଛି ଯେ ସୁପରସୋନିକ ମିଶାଇଲ ସହ ଏହି ଟର୍ପେଡୋ ସଫଳତାର ସହିତ ଉତକ୍ଷେପଣ ହେବା ପରେ ସଠିକ ସମୟରେ ଲକ୍ଷ୍ୟ

▶▶ପୃଷ୍ଠା ୭

## କମୁଛି ଆକ୍ରାନ୍ତଙ୍କ ସଂଖ୍ୟା : ୨୪ ଘଂଟାରେ ୨୬୧୭ ପଜିଟିଭ୍




ଭୁବନେଶ୍ୱର, ୦୫ ଅକ୍ଟୋବର – ରାଜ୍ୟରେ ଗୋଟିଏ ଦିନରେ ୨୬୧୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୩୫୩୩୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୦୨୩୦୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୨୦୫୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୬୧୭ ଜଣଙ୍କ ମଧ୍ୟରୁ ୧୫୨୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୯୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୫୦୬ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୧୫ , ବାଲେଶ୍ୱର ଜିଲ୍ଲାରେ ୭୯ ଜଣ, ବରଗଡ ଜିଲ୍ଲାରେ ୧୪୮ , ଭଦ୍ରକ ଜିଲ୍ଲାରେ ୪୯, ବଲାଙ୍ଗିର ଜିଲ୍ଲାରେ ୧୦୯, ବୌଦ୍ଧ ଜିଲ୍ଲାରେ ୧୮ ,କଟକ ଜିଲ୍ଲାରେ ୧୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୮. ଢେଙ୍କାନାଳ

▶▶ପୃଷ୍ଠା ୭

# ଗର୍ଭସ୍ଥ ଶିଶୁ ମୃତ୍ୟୁ ମାମଲା, ଏତଲା ଗ୍ରହଣ କଲା ପୁଲିସ : ୩୦୪(ଏ)ଦଫା ଲଗାଇ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପୋଷଣ

ରାଉରକେଲା,୦୫।୧୦ (ନି.ପ୍ର): ରାଉରକେଲା ସହରରେ ଜଣେ ପ୍ରସୂତୀ ମହିଳାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରି ଇଏସଆଇ ଡାକ୍ତରଖାନାରେ ସଠିକ୍ ପଦକ୍ଷେପ ନନେବାରୁ ସେହି ମହିଳାଜଣଙ୍କର ଗର୍ଭସ୍ଥ ଶିଶୁର ମୃତ୍ୟୁ ହେବା ନେଇ ତାଙ୍କ ସ୍ୱାମି ପୁଲିସ ନିକଟରେ ଅଭିଯୋଗ କରିବାକୁ ଜିବା ସତ୍ୱେ ୧୦ ଦିନ ହେଲା ପୁଲିସ ନୀରବ ବସିଥିଲା ।ଘଟଣା ପଦାକୁ ଆସିବା ପରେ ରଘୁନାଥପାଲ୍ଲୀ ପୁଲିସ ଏନେଇ ମାମଲା ନମ୍ବର ୨୧୧ ରୁଜୁ କରିବା ସହ ଘଟଣାରେ ଜଡ଼ିତ ଥିବା ୩ ଜଣ ଅଭିଯୁକ୍ତଙ୍କ ନାମରେ ୩୦୪(ଏ) ଓ ୩୪ ଆଇପିସି ଧାରା ଲଗାଇ ତଦନ୍ତ ଆରମ୍ଭ କରିଛି । ହେଲେ ମାମଲାରେ ଅଭିଯୋଗକାରୀଙ୍କୁ ପୁଲିସ ସହଯୋଗ କରିବା ମନୋବୃତି ରଖି ଦଫା ୩୦୪ ଲଗାଇବା ପରିବର୍ତ୍ତେ ୩୦୪(ଏ)କୁ ଆପଣେଇଥିବା ନେଇ କେତେକ ଅବସରପ୍ରାପ୍ତ ପୁଲିସ ଅଧିକାରୀ ନାମ ଗୋପନ ରଖି ମତ ଦେଇଛନ୍ତି । ଫଳରେ ଡାକ୍ତର ମାନଙ୍କ ବିରୋଧରେ ବିଭିନ୍ନ ସମୟରେ ଆସୁଥିବା ଅଭିଯୋଗ ଓ ଏହି ମାମଲାରେ ଆଗକୁ ନେଇ ସମାଜକୁ କି ବାର୍ତା ଜିବ ସେ ନେଇ ଆଲୋଚନା ଆରମ୍ଭ ହୋଇଛି । ଘଟଣା ଘଟିଥିଲା ଗତ ମାସ ୨୧ ତାରିଖରେ । ମହିଳା ଜଣକ ଦିର୍ଘ ୯ ମାସ କାଳ ଡ଼ାକ୍ତର ଏସଆର ଦାସଙ୍କ ନିକଟରେ ପ୍ରସୂତୀଜନିତ ଚେକଅପ୍ କରାଉଥିଲେ । ହେଲେ ପ୍ରସବ ସମୟରେ୧୦ ହଜାର ଟଙ୍କା ଦେଲେ ସବୁ କାମ ହୋଇଜିବ ବୋଲି କହିଥିଲେ ଡ଼ାକ୍ତର । ମହିଳାଙ୍କ ସ୍ୱାମୀ ତଥା ଏତଲାକାରୀ ସୂର୍ଯ୍ୟକାନ୍ତ ବାରିକ ଏହା ପ୍ରକାଶ କରିବା ସହ, ସେଦିନ ଡାକ୍ତର ଦାସ ଓ ତାଙ୍କର ଦୁଇ ସହଯୋଗୀ ଡାକ୍ତର ଡାକ୍ତରଖାନାରେ କିଛି ଦେଖିଲେ ନାହିଁ । ବିଳମ୍ବରେ ଆଇଜିଏଚକୁ ରେଫର କଲେ ତେଣୁ ତାଙ୍କ ପିଲାଟି ମରିଗଲା ବୋଲି ଥାନାରେ ସେ ଅଭିଯୋଗ କରିଥିଲେ ।ହେଲେ ରଘୁନାଥପାଲ୍ଲୀ ପୁଲିସି ସେଦିନ ଅଭିଯୋଗକାରୀଙ୍କୁ ୩ରୁ ୪ ଘଂଟା କାଳ ସହଯୋଗ ନକର ଫେରାଇ ଦେଇଥିଲା । ପରବର୍ତି ସମୟରେ ଏହି ମାମଲା ପଦାକୁ ଆସିବା ପରେ ପୁଲିସ ଗତକାଲି ଏହି ମାମଲା ସିନା ରୁଜୁ କଲା କିନ୍ତୁ ପୁଲିସର ସେହି ଡାକ୍ତର ମାନଙ୍କ ପ୍ରତି ଥିବା ଦରଦ ଓ ଏତେ ଦିନର ନୀରବତା ମାମଲାରେ ଲାଗିଥିବା ଦଫାରୁ ସ୍ପଷ୍ଟ ହୋଇଯାଇଛି । କାରଣ ଅଭିଯୋଗକାରୀଙ୍କର ଅଭିଯୋଗ ଅନୁଶାରେ ଉଦ୍ଦେଶ୍ୟମୂଳକ ଭାବେ ସେହି ଡାକ୍ତର ପ୍ରସୂତୀଙ୍କ ଚିକିତ୍ସାରେ ଅବହେଳା କରିଥିଲେ , ତେଣୁ ଭାରତୀୟ ଦଣ୍ଡ ବିଧି ଆଇନ କହୁଛି ସିଧା ସଳଖ ଏଠାରେ ଦଫା ୩୦୪ ଲାଗିବା କଥା । ଏହି ଦଫା ଅନୁଶାରେ ୧୦ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଓ ଗିରଫଦାରୀ ଥିବାରୁ ବାବୁ ମାନଙ୍କୁ ଖସାଇଦେବା ଲାଗି ରଘୁନାଥପାଲ୍ଲୀ ପୁଲିସ ୩୦୪(ଏ)ରେ କାମ ଚଳାଇ ଦେଇଛି । କାରଣ ଏଥିରେ ୩ ବର୍ଷ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି । ଗିରଫ ଦାରୀ ହେବ ନାହିଁ ନୋଟିସ ଦେଇ ପୁଲସି ତା କାମ କରିବ, ତେଣିକି ତଦନ୍ତ ଓ ଦଣ୍ଡ କ'ଣ ହେବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ରଘୁନାଥପାଲ୍ଲୀ ପୁଲିସି ଡାକ୍ତର ଏସଆର ଦାସ ଓ ଅନ୍ୟ ଦୁଇ ଜଣ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଏତଲାକାରୀଙ୍କୁ ଏତଲାର କପି ପ୍ରଦାନ କରିଛି । ପର୍ଶ୍ଚିମାଂଚଳ ଡିଆଇଜି କବିତା ଜଲାନ ଓ ଏସପି କେ. ଶିବା ଶୁବ୍ରମଣୀଙ୍କର ଏହି ମାମଲା ଦୃଷ୍ଟି ଗୋଚର ହେବା ପରେ ମାମଲାଟି ରୁଜୁ ହେଲା ବୋଲି କୁହାଯାଉଥିବା ବେଳେ ବିଭିନ୍ନ ମହଲରେ ସେମାନଙ୍କୁ ଧନ୍ୟବାଦ ଦିଆଯାଉଛି । ହେଲେ ଏ ଦିଗରେ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ମତ ଅନୁସାରେ, ଲଗାଯାଇଥିବା ଦଫା ଠିକ୍ ନୁହେଁ ତେବେ ଏହି ମାମଲା ହେବା ଯାହା ନହେବା ତାହା ବୋଲି ଆଲୋଚନା ଚାଲିଛି । ଯଦି ଉଦ୍ଦେଶ୍ୟମୂଳକ ଭାବେ ଅବହେଳାକୁ ନେଇ ଦୋଷି ମାନେ ଦଣ୍ଡ ନପାଇବେ ତେବେ ଗରୀବ, ଅବହେଳିତ ମାନଙ୍କୁ ଆମ ବ୍ୟବସ୍ଥା ନ୍ୟାୟ ଦେବାରେ ବିଫଳ ହେବ ଓ ଏଭଳି ଲୋକଙ୍କ ମନମାନି ବଢ଼ି ସରକାରଙ୍କୁ ଲୋକ ଲୋଚନରେ ନିନ୍ଦିତ କରିବ ବୋଲି ମତ ପ୍ରକାଶ ପାଇଛି ।

## ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁରକ୍ଷା ବଳୟ ମରାମତି ଦାବି

ଧର୍ମଶାଳା,୦୫।୧୦ (ନି.ପ୍ର): ଚଳିତ ବର୍ଷ ଲଗାଣ ବର୍ଷା ହେବା ସହ ନଦୀରେ ବନ୍ୟା ଜଳ ପ୍ରଭାବିତ ହୋଇଥିଲା । ଫଳରେ ନଦୀରେ ପ୍ରବଳ ବ୍ୟା ଜଳ ନିସ୍କାସନ ହେବା ଫଳରେ ଦୃବଳ ନଦୀ ବନ୍ଧ ଭାଙ୍ଗି ଯାଇଥିଲା । ଫଳରେ ଅନେକ ଧନ ଜୀବନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା । ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ତିନି ମହାବିଦ୍ୟାଳୟର ସୁରକ୍ଷା ବଳୟ ଏହି ବନ୍ୟା ଜଳ ପ୍ରଭାବରେ ଭାଙ୍ଗି ଯାଇଛି । ସୁରକ୍ଷା ବଳୟ ଭାଙ୍ଗି ଯିବା ଫଳରେ କଲେଜ ଭିତରେ ଅନେକ ଅସାମାଜିକ ବ୍ୟକ୍ତି ପ୍ରବେଶ କରିଥିବା ବେଳେ ଗାଇଗୋରୁ ଅବାଧରେ ପ୍ରବେଶ କରୁଛନ୍ତି । ଭିତରେ ଥିବା ଅନେକ ଔଷଧୀୟ ବୃକ୍ଷଗୁଡିକୁ ଖାଇ ଦେଉଥିବା ଦେଖିବାକୁ ମିଳିଛି । ଏହାର ତୁରନ୍ତ ମରାମତି ଆବଶ୍ୟକ ହୋଇପଡିଛି । ତୁରନ୍ତ ମରାମତି ପାଇଁ ମହାବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନେ ଦାବି କରିଛନ୍ତି ।

## ରେଳ ନିରାପତା ଆୟୁକ୍ତ ଦ୍ୱାରା ଲୋଇସିଂହାରୁ ବଲାଙ୍ଗୀର ଓ ଲଖନାରୁ ତୁରେକେଲା ରୋଡ଼ ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତୁକରଣ କାର୍ଯ୍ୟ ନିରୀକ୍ଷଣ

ସମ୍ୱଲପୁର,୦୫।୧୦ (ନି.ପ୍ର): ଦକ୍ଷିଣ ସାରକେଲ ଓ ଦକ୍ଷିଣ ପୂର୍ବ ସାରକେଲର ରେଳବାଇ ନିରାପତା ଆୟୁକ୍ତ ଏ. କେ. ରାୟଙ୍କ ଦ୍ୱାରା ସମ୍ୱଲପୁର ରେଳମଣ୍ଡଳର ସମ୍ୱଲପୁର-ଟିଟିଲାଗଡ଼ ସେକ୍ସନରେ ଲୋଇସିଂହାରୁ ବଲାଙ୍ଗୀର ଷ୍ଟେସନ ମଧ୍ୟରେ ଆସନ୍ତା ୬.୧୦.୨୦୨୦ ଓ ଟିଟିଲାଗଡ଼-ରାୟପୁର ସେକସନର ଲଖନାରୁ ତୁରେକେଲା ରୋଡ଼ ଷ୍ଟେସନ ମଧ୍ୟରେ ଆସନ୍ତା ୭.୧୦.୨୦୨୦ରେ ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରାଯିବ । ଏହି ନିରୀକ୍ଷଣ ମଧ୍ୟରେ ସ୍ପିଡ୍ ଟ୍ରାଏଲ ଲୋଇସିଂହାରୁ ବଲାଙ୍ଗୀର ୬.୧୦.୨୦୨୦ ଏବଂ ଲଖନାରୁ ତୁରେକେଲା ରୋଡ଼ ଷ୍ଟେସନ ମଧ୍ୟରେ ୭.୧୦.୨୦୨୦ରେ ଦିନ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେବ । ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ, ଉପରୋକ୍ତ ସମୟ ମଧ୍ୟରେ ଉପରୋକ୍ତ ସେକସନ୍‌ରେ ରେଳ ଲାଇନ୍ ଦେଇ ଯିବା ଆସିବା କିମ୍ବା ବ୍ୟବହାର କରିବେ ନାହିଁ ।

## ବିଶ୍ୱ ପଶୁଦିବସ ପାଳନ କଲା ୟୁଥ୍ ଫର ଭଲ୍ୟୁଂଟାରୀ ୱାର୍କ : ପଶୁ ସୁରକ୍ଷା ଆଇନ୍ କଡ଼ାକଡ଼ି କରିବାକୁ ଦାବି

ଭୁବନେଶ୍ୱର,୦୫।୧୦ (ନି.ପ୍ର): ପ୍ରତିବର୍ଷ ଅକ୍ଟୋବର ୪ ତାରିଖକୁ ବିଶ୍ୱ ପଶୁ ଦିବସ ରୂପେ ପାଳନ କରାଯାଏ । ସାମାଜିକ ଅନୁଷ୍ଠାନ ୟୁଥ୍ ଫର୍ ଭଲ୍ୟୁଂଟାରୀ ୱାର୍କ ତରଫରୁ ଏହି ଦିବସକୁ ଭୁବନେଶ୍ୱରସ୍ଥିତ ନନ୍ଦିନୀପଲ୍ଲୀ ଅଫିସ୍ ପରିସରରେ ଉଚ୍ଚ ବିଦ୍ୟାଳୟରେ ପଢ଼ୁଥିବା ପିଲାମାନଙ୍କ ମଧ୍ୟରେ ପାଳନ କରାଯାଇଛି । ସାରା ବିଶ୍ୱରେ ପଶୁମାନଙ୍କ ସୁରକ୍ଷା ଓ ବିକାଶ ଏହି ଦିବସର ମୂଲ୍ୟ ଲକ୍ଷ୍ୟ । ଜୀବ ଜଗତ ପାଇଁ ମନୁଷ୍ୟ ଓ ପଶୁ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିହାତି ଦରକାର । ସଂଗଠନ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା । ଏହା ସହ ପଶୁମାନଙ୍କ ପ୍ରତି ଅମାନବୀୟ ଅତ୍ୟାଚ୍ଚର ବାରମ୍ବାର ଗଣମାଧ୍ୟମରେ ଦେଖିବାକୁ ମିଳେ, ତେଣୁ ପଶୁ ସୁରକ୍ଷା ଆଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସରକାରଙ୍କ ପାଖରେ ନିବେଦନ କରିଛନ୍ତି ଅନୁଷ୍ଠାନର ସଦସ୍ୟମାନେ । ଏଥିସହିତ ଆବଶ୍ୟକ ଅନୁଯାୟୀ ପଶୁ ଡ଼ାକ୍ତରଖାନା ପ୍ରତିଷ୍ଠା କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଛି । ମନୁଷ୍ୟ, ପଶୁମାନଙ୍କ ପ୍ରତି ସହାନୁଭୂତି ଦେଖାଇବା ନିହାତି ଆବଶ୍ୟକ ବୋଲି ସଂଗଠନର ଅଧକ୍ଷ ମୀର୍ ଅହମ୍ମଦ ଅଲ୍ଲୀ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବନେତା ନଳିନୀକାନ୍ତ ନାୟକ, ୟୁଥ୍ ଫର ଭଲ୍ୟୁ ।ରୀ ୱାର୍କର ଭୁବନେଶ୍ୱର ସଂଯୋଜକ ଅଜିତ ବେହେରା ଓ ସମାଜସେବୀ ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

## କରୋନା ଯୋଦ୍ଧାଙ୍କ ସଚେତନତା

ନୂଆପଡା,୦୫।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଚନାବେଡା ପଂଚାୟତରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଂଚାୟତର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏନଏନଏମ ଏବଂ ସରପଂଚ ପ୍ରମୁଖ ମିଶି ଏହି ସଚେତନତାରେ ଭାଗ ନେଉଛନ୍ତି । ସେମାନେ ଘର ଘର ସର୍ଭେ କରି ମହାମାରୀ କରୋନାରୁ କିପରି ରକ୍ଷା ମିଳିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି । ଲୋକଙ୍କୁ କାମନଥିଲେ ଘରୁ ନବାହାରିବା, ମାକ୍ସ ବ୍ୟବହାର କରିବା, କୋଭିଡ ଲକ୍ଷଣ ଦେଖାଦେଲେ ଟେଷ୍ଟ କରିବା ଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି ।

## ଆଦିବାସୀଙ୍କ ଜମିରୁ ବେଆଇନ ମୋରମ ମାଟି ଖନନ : ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନି

### ପ୍ରଶାସନ ନୀରବଦ୍ରଷ୍ଟା, ପ୍ରତିବାଦ କଲେ ମିଳୁଛି ଧମକ

ଭଦ୍ରକ,୫/୧୦ (ହି.ସ.) - ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଅନ୍ତର୍ଗତ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାର ସୀମାବର୍ତ୍ତୀ ମହାନ୍ତିପଡ଼ା ପ ।ୟତ ପତଡ଼ା ଗ୍ରାମଟି ନିକଟସ୍ଥ ଗିରି ଗୋବର୍ଦ୍ଧନ ପାହାଡ଼ର ପାଦଦେଶରେ ଅବସ୍ଥିତ । ସମଗ୍ର ଗ୍ରାମଟି ମାଙ୍କଡ଼ା ପଥରରେ ପରିପୂର୍ଣ୍ଣ । ପଥର ଉପରେ ପଡ଼ିଥିବା ପଟୁମାଟିରେ ଗ୍ଷ କରି ଜୀବିକା ନିର୍ବାହ କରନ୍ତି ଗ୍ରାମର ଆଦିବାସୀ ସମ୍ପ୍ରଦାୟ । ଦୀର୍ଘଦିନ ଧରି ପଥର, ମୋରମ ମାଫିଆଙ୍କ ନଜର ରହିଛି ଏହି ଆଦିବାସୀ ଗ୍ରାମ ପତଡ଼ା ଉପରେ । ସମୟ ସୁବିଧା ଦେଖି ବିଭାଗୀୟ ଅଧିକାରୀଙ୍କୁ ଚକମା ଦେଖାଇ ରାତ୍ରବେଳା ଜେସିପି ଲଗାଇ ତାଡ଼ି ନେଉଛନ୍ତି କୋଟିକୋଟି ଟଙ୍କାର ମୋରମ । ସ୍ଥାନୀୟ ଆଦିବାସୀ ଏହାକୁ ବିରୋଧ କଲେ ମିଳୁଛି ନାନା ଧମକ । ଯଦ୍ୱାରା ଆଦିବାସୀମାନେ ଭାଗ୍ୟକୁ ଆଦରି ଏହିପରି ଅନ୍ୟାୟକୁ ମୁଣ୍ଡପାତି ସହିବାକୁ ବାଧ୍ୟ ହେଉଛନ୍ତି । ଆଉ କେତେକ ନିରୀହ ଆଦିବାସୀ ବିଭିନ୍ନ ପ୍ରଲୋଭନରେ ପଡ଼ି ମାଫିଆଙ୍କୁ ସାହାଯ୍ୟ କରିବାକୁ ମଧ୍ୟ ପଛାଉ ନାହାନ୍ତି । ଫଳତଃ ଏହି ମୋରମ ଗ୍ରୋରାଗ୍ଲାଣରେ ସରକାରୀ ରାଜସ୍ୱ ହାନି ହେଉଥିବା ବେଳେ ମୋରମ ମାଫିଆମାନେ ମାଲୋମାଲ ହେଉଛନ୍ତି । ବାରମ୍ବାର ଖବର ପ୍ରଗ୍ର ପ୍ରସାର ହେଉଥିଲେ ବି ଭାଙ୍ଗୁନାହିଁ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା । କେତେକ ସରକାରୀ କର୍ମଗ୍ରରୀଙ୍କ ସଲାସୁତରାରେ ଏହି ଗ୍ରୋରାବ୍ୟବସାୟ ଗ୍ଲୁଥିବାର ମଧ୍ୟ ଅଭିଯୋଗ ହୋଇ ଆସୁଛି । ମାଫିଆମାନେ ସମସ୍ତ ନୀତି ନିୟମ ନୈତିକତାକୁ ଜଳାଞ୍ଜଳି ଦେଇ ମୋରମ ତାଡ଼ିନେବା ଫଳରେ ଏହି ଗ୍ରାମର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ ସୃଷ୍ଟି ହୋଇ ବର୍ଷାଦିନେ ପୋଖରୀର ଭ୍ରମ ସୃଷ୍ଟି କରୁଛି । ଅନେକ ସମୟରେ ଏହି ଗର୍ତରେ ପଡ଼ି ବହୁ ଗୃହପାଳିତ ପଶୁ ମୃତ୍ୟୁମୁଖରେ ପଡ଼ୁଥିବା ବେଳେ ଲୋକେ ଖଣ୍ଡିଆ ଖାବରା ହେବାର ନଜିର ରହିଛି । ତେବେ ଏହି ଗ୍ରାମର ସଚେତନ ଆଦିବାସୀମାନଙ୍କ ପକ୍ଷରୁ ଏହାର ଅନୁସନ୍ଧାନ କରାଯାଇ ମୋରମ ଗ୍ରୋରାଗ୍ଲଣକୁ ରୋକିବା ନିମନ୍ତେ ରାଜ୍ୟ ୫ଟି ସଚିବଙ୍କ ସମେତ ଜିଲ୍ଲାପାଳ, ତହସିଲଦାର, ସ୍ଥାନୀୟ ଥାନା, ଡ଼ିଏଫଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପତଡ଼ା ଗ୍ରାମରେ ଗୋଚର, ଅନାବାଦି, ଗ୍ରାମ୍ୟଜଙ୍ଗଲ ଜମି କେତେ ରହିଛି, କେତେ ମୋରମ ଖଣି ନିଲାମ ହୋଇଛି, ରୟାଲିଟି ବାବଦକୁ କେତେ ଅର୍ଥ ଆଦାୟ ହୋଇଛି ବୋଲି ସୁଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଛି ।

## ମହାରଥିଙ୍କ ବିୟୋଗରେ ଖଡିଆଳ ବିଜେଡିର ଶୋକସଭା

ନୂଆପଡା,୦୫।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଏବଂ ନଗର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ, ପିପିଲି ବିଧାୟକ ତଥା ବିଜେଡିର ଟାଣୁଆ ନେତା ପ୍ରଦୀପ ମହାରଥିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ପର୍ଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ନଗର ସଭାପତି ଦୀପକ ଖମାରୀ, ପୂର୍ବତନ ନଗରପାଳ ଖୁଲଣା ବେହେରା, ବରିଷ୍ଠ ବିଜେଡି ନେତା ଚି ରଞ୍ଜନ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପାଞ୍ଜଳୀ ପାଣ୍ଡେ, ନୂଆପଡା ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଜିଲ୍ଲା ପରିଷଦ ସଭ୍ୟା ସନ୍ତୋଷିନୀ ସଲମା, ଯୁବନେତା ମହମ୍ମଦ ସାହିଦ, ଯୁବ ନଗର ସଭାପତି ହେମନ୍ତ ମନହରେ, ଯୁବ ବ୍ଲକ ସଭାପତି ବ୍ରଜ ଭିତରିଆ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ, ଜିଲ୍ଲା ଯୁବ ସମ୍ପାଦକ ରମେଶ ଭୋଇ, ଚନ୍ଦନ ସାହୁ ଜ୍ୟୋତିଲାଲ ବଞ୍ଜାରେ, ନିଖିଲ ମେହେର, ବୃଷପ୍ରଭା ସିଂବାବୁ, ଚନ୍ଦ୍ରଶେଖର ଜାନୀ, ସଚିତ ଚଲାନ, ଗିରିଧାରୀ ହଂସ, ପଦ୍ମନାଭ କରୁଆଁ, ପ୍ରହଲ୍ଲାଦ ପୋଡ, ପରିକ୍ଷିତ ସତନାମୀ, ସନ୍ତୋଷ ବିଶି, ନିମାଇଁ ପଟେଲ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇ ଅମର ଆତ୍ମାର ସଦ୍‌ଗତି ସକାଶେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

## ସରକାରୀ ମହିଳା ମହାବିଦ୍ୟାଳୟରେ ୱେବିନାର

ଜୟପୁର,୦୫।୧୦ (ନି.ପ୍ର): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଯୁବ ରେଡକ୍ରସ ଆନୁକୁଲ୍ୟରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏକବିଂଶ ଶତାବ୍ଦୀରେ ଗାନ୍ଧୀବାଦ ଶାର୍ଷକ ବିଷୟ ଉପରେ ଆଧାରିତ ୱେବିନାରରେ ଉଚ୍ଚଶିକ୍ଷା ଆଂଚଳିକ ନିର୍ଦ୍ଦେଶାଳୟ ଜୟପୁରର ଆଂଚଳିକ ନିର୍ଦ୍ଦେଷକ ତ୍ରିନାଥ ପ୍ରସାଦ ରଥ ମୁଖ୍ୟ ଅତିଥି ଓ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁବନେଶ୍ୱରର ସୁନାମଧନ୍ୟ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡମି ପୁରସ୍କାର ପ୍ରାପ୍ତ ଲେଖକ ତଥା ଅଧ୍ୟାପକ ଡ. ପ୍ରମୋନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଜି ମଧ୍ୟ ମହାମାନବ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ଦର୍ଶନ ବିଶ୍ୱ ପାଇଁ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ୱେବିନାରର ଆବାହିକା ଡ. କନକ ଲତା ମହାପାତ୍ର ସମସ୍ତ ଅତିଥି, ଅଧିକାରି ଓ ପ୍ରତିଭାଗୀଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜର ଅଧକ୍ଷା ମହାତ୍ମାଗାନ୍ଧୀଜିଙ୍କ ଗାନ୍ଧୀବାଦର ପ୍ରାସଙ୍ଗିତା ସମ୍ବନ୍ଧରେ ସଂକ୍ଷେପରେ ଆଲୋକପାତ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଆଂଚଳିକ ନିର୍ଦ୍ଦେଶକ ରଥ ଅତି ଚମତ୍କାର ଭାବେ ଗାନ୍ଧୀବାଦର ତାତ୍ପର୍ଯ୍ୟ ଓ ଆଜିର ଆବଶ୍ୟକତା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ । ସାରା ରାଜ୍ୟରୁ ଶହେରୁ ଅଧିକ ପ୍ରତିଭା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ୱେବିନାର ଆରମ୍ଭରୁ କୁନି କଣ୍ଠରେ ଅମ୍ଳାନ ମହାପାତ୍ରଙ୍କ ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନକୋ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶେଷରେ ଓଡିଆ ବିଭାଗର ବିଭାଗୀୟ ମୁଖ୍ୟ ଡମ୍ବୁଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

## ରେଲୱେ କାଉଣ୍ଟରରେ ପ୍ରବଳ ଭିଡ଼, କଳା ବଜାରରେ ଟିକେଟ୍ କିଣୁଛନ୍ତି ପ୍ରବାସୀ

କେନ୍ଦ୍ରାପଡା,୦୫।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସର ରେ ଥିବା ରେଲୱେ କାଉଣ୍ଟରରେ ସୁରଟ, ଚେନାଇ, ହାଇଦ୍ରାବାଦ ପ୍ରଭୃତି କର୍ମସ୍ଥାନକୁ ଫେରିବା ପାଇଁ ପ୍ରବାସୀ ମାନଙ୍କ ଭିଡ଼ ହେଉଥିବା ଦେଖା ଦେଇଛି । କରୋନା ଲକଡାଉନ ସମୟରେ ସେହି ସବୁ ସ୍ଥାନ ମାନଙ୍କରୁ ଜିଲ୍ଲାକୁ ଫେରି ଆସିଥିବା ପ୍ରବାସୀ ମାନେ ଦୀର୍ଘ ୪ ମାସ ହେଲା ଗାଁରେ ରହିବା ପରେ କର୍ମ ସଂସ୍ଥାନ ନପାଇ ରୋଜଗାର ଆଶାରେ ପୁଣି ସେହିସବୁ ସ୍ଥାନକୁ ଫେରିଯିବା ପାଇଁ ବାଧ ହେଉଛନ୍ତି । ଜିଲ୍ଲା ପାଇଁ ଥିବା ଏହି ଏକମାତ୍ର ରେଲୱେ କାଉଣ୍ଟରରେ ଟିକେଟ ପାଇଁ ବହୁ ଗହଳି ହେଉଥିବାରୁ ଏହାର ସୁଯୋଗ ନେଇ କେତେକ ବ୍ୟକ୍ତି ଟିକେଟ ଆଗୁଆ କିଣି କଳା ବଜାର କରୁଥିବା ଅଭିଯୋଗ ହୋଇଛି । ଏହି ବ୍ୟକ୍ତିମାନେ ଅଯଥା ଭଡ଼ କରି ଦୂରରୁ ଆସୁଥିବା ଲୋକମାନଙ୍କୁ ସୁଯୋଗ ଦେଉ ନଥିବା ସହ ତାଙ୍କ ଠାରୁ ନାଁ ଓ ଠିକଣା ଆଣି ଟିକେଟ କିଣି ଅଧିକ ଦାମରେ ବିକୁଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବହୁ ପ୍ରବାସୀ ନିବେଦନ କରିଛନ୍ତି ।

## ଅନ୍ଧ ବିଶ୍ୱାସରୁ ମୁକୁଳି ପାରୁନାହାଁନ୍ତି ଗ୍ରାମବାସୀ : ଦାଣ୍ଡଦୁଆର ମୁକୁଳା ପଡିଛି

ଭଦ୍ରକ, ୫/୧୦ (ହି.ସ.) - ଦୁଆର ଅଛି ହେଲେ କବାଟ ନାହିଁ । ଜଣେ ଅଥବା ଦୁଇଜଣଙ୍କର କଥା ନୁହେଁ ଗାଁ ଟା ସାରା ସଭିଙ୍କ ଦାଣ୍ଡ ଦୁଆର ମୁକୁଳା ପଡିଛି । ଘରର କବାଟ ଝରକା ଲାଗିଲେ ମା'ଙ୍କ କୋପ ଦୃଷ୍ଟି ପଡିବା ଭୟରେ ଗାଁଟା ଯାକ ଏହି ରାସ୍ତା ଆପଣାଇ ନେଇଛନ୍ତି । କେବଳ ସେତିକି ନୁହେଁ ଗାଁରେ ଡିଙ୍କି ବ୍ୟବହାରକୁ ମଧ୍ୟ ନିଷିଦ୍ଧ କରାଯାଇଛି । ଯାହାକି ଆଜିର ବିଜ୍ଞାନ ଯୁଗର ମଣିଷଙ୍କ ପାଇଁ ଏକ ଅବାସ୍ତବ ଏବଂ ହାସ୍ୟାସ୍ପଦ ମନେ କରାଯାଉଥିଲେ ମଧ୍ୟ ବାଙ୍କମୁହାଁ ହରିଜନ ସାହିର ଲୋକଙ୍କ ପାଇଁ ସତ ସାବ୍ୟସ୍ତ ହୋଇଛି । ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ନପଙ୍ଗ ପଂଚାୟତ ବାଙ୍କମୁହାଁ ହରିଜନ ସାହିରେ ଏହି ଅନ୍ଧ ପରମ୍ପରା ଚଳିଆସୁଛି । ସାହିରେ ପାଖାପାଖି ୪୫ ପରିବାର ରହୁଥିବାବେଳେ ମାତ୍ର ୩ ଘରକୁ ଛାଡିଦେଲେ ଅନ୍ୟ ସମସ୍ତଙ୍କ ଦୁଆର ମୁକୁଳା ପଡିଛି । ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ଗୋଲକ ଜେନାଙ୍କ କହିବା ଅନୁଯାୟୀ ଆଜିକୁ ଅନେକ ବର୍ଷ ତଳେ ଏହି ଗାଁର ଭିକାରୀ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ନଈବଢିରେ ଭାସି ଆସୁଥିବା ଏକ କାଠ ଗଣ୍ଡି ମିଳିଥିଲା । ଯାହାକୁ ସ୍ୱପ୍ନାକୃତ ହୋଇ ଗାଁ ମଝିରେ ଥିବା ଏକ ଅଶ୍ୱସ୍ଥ ଗଛ ମୂଳରେ ରଖି ପୂଜାପାଠ କରାଯାଉଥିଲା । ମା'ଙ୍କ ନିର୍ଦ୍ଦେଶ ମତେ କେହି ନିଜ ଘରେ କବାଟ-ଝରକା ଲଗାଉ ନଥିଲେ କିମ୍ବା ଡିଙ୍କି ବସାଉନଥିଲେ । କେବଳ ସେତିକି ନୁହେଁ ମହିଳାମାନଙ୍କୁ କଳା ଲୁଗା କଳା ଚୁଡି ବ୍ୟବହାର କରିବାକୁ ବାରଣ ରହିଥିବାବେଳେ ଗ୍ରାମବାସୀଙ୍କୁ କଳା ରଙ୍ଗ ଛତା ବ୍ୟବହାର କରିବାକୁ ମଧ୍ୟ ନିଷେଧ କରାଯାଇଥିଲା । ପ୍ରତି ଶନିବାର ଏବଂ ମଙ୍ଗଳବାର ମା'ଙ୍କ ପାଖରେ କାଳିସି ଲାଗୁଥିଲା, ଯାହାକି ଗ୍ରାମବାସୀଙ୍କୁ ବିପତି ଆପତିରୁ ରକ୍ଷା କରୁଥିଲା । ଗ୍ରାମବାସୀଙ୍କ କହିବା ଅନୁଯାୟୀ ମାଆଙ୍କର ଏହି ପରମ୍ପରା ଭଙ୍ଗ କଲେ କେବଳ ପରମ୍ପରା ଭଙ୍ଗକାରୀ ଗୃହକର୍ତା ଅଥବା ତାଙ୍କ ପରିବାର ନୁହଁନ୍ତି ସମଗ୍ର ଗାଁକୁ ବିପତି ମାଡିଆସିବ । ଏହାକୁ ଏକ ଅନ୍ଧବିଶ୍ୱାସ କହି ଗାଁର କିଛି ଲୋକ ସେମାନଙ୍କ ଘରେ କବାଟ ଲଗାଇବା ଆରମ୍ଭ କରିଥିଲେ ମଧ୍ୟ ଅନ୍ଧବିଶ୍ୱାସର ଅନ୍ଧାରି ଗଳିରେ ସେମାନଙ୍କ ପ୍ରୟାସ କେବଳ ପ୍ରୟାସରେ ସୀମିତ ରହିଛି । ୨୦୧୧ ମସିହାରେ ଗାଁର ନଟବର ଜେନା ନିଜ ଘରେ ପ୍ରଥମେ କବାଟ ଲଗାଇଥିଲେ । ପରେ ତାଙ୍କୁ ଅନୁସରଣ କରି ଗାଁର ଆଉ ୨ ଘର କବାଟ ଲଗାଇଛନ୍ତି । ତେବେ କବାଟ ଲଗାଇଥିବା ଏହି ୩ ପରିବାରଙ୍କର ଆଜିସୁଦ୍ଧା କୌଣସି ଅସୁବିଧା ହୋଇନାହିଁ । ଏହାସତ୍ୱେ ମଧ୍ୟ ଅନ୍ଧ ବିଶ୍ୱାସର ଅନ୍ଧାରିଗଳିରୁ ମୁକୁଳି ପାରିନାହାଁନ୍ତି ଗ୍ରାମବାସୀ । ତେବେ ମୁକୁଳା ଦୁଆର ଯୋଗୁଁ ବୁଲା କୁକୁର ଏବଂ ଗୋରୁଗାଇ ଘରେ ପଶି ଲୋକଙ୍କ ଖାଦ୍ୟ ନଷ୍ଟ କରୁଥିବା ବେଳେ ଗ୍ରାମବାସୀଙ୍କ ଜୀବନ ପ୍ରତି ବିଷାକ୍ତ ସରୀସୃପ ଭୟ ରହିଛି । ହେଲେ ଅନ୍ଧବିଶ୍ୱାସୀ ଗ୍ରାମବାସୀ ସବୁ କିଛି ମା'ଙ୍କ ଇଚ୍ଛା କହି ପ୍ରସଙ୍ଗ ଟାଳି ଯାଉଛନ୍ତି । ଆଜିର ଏହି ବିଜ୍ଞାନ ଯୁଗରେ ଏହାକୁ ବିଶ୍ୱାସ କୁହାଯିବ ନା ଅନ୍ଧବିଶ୍ୱାସ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଓଡ଼ିଆ ଆଇଟି ପ୍ରଫେସନାଲ ପ୍ରଦୀପ ଗିରିଙ୍କ ବିୟୋଗରେ ଶୋକସଭା



ବାରିପଦା,୦୫।୧୦ (ନି.ପ୍ର): ଓଡ଼ିଆ ଆଇଟି ପ୍ରଫେସନାଲ ପ୍ରଦୀପ ଗିରି ମୁମ୍ବାଇ ସ୍ଥିତ ତାଙ୍କ ବାସଭବନରେ ୫୩ ବର୍ଷ ବୟସରେ ଇହଲୀଳ ସମ୍ବରଣ କରିଛନ୍ତି । ହଠାତ ହୃଦକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ମୃତ୍ୟୁ ବେଳକୁ ତାଙ୍କ ପାଖରେ ଧର୍ମପନ୍ନୀ ଓ ଏକମାତ୍ର କନ୍ୟା ପ୍ରଜ୍ଞାଶ୍ରୀ ଉପସ୍ଥିତ ଥିଲେ । ପ୍ରଜ୍ଞାଶ୍ରୀ ଏବେ ଦଶମ ଶ୍ରେଣୀ ରେ ଅଧୟନ କରୁଛନ୍ତି । ମୁମ୍ବାଇରେ ରହୁଥିବା ଓଡ଼ିଆ ସମାଜ ଓ କିଛି ବଂଧୁଙ୍କ ସହାୟତାରେ ଶବ ସତ୍କାର କରା ଯାଇଥିଲା । ସ୍ୱର୍ଗତଃ ଗିରି ନିଜର ଜନ୍ମସ୍ଥାନ ମୟୁରଭ ଜିଲ୍ଲାରେ ଅବସ୍ଥିତ ରାଇରଙ୍ଗପୁର କଲେଜରୁ ଗଣିତରେ ସ୍ନାତକ ସାରି ୧୯୮୮ ମସିହାରେ ରେଭେନ୍ସା ମହାବିଦ୍ୟାଳୟରେ ଏମ.ଏସ.ସି. ଗଣିତ ବିଭାଗରେ ନାମ ଲେଖାଇଥିଲେ । ଅତି ସଫଳତାର ସହ ପ୍ରଥମ ଶ୍ରେଣୀରେ ପାସ କରି ନେଟ ପରୀକ୍ଷାରେ ମଧ୍ୟ ସଫଳ ହେଇଥିଲେ । ଯାହାକି ଏକ ବିରଳ କୃତିତ୍ୱ ଥିଲା । କାରଣ ରେଭେନ୍ସା ଓ ବାଣୀବିହାରରେ ଗଣିତ ବିଭାଗରେ ସେବର୍ଷର ଏକମାତ୍ର ଛାତ୍ର ଭାବରେ ସେ କ୍ୱାଲିଫାୟ କରିଥିଲେ । ତାପରେ ସେ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନଷ୍ଟିଚ୍ୟୁଟରୁ କମ୍ପୁଟର ସାଇନ୍ସରେ ଏମ.ଟେକ କରି ମୁମ୍ବାଇ ସ୍ଥିତ ଆଇଟି କମ୍ପାନୀ ସାଇନଟେଲରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ସେଠାରେ ଦୀର୍ଘ କୋଡ଼ିଏ ବର୍ଷ କାର୍ଯ୍ୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ପିଲାଦିନ ତାଙ୍କର ଦାରିଦ୍ର୍ୟ ଭିତରେ କଟିଥିଲା ଓ ସେଜଣେ ସରଳ ଓ ନିଷ୍କପଟ ବ୍ୟକ୍ତିତ୍ୱ ଥିଲେ । ତାଙ୍କର ବିୟୋଗରେ ରେଭେନ୍ସା କଲେଜ ୧୯୯୦ ବ୍ୟାଚର ଗଣିତ ବିଭାଗ ଛାତ୍ର ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା, ଚିତରଂଜନ ରାଉତରାୟ, ଅକ୍ଷୟ ଦାସ, ନଟବର ଦାସ, ବୃନ୍ଦାବନ ରାଉତ, ସୁଧୀର ନାଥ, ଭକ୍ତବନ୍ଧୁ ଓଝା, ଦୀନବନ୍ଧୁ ପଣ୍ଡା, ଦେବାଶିଷ ସାମନ୍ତରାୟ, ମଳୟ ମିଶ୍ର ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିବାସହ ଆମର ଆତ୍ମାର ସଦଗତି କାମନା କରିଛନ୍ତି ।

## ବସ୍ ଦୁର୍ଘଟଣାଗ୍ରସ୍ତ : ୭ ଶ୍ରମିକ ଗୁରୁତର

ମାଲକାନଗିରି, ୪ ଅକ୍ଟୋବର (ହି.ସ.)- ୩୨୬ ନଂ ଜାତୀୟ ରାଜପଥର ଚମ୍ପାଖାରି ନିକଟରେ ଆଜି ସକାଳେ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ୭ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ଉଦ୍ଧାର ପରେ ସେମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ସୂଚନା ଅନୁଯାୟୀ, ବସ୍ ଟି ପ୍ରାୟ ୩୦ ଜଣ ଶ୍ରମିକଙ୍କୁ ନେଇ ସୋନପୁରରୁ ତାମିଲନାଡୁ ତ୍ରିଚୁର ଅଭିମୁଖେ ଯାତ୍ରା କରୁଥିଲା । ଚମ୍ପାଖାରି ନିକଟରେ କୌଣସି କାରଣରୁ ବସ୍ ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା । ଫଳରେ ୭ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅନ୍ୟ କେତେକ ଖଣ୍ଡିଆ ଖାବରା ହୋଇଥିବା ଜଣାପଡିଛି ।

## କେନ୍ଦ୍ରାପଡା ପୌରସଂସ୍ଥା ଓ ସ୍ପୋର୍ଟସ ଆଥେଲିଟିକ ତରଫରୁ ଯୋଗ ଶିବିର

କେନ୍ଦ୍ରାପଡା,୦୫।୧୦ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଓ ସ୍ପୋର୍ଟସ ଆଥେଲିଟିକ ପକ୍ଷରୁ ଏକ ଯୋଗ ବ୍ୟାୟାମ କର୍ମଶାଳା ପବିତ୍ର ଗାନ୍ଧି ଜୟନ୍ତୀ ଅବସରରେ ଅନୁଷ୍ଠିତ ହୋଇଯାଇଛି । ମ୍ୟୁନିସିପାଲିଟି ଟାଉନ ହଲ ପରିସରରେ ଅନୁଷ୍ଠିତ ଏହି କର୍ମଶାଳାରେ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ସଂଜୀବ କୁମାର ମହାନ୍ତି ,ଭୁବନ ମୋହନ କାନୁନଗୋ, ଅରବିନ୍ଦ ପରିଡା, ସୁମିତ୍ ପଟ୍ଟନାୟକ, ମନୋରଞ୍ଜନ ଦାସ, ଆଥେଲିଟିକ ସୌକତ ଖାନ, ସେକ ଆବାସଙ୍କ ସମେତ ସରୋଜ କୁମାର ଲୁଗୁନ, ସୁହାନା ପରୱିନ୍ , ପରୱାନା ବେଗମ୍, ପୁନମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କନ୍ଧମାଳର ନୂତନ ଲୋକଗୀତ ବାବୁର୍ ମା ଉନ୍ମୋଚିତ

କନ୍ଧମାଳ,୦୫।୧୦ (ନି.ପ୍ର): କନ୍ଧମାଳ ଜିଲାରେ ଅଛନ୍ତି କିଛି ସଙ୍ଗୀତ କଳାକାର ସମୋନଙ୍କ ମଧ୍ୟରୁ କିଛି କଳାକାର ସେମାନଙ୍କର ନିଜସ୍ୱ ଉଦ୍ୟମରେ କେତେକ ସଙ୍ଗୀତ ଆଲବମ୍ ଏବଂ ଭଜନ କ୍ୟାସେଟ ତିଆରି କରିବା ସହିତ ଆଉ କିଛି ଭିଡିଓ ଆଲବମ ମଧ୍ୟ କରିଛନ୍ତି । ସେହିପରି ଜିଲ୍ଲାରେ "ବାବୁର ମା" ନାମରେ ଆଉ ଏକ ନୂତନ ଲୋକଗୀତ ଉନ୍ମୋଚିତ ହୋଇଯାଇଛି । ସାରେଗାମା ନିବେଦିତ ଉକ୍ତ ଲୋକୀଗୀତରେ ଜିଲ୍ଲାର ଯୁବ କଳାକାର ଅମିର କୁମାର ସାହାଣୀ ଓ ଚନ୍ଦ୍ରମା କଣ୍ଠଦାନ କରିଥିବା ବେଳେ ପି.ଭାସ୍କାର ସଙ୍ଗୀତ ରଚନା କରିଛନ୍ତି । ଏହି ଲୋକଗୀତର ଗୀତିକାର ହେଉଛନ୍ତି ଲୋକପ୍ରିୟ କଳାକାର ରଞ୍ଜିତ ମୁଖି । ଟିଂଟୁ ମହାନ୍ତିଙ୍କ ଦ୍ୱାରା ପ୍ରାୟୋଜିତ ଏହି ଲୋକଗୀତ ବାଲିଗୁଡ଼ା ସ୍ଥିତ ସାରେଗାମା ଷ୍ଟୁଡିଓରେ ରେକଡ଼ିଷ୍ଟ ଅରୁଣ କୁମାର ନାୟକଙ୍କ ଦ୍ୱାର ରେକର୍ଡ଼ କରାଯାଇଥିବା ବେଳେ ଚିତରଞ୍ଜନ ସାହୁ, ଭାବଗ୍ରାହୀ ସାହାଣୀ, ସୁଭମ ମହାନ୍ତି ଓ ଶିବମ ମହାନ୍ତି ପ୍ରମୁଖ ସହଯୋଗ କରିଛନ୍ତି ।

# ଅପେକ୍ଷା କରିଛି ଖାଦ୍ୟ ଉଦ୍ୟୋଗ

ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ କାହାର ବା ଆଗ୍ରହ ନ ବଢ଼ିବ ! କେବଳ ଖାଇବା ନୁହେଁ, ଏ କ୍ଷେତ୍ରରେ ନିଜର କ୍ୟାରିୟର ମଧ୍ୟ ଗଢ଼ିପାରିବେ । ପାରମ୍ପରିକ ଧାରାରୁ ବାହାରି ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ସ୍ୱାଦିଷ୍ଟ ସ୍ୱାଗତ କରିବ । ଷ୍ଟାଟିଷ୍ଟାଂର ଏକ ରିପୋର୍ଟ ଅନୁସାରେ ଗତବର୍ଷ ଦେଶରେ ଖାଦ୍ୟ ଉଦ୍ୟୋଗର ଆକାର ପ୍ରାୟ ୨୫ .୯୯ ବିଲିଅନ ଡଲାର ପାଖାପାଖି ରିଥିବା ବେଳେ ଆଗାମୀ ଦୁଇବର୍ଷ ମଧ୍ୟରେ, ଅର୍ଥାତ୍ ୨୦୨୦ ସୁଦ୍ଧା ଏହା ୪୫.୯୭ ବିଲିଅନ ଡଲାରକୁ ଛୁଇଁବ ବୋଲି ଆଶା କରାଯାଉଛି । ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ମଧ୍ୟ ସେହିପରି ବ୍ୟାପକ ହୋଇପାରିବ । କୌଣସି ତାରକା ହୋଟେଲରେ ସେଫ ହେବା ବ୍ୟତୀତ ଖାଦ୍ୟ ପ୍ରକ୍ରିୟାକରଣ, ମାନ ପରୀକ୍ଷଣ, ପ୍ୟାକେଜିଂ, ମାର୍କେଟିଂ ପରି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ । ଖାଦ୍ୟ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ଦେଇପାରୁଥିବା କେତେକ ଦିଗ ସମ୍ପର୍କରେ ଜାଣନ୍ତୁ ।
ଫୁଡ୍ କ୍ରିଟିକ: ଖାଦ୍ୟପ୍ରିୟ ବ୍ୟକ୍ତିଙ୍କ ଲାଗି ଏହା କ୍ୟାରିୟର ଗଢ଼ିବାର ଏକ ଭଲ ବିକଳ୍ପ । ଏଥିରେ ଦେଶର ଭିନ୍ନଭିନ୍ନ ସ୍ଥାନକୁ ଯାଇ ସେଠାକାର ସ୍ଥାନୀୟ ଖାଦ୍ୟର ସ୍ୱାଦ, ସୁଗନ୍ଧ, ଗୁଣବତ୍ତା ସମ୍ପର୍କରେ ପରଖିବା ସହିତ ଏହି ଅନୁଭୂତିକୁ ଆଲୋଖ୍ୟ କିମ୍ବା ଭିଡିଓ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ସେୟାର କରିବାକୁ ହୋଇଥାଏ । ପୁଷ୍ପେଶ ପନ୍ତ, ରଶ୍ମି ଉଦୟ ସିଂହ , ମଧୁର ଜାଫ୍ରି, ବାର ସାଂଘଭି ପ୍ରମୁଖ ଦେଶର ବହୁପରିଚିତ ଫୁଡ୍ କ୍ରିଟିକ ବା ଖାଦ୍ୟ ସମୀକ୍ଷକ ।





**ଶିକ୍ଷାଗତ ଯୋଗ୍ୟତା:-**
ଖାଦ୍ୟପ୍ରିୟ ହେବା ସହିତ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ, ଫ୍ଲେଭର ତଥା ଅନ୍ୟାନ୍ୟ ଉପାଦାନ ସମ୍ପର୍କରେ ଧାରଣା ରହିବା ଜରୁରୀ । ହେଟେଲ ମ୍ୟାନେଜମେଣ୍ଟ ତଥା କୁଲିନାରୀ ଆର୍ଟରେ ସ୍ନାତକ ହାସଲ କରିପାରନ୍ତି । ଲେଖିବା ଶୈଳୀକୁ ଉନ୍ନତ କରିବା ସହିତ ଇଂରାଜୀ ସାହିତ୍ୟ ଏବଂ ଗଣଯୋଗାଯୋଗ ପାଠ୍ୟକ୍ରମରେ ଶିକ୍ଷାଲାଭ କରିବା ସହାୟକ ହୋଇଥାଏ ।

**ନିଯୁକ୍ତି ସୁଯୋଗ:-**
ବଡ଼ ବଡ଼ ରେଷ୍ଟୋରାଁ, କାଫେ ହୋଟେଲ ଆଦି ନିଜ ପ୍ରସ୍ତୁତ ଖାଦ୍ୟର ସମୀକ୍ଷା ଲାଗି ଖାଦ୍ୟ ସମୀକ୍ଷକଙ୍କୁ ଆମନ୍ତ୍ରଣ କରନ୍ତି । ଏହା ବ୍ୟତୀତ ବୈଦ୍ୟୁତିକ ଏବଂ ମୁଦ୍ରଣ ଗଣମାଧ୍ୟମ ସହିତ ଖାଦ୍ୟ ସଂକ୍ରାନ୍ତ ୱେବସାଇଟରେ ବି ନିଜ ସମୀକ୍ଷା ଉପସ୍ଥାପନ କରିପାରିବେ ।

**ଫୁଡ୍ ବ୍ଲଗର:-**
କୌଣସି ଭଲ ରେଷ୍ଟୋରାଁ ଖୋଜୁଥିଲେ କିମ୍ବା ଅନଲାଇନରେ ଖାଦ୍ୟ ଅର୍ଡର କରିବାକୁ ଚାହୁଁଥିଲେ ପ୍ରଥମେ ଅନ୍ୟ ଭିଜିଟରମାନଙ୍କ ସମୀକ୍ଷାକୁ ଅନଲାଇନରେ ପରଖିଥାନ୍ତି । ଏଗୁଡ଼ିକ ମଧ୍ୟରୁ ଏକାଧିକ ଫୁଡ ବ୍ଲଗର୍ସ ଲେଖିଥାନ୍ତି । ନିଜ ସହର ତଥା ଦେଶଦୁନିଆର ବିଭିନ୍ନ ସ୍ଥାନ ବୁଲି ସେଠାକାର ଦର୍ଶନୀୟ ସ୍ଥାନ ଏବଂ ସ୍ୱତନ୍ତ୍ର ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବା ସେମାନଙ୍କ ସଉକ ହୋଇଥାଏ । ଫୁଡ ବଲଗିଙ୍ଗ ଏବକାର ଯୁବପିଢ଼ି ମଧ୍ୟରେ ଏକ ପସନ୍ଦଯୋଗ୍ୟ ପେସା ପାଲଟିଛି ।

**ଶିକ୍ଷାଗତ ଯୋଗ୍ୟତା:**
ଏଥିପାଇଁ କୌଣସି ବିଶେଷ ପାଠ୍ୟକ୍ରମ ନଥିଲେ ବି ଫଟୋଗ୍ରାଫି, ଆଲେଖ୍ୟ ପ୍ରସ୍ତୁତ କରିବା, ବ୍ଲିଗିଙ୍ଗ ସହିତ ସୋସିଆଲ ମିଡିଆ ପରିଚାଳନା ଓ ଏଥିସହ ଜଡ଼ିତ ବିଭିନ୍ନ କୌଶଳ ଜାଣିବା ଲାଗି ସ୍ୱତନ୍ତ୍ର ଶିକ୍ଷା ହାସଲ କରିପାରନ୍ତି । ଡିଜିଟାଲ ମାର୍କେଟିଂ ଏବଂ ୱେବ୍ ଡିଜାଇନିଂ ଶିଖିବା ମଧ୍ୟ ଭଲ ।

**ନିଯୁକ୍ତି ସୁଯୋଗ:-**
ଅଧିକାଂଶ ଫୁଡ ବ୍ଲଗର ନିଜସ୍ୱ ବ୍ଲଗରେ ଲେଖୁଥିବା ବେଳେ ଖାଦ୍ୟ ଏବଂ ଜୀବନ ଶୈଳୀ ସଂକ୍ରାନ୍ତ ପ୍ରତିଷ୍ଠିତ ୱେବସାଇଟଗୁଡ଼ିକରେ ବି ଏମାନଙ୍କୁ ପୂର୍ଣ୍ଣ ସମୟ ଆଂଶିକ ସମୟ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ ।

**ନ୍ୟୁଟ୍ରିସନିଷ୍ଟ:-**
ଜଣଙ୍କର ବୟସ୍କ ଓଜନ ଉଚ୍ଚତା ଏବଂ ଲିଙ୍ଗ ଅନୁଯାୟୀ ତାଙ୍କ ପାଇଁ ସଠିକ୍ ଖାଦ୍ୟ ଏବଂ ପୋଷକ ତତ୍ତ୍ୱ ନିର୍ଦ୍ଧାରଣ କରିବା ଲାଗି ନ୍ୟୁଟ୍ରିସପିଷ୍ଟ ବା ପୋଷକ ତତ୍ତ୍ୱ ବିଶେଷଜ୍ଞ ଆବଶ୍ୟକ ହୋଇଥାନ୍ତି । ଏବେ ଦିନକୁ ଦିନ ଜୀବନଶୈଳୀ ସଂକ୍ରାନ୍ତ ରୋଗ ବଢ଼ି ଚାଲିଥିବାରୁ ଏଭଳି ବିଶେଷଜ୍ଞଙ୍କ ପରାମର୍ଶ ବେଶୀ ଦରକାର ହେଉଛି ।

**ଶିକ୍ଷାଗତ ଯୋଗ୍ୟତା:-**
ହୋମସାଇନ୍ସ, ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ ଆଣ୍ଡ ଡାୟାବେଟିକ୍ସରେ ସ୍ନାତକତ୍ତୋର ହାସଲ କରିବାକୁ ହୁଏ । ଏହା ସହିତ କଣ୍ଟର୍ଣ୍ଣସିପ୍ ସମ୍ପୂର୍ଣ୍ଣ କରିବା ସହ ଆଇଡିଏର ଲାଇସେନ୍ସ ଲାଗି ହେଉଥିବା ପରୀକ୍ଷା ପାସ କରିବା ଜରୁରୀ ।

**ନିଯୁକ୍ତି ସୁଯୋଗ:-**
ପୋଷକ ତତ୍ତ୍ୱବିଶେଷଜ୍ଞ ଭାବେ ପେଡିଆଟ୍ରିକ ନ୍ୟୁଟିସନ ସେଣ୍ଟର, ବେସରକାରୀ ଚିକିତ୍ସାକେନ୍ଦ୍ର, ବୃଦ୍ଧାଶ୍ରମ, ସ୍ପୋର୍ଟସ କ୍ଲବ୍, ଜିମ, ସ୍ଲିମିଂ ସେଣ୍ଟର ଆଦିରେ କ୍ୟାରିୟର ଗଢ଼ିପାରିବେ ।

**ଫ୍ଲେଭର କେମିଷ୍ଟ :-**
ବଜାରରେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ଭିନ୍ନଭିନ୍ନ ସ୍ୱାଦ, ଯଥା- ଅରେଞ୍ଜ ଫ୍ଲେଭର ଷ୍ଟ୍ରବେରୀ ଫ୍ଲେଭର ଆଦିରେ ମିଳିଥାଏ । ଏହାକୁ ପ୍ରସ୍ତୁତ କରିବା ଲାଗି ଫ୍ଲେଭର କେମିଷ୍ଟ ଦରକାର ହୁଅନ୍ତି । ଏମାନେ ମୂଳ ସ୍ୱାଦ ଦେଇପାରୁଥିବା ତତ୍ତ୍ୱକୁ ଠାବ କରି ପ୍ରସ୍ତୁତ କରୁଥିବା ଖାଦ୍ୟରେ ଏହାକୁ ମିଶାଇ ଦିଅନ୍ତି । ଫଳରେ ଖାଦ୍ୟର ସ୍ୱାଦ ବଦଳିଯାଏ ।

**ଶିକ୍ଷାଗତ ଯୋଗ୍ୟତା:-**
ଏଥିପାଇଁ କେମିଷ୍ଟ୍ରି ବାୟୋକେମିଷ୍ଟ୍ରି କିମ୍ବା ଫୁଡ ସାଇନ୍ସରେ ସ୍ନାତକ ତଥା ସ୍ନାତକୋତ୍ତର ଉପାଧି ହାସଲ କରିବାକୁ ହୋଇଥାଏ । ଏହା ବ୍ୟତୀତ ସ୍ୱାଦ ଏବଂ ସୁଗନ୍ଧ କରିବାରେ ବିଶେଷ ଦକ୍ଷତା ରହିଥିବା ଜରୁରୀ ।

**ନିଯୁକ୍ତି ସୁଯୋଗ:-**
ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ଚା, କଫି, ଏବଂ ପାନୀୟ ପ୍ରସ୍ତୁତକାରୀ ଉଦ୍ୟୋଗ ଗୁଡ଼ିକରେ ନିଯୁକ୍ତି ମିଳିପାରେ । ଏହା ସହିତ ଔଷଧ , ପ୍ରସାଧନ ସାମଗ୍ରୀ ଏବଂ ପଶୁଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବି ଫ୍ଲେଭର କେମିଷ୍ଟ ଆବଶ୍ୟକ କରିଥାନ୍ତି ।



## ପସନ୍ଦ କରିପାରନ୍ତି ସର୍ଟ ଜ୍ୟାକେଟ

ଶୀତ ଓ ଗରମର ମଝି ସମୟରେ ଫେଶନ ଉପଯୋଗୀ ପୋଷାକ ବାଛିବା କଷ୍ଟକର ହୋଇଯାଏ । ଏପରି କ୍ଷେତ୍ରରେ ୱେଷ୍ଟ କୋଟ ବା ସର୍ଟ ଜ୍ୟାକେଟ୍ ଭଲ ବିକଳ୍ପ ହୋଇପାରିବ । ବଜାରରେ ଫ୍ଲୋରାଏ, ଫ୍ରିଞ୍ଜଡ, ଟ୍ରାଇବାଲ, ଜିଓମେଟ୍ରିକାଲ, ଏମୋଡେରୀ ତଥା ରାଜସ୍ଥାନୀ ପିଣ୍ଟ ଡିଜାଇନର ସର୍ଟ ଜ୍ୟାକେଟ ମିଳୁଛି । ଏହାକୁ ସାର୍ଟ, କୁର୍ତ୍ତି, ୱାନପିସ ତଥା ଗୋଟିଏ ରଙ୍ଗର ପୋଷାକ ସହିତ ମିଶାଇ ପିନ୍ଧିଇବାରେ ସମସ୍ୟା ଅନୁଭବ କରୁଥିଲେ ସେମାନଙ୍କ ପାଇଁ ଏହି ୱେଷ୍ଟ କୋଟ ଭଲ କାମ ଦେବ । ଟପ ଏବଂ ମ୍ୟାକ୍ସିଡ୍ରେସ ସହିତ ବି ଏହା ଭଲ ମାନିଥାଏ ଯୁବପିଢ଼ିଙ୍କର ବିଶେଷ ପସନ୍ଦ ହେଉଥିବା ଏବଂ ଫେଶନରେ ରହିଆସିଥିବା କେତେକ ୱେଷ୍ଟ କୋଟ ହେଲା:

**ଜୟପୁରୀ:-** ଏହି ଡିଜାଇନର ୱେଷ୍ଟକୋଟ କୁର୍ତ୍ତି କିମ୍ବା ଟପରେ ପିନ୍ଧିପାରିବେ । ପ୍ଲେନ୍ କୁର୍ତ୍ତି ଏବଂ ଟପ୍ ସହିତ ଏହା ଭଲ୍ଲାନେ । ଅଫିସ କିମ୍ବା ବାହାରକୁ ବୁଲିବା ଲାଗି ଯାଉଥିଲେ ଏହା ପିନ୍ଧିହେବ ।

**ଫ୍ଲୋରାଲ:-** ହାଲ୍କା ରଙ୍ଗର ପାଶ୍ଚତ୍ୟ କିମ୍ବା ପାରମ୍ପାରିକ ପୋଷାକ ସହିତ ଶିଫନର ଫ୍ଲୋରାଲ ୱେଷ୍ଟକୋଟ୍ ଖୁବ ସୁନ୍ଦର ଦିଶେ । ଫ୍ଲୋରାଲ ଡିଜାଇନ କେବେ ଫେଶନରୁ ବାଦ ଯାଇନାହିଁ । ପ୍ରିଣ୍ଟ ଥିବା ପୋଷାକ ସହିତ ମଧ୍ୟ ଏହା ପିନ୍ଧିପାରିବେ ।

**ଭେଲଭେଟ୍:-** ଦିନ ହେଉ କିମ୍ବା ରାତିରେ କୌଣସି ପାର୍ଟିକୁ ଯିବାକୁ ହେଲେ ଚମକଦାର ଭେଲଭେଟ କିମ୍ବା ଅଲଗା ପ୍ରକାର କପଡାର ୱେଷ୍ଟକୋଟ୍ ପିନ୍ଧିପାରିବେ ।

**ଡେନିମ:-** ଏହି ଫେଶନ ମଧ୍ୟ ସବୁଦିନଆ । ହାଲକା ଫୁଲକା ସୌନ୍ଦର୍ଯ୍ୟ ପାଇବା ଲାଗି ଏହି ଡିଜାଇନର ୱେଷ୍ଟକୋଟ ପିନ୍ଧିବା ଭଲ ।



ପାରମ୍ପାରିକଠାରୁ ପାଶ୍ଚାତ୍ୟ ଶୈଳୀର ପୋଷାକ, ସବୁଥିରେ ଏହା ଭଲ ମାନେ ।

**ଉଲ ଡିଜାଇନ:** ସାଦାସିଧା ଦେଖାଯିବା ଲାଗି ଧଳା ସାର୍ଟ ଉପରେ ନରମ ଉଲରେ କରାଯାଇଥବା ଓେଷ୍ଟକୋଟ ପିନ୍ଧିପାରିବେ ।





## ଦ୍ୱୀପର ଦେଶ ଇଣ୍ଡୋନେସିଆ

ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପୁରୁଣା । ପୂର୍ବେ ଓଡ଼ିଆ ସାଧବମାନେ ବୋଇତରେ ଏହି ଦେଶର ଜାଭା, ବୋର୍ଣ୍ଣିଓ, ସୁମାତ୍ରା ପ୍ରଭୃତି ବିଭିନ୍ନ ଦ୍ୱୀପକୁ ଯାଇ ବାଣିଜ୍ୟ କରୁଥିଲେ । ଫଳରେ ଆମ ସଂସ୍କୃତି ବିଭିନ୍ନ ଦ୍ୱୀପକୁ ଯାଇ ବାଣିଜ୍ୟ କରୁଥିଲେ । ଫଳରେ ଆମ ସଂସ୍କୃତି ଓ ପରମ୍ପରାର ପ୍ରଭାବ ସେଠାରେ ଦେଖିବାକୁ ମିଳେ ।
ଇଣ୍ଡୋନେସିଆରେ ୧୭, ୫୦୮ଟି ଦ୍ୱୀପ ଅଛି । ଅତୀତରେ ଏହି ଦେଶ ନେଦରଲାଣ୍ଡର ଏକ ଉପନିବେଶ ଥିଲା । ଡଚମାନେ ଏହାକୁ ଶାସନ କରୁଥିଲେ । ଆଚମାଡ, ସୁକର୍ଣ୍ଣୋ, ମହମ୍ମଦ ହାତ୍ତା ଓ ସୁଲତାନ ଜାରିହିର ପ୍ରମୁଖଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱାଧୀନତା ଆନ୍ଦୋଳନ ସଫଳ ହେଲା ଏବଂ ୧୭ଅଗଷ୍ଟ୧୯୪୫ରେ ଇଣ୍ଡୋନେସିଆ ସ୍ୱାଧୀନ ହେଲା, ମାତ୍ର ଡଚମାନେ ୧୯୪୭ରେ ପୁନର୍ବାର ଆକ୍ରମଣ କରି ସୁଲତାନ ଜାରିହିରଙ୍କୁ ବନ୍ଦୀକରି ଜାଭାରେ ରଖିଲେ । ଓଡ଼ିଶାର ଜନପ୍ରିୟ ନେତା ସ୍ୱର୍ଗତ ବିଜୁ ପଟ୍ଟନାୟକ ନିଜ ଡାକୋଟା ବିମାନରେ ତାଙ୍କୁ ଉଦ୍ଧାର କରି ସିଙ୍ଗାପୁର ଦେଇ ୨୪ ଜୁଲାଇ ୧୯୪୭ରେ ତାଙ୍କୁ ଦିଲ୍ଲୀରେ ପହଞ୍ଚାଇଲେ । ଦିଲ୍ଲୀରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଦ୍ୱାରା ଆୟୋଜିତ ଏସିଆ ମହାଦେଶର ଏକ ସମ୍ମିଳନୀରେ ଅଂଶ ଗ୍ରହଣ କରି ଚାରିହିର ବହୁ ଦେଶର ସମର୍ଥନ ପାଇଲେ ଏବଂ ଏହା ପରେ ଇଣ୍ଡୋନେସିଆ ପୂର୍ଣ୍ଣ ସ୍ୱାଧୀନତା ହାସଲ କଲା । ୧୯୯୬ରେ ଇଣ୍ଡୋନେସିଆର ୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଜୁବାବୁଙ୍କ ଉକ୍ତ ଦେଶ ପକ୍ଷରୁ 'ଭୂମିପୁତ୍ର' ଉପାଧିରେ ସମ୍ମାନିତ କରାଗଲା । ୩୪ପ୍ରଦେଶ ବିଶିଟେ ଇଣ୍ଡେନେସିଆ ବିଶ୍ୱର ୧୪ତମ ବୃହତ ଦେଶ । ଏହାର ଜନସଂଖ୍ୟା ପ୍ରାୟ ୨୬କୋଟି ୪୦ଲକ୍ଷ । ଏହାର ବେଳାଭୂମି ୧,୯୦.୫୭୦ ବର୍ଗ କିଲୋମିଟର, ସ୍ଥଳଭାଗ ୯୫.୧୫ ପ୍ରତିଶତ, ଏହାର ଜଳଭାଗ ୪.୮୫ ପ୍ରତିାତ । ବହୁ ନଦୀ, ହ୍ରଦ, ଝରଣା, ପର୍ବତ, ଆଗ୍ନେୟଗିରି ସହ ଅନେକ ମସଜିଦ, ମନ୍ଦିର , ଚର୍ଚ୍ଚ, ଉଦ୍ୟାନ, ଚିଡ଼ିଆଖାନା ପ୍ରଭୃତି ରହିଥିବାରୁ ଦେଶଟି ଅତ୍ୟନ୍ତ ଦର୍ଶନୀୟ । ଏହାର ଟେବାଲ ହ୍ରଦ ବିଶ୍ୱର ବୃହତ୍ତମ ହ୍ରଦ । କୁଆସ, ସେପିକ ଓ ପପୁଆ ଏହାର ପ୍ରସିଦ୍ଧଧ ନଦୀ । ଏଗୁଡ଼ିକ ଆମ ମହାନଦୀଠାରୁ ମଧ୍ୟ ବଡ଼ ।
ଇଣ୍ଡୋନେସିଆର ଜାତୀୟ ପତାକାରେ ଥିବା ନାଲି ଓ ଧଳା ରଙ୍ଗ ରକ୍ତ ଓ ଆତ୍ମାର ପ୍ରତୀକ । ଏହାର ଜାତୀୟ ଖାଦ୍ୟ ଫ୍ରାଏଡ ରାଇସ, ଜାତୀୟ ଫୁଲ ଜସମିନ, ଜାତୀୟ ପକ୍ଷୀ ଇଗଲ ଓ ଜାତୀୟ ବୃକ୍ଷ ବରଗଛ । ଏଠାରେ ମୁଦ୍ରାକୁ ରୁପିୟା କୁହାଯାଏ । ତେବେ ଭାରତୀୟ ରୁପିୟା ତୁଳନାରେ ଇଣ୍ଡୋନେସିଆ ମୁଦ୍ରାର କ୍ରୟଶକ୍ତି ଯଥେଷ୍ଟ କମ । ଭାରତ ଏହି ଦେଶକୁ କୋଇଲା ବ୍ରିକେଟ, ପାମତେଲ, ମୁକ୍ତା, ଜୈବିକ ରାସାୟନିକ ଦ୍ରବ୍ୟ, ଔଷଧ, ପ୍ଲାଷ୍ଟିକର ବିଭିନ୍ନ ପଦାର୍ଥ, କପଡ଼ା, ଧୂଆଁପତ୍ର, ପରିବା ଓ ଫଳ ଆଦି ରପ୍ତାନି କରେ ଏବଂ ସେଠାରୁ ଖଣିଜ ତୈଳ, ପ୍ରାକୃତିକ ଗ୍ୟାସ ପ୍ଲାଇଉଡ, ରବର, ମସଲା ପ୍ରଭୃତି ଆମଦାନୀ କରେ । ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ଯୋଜନା ସନ୍ତୋଷଜନକ ନୁହେଁ । ସେଠାରେ ଲୋକଙ୍କ ହାରାହାରି ଆୟୁ ସୀମା ୬୯.୩ବର୍ଷ/ । ପ୍ରାୟ ୫.୫ଲୋକଙ୍କ ସନ୍ତୋଷଜନକ ଆୟପନ୍ଥା ନାହିଁ । ମୁସଲିମ ଅଧିବାସୀଙ୍କ ସଂଖ୍ୟା୮୬.୧ପ୍ରତିଶତ ଏବଂ ହିନ୍ଦୁଙ୍କ ୧.୮ ପ୍ରତିାତ । ଭାତ, ଫ୍ରାଇଡ ରାଇସ, ରୁଟି ଡାଲି, ପନିପରିବା, ଅଣ୍ଡା, ମାଛ ଓ ମାଂସ ସେମାନଙ୍କ ପ୍ରିୟ ଖାଦ୍ୟ । ବୟସ୍କମାନେ ସକାଳେ ଓ ସନ୍ଧ୍ୟାରେ ଚାହା କିମ୍ବା କଫି ପିଅନ୍ତି ।
ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପୁରୁଣା । ଭୁବନେଶ୍ୱରରୁ ଉଡ଼ାଜାହାଜରେ ବାନ୍ଦୁଙ୍ଗରେ ବହଞ୍ଚିବାକୁ ପ୍ରାୟ ୧୨ଘଣ୍ଟା ସମୟ ଲାଗେ ଏବଂ ଖର୍ଚ୍ଚ ହୁଏ ୧୦ହଜାର ଯଙ୍କା । ବାନ୍ଦୁଙ୍ଗ ପର୍ଶ୍ଚିମ ଜାଭାର ରାଜଧାନୀ । ଏହାର ଜନସଂଖ୍ୟା ପ୍ରାୟ୨୫ଲକ୍ଷ ୭୫ହଜାର । ଏହି ନଗରୀ ପୁଷ୍ପସହର ନାମରେ ମଧ୍ୟ ପରିଚିତ । ସେଠାରୁ ଟ୍ରେନରେ ମାତ୍ର ୩ଘଣ୍ଟାରେ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ପହଞ୍ଚି ହେବ । ଜାକର୍ତ୍ତାକୁ ଶୁଭସହର ମଧ୍ୟ କୁହାଯାଏ । ଏହାର ଜନସଂଖ୍ୟା ୧କୋଟି ୭୫ଲକ୍ଷ । ସେହିପରି ଜାକର୍ତ୍ତାରୁ ବିମାନରେ ମାତ୍ର ଦୁଇ ଘଣ୍ଟାରେ ଡେନପାସାର ରାଜଧାନୀ ବାଲିରେ ପହଞ୍ଚି ହେବ । ବାଲିରୁ ଈଶ୍ୱରଙ୍କ ଦ୍ୱୀପ କୁହାଯାଏ ।
ପୂର୍ବେ ଓଡ଼ିଆ ସାଧବମାନେ ପାନ, ଗୁଆ, ପନିପରିବା, ଫଳ, ପ୍ରଭୃତି ବିଭିନ୍ନ ପ୍ରକାର ଦବ୍ରୟ ନେଇ ବେପାର ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାଭା, ବୋର୍ଣ୍ଣିଓ, ସୁମାତ୍ରା ତଥା ବାଲି ଦ୍ୱୀପକୁ ଆସୁଥିଲେ । ବର୍ତ୍ତମାନ ତାହା ବନ୍ଦ ହୋଇଯାଇଥିଲେ ମଧ୍ୟ ଆମ ପରମ୍ପରାରେ ଆଜି ଯାଏ ବଞ୍ଚି ରହିଛି । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ଡଙ୍ଗାଭସା ଉତ୍ସବ ତା'ର ପରିଣତି । ଇଣ୍ଡୋନେସିଆରେ ମଧ୍ୟ ଏହାର ଝଲକ ଦେଖିବାକୁ ମିଳେ । ସେଠାକାର ପିଲାମାନେ ମା'ଙ୍କୁ'ବୋଉ' ପରି ବୁ ଓ 'ବାପା'ଙ୍କୁ 'ବାପେ' ବୋଲି ଡାକନ୍ତି । ସେଠାରେ ମଧ୍ୟ ଲୋକେ ଆମ ପରି ମଣ୍ଡାପିଠା, କାକରା ପିଠା, ଖିରି, ସଜନାଶାଗ ଖାଆନ୍ତି । ଏପରିକି ଖାଦ୍ୟ କଦଳୀପତ୍ରରେ ବାଢ଼ି ଖାଇଥାନ୍ତି । ସେଠାରେ ମଧ୍ୟ ଦୁଇହାତ ଯୋଡ଼ି ନମସ୍କାର କରାଯାଏ । ସଂପ୍ରତି ଇଣ୍ଡୋନେସିଆ ସହ ଓଡ଼ିଶାର ସମ୍ପର୍କକୁ ଆହୁରି ଦୃଢ଼ କରିବାର ପ୍ରାୟାସ କରାଯାଉଛି । ଏହ ସଫଳ ହେଲେ ପର୍ଯ୍ୟଟନ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଶା ସମୃଦ୍ଧ ହୋଇପାରିବ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମାନସିକତାର ପରିବର୍ତ୍ତନ ହେଉ...

ଆମ ଦେଶରେ ନାରୀ ଜାତିକୁ ସମ୍ମାନ ଦେବାର ପରମ୍ପରା ଗଢ଼ି ଆସୁଥିବାର କୁହାଯାଉଛି । ସ୍ୱୟଂ ପ୍ରଧାନମନ୍ତ୍ରୀ 'ବେଟୀ ବଚାଓ, ବେଟି ବଢ଼ାଓ' ଧ୍ୱନି ମାଧ୍ୟମରେ ଚାହାଁଛନ୍ତି ସମାଜରେ ରହିଆସିଥିବା ଲିଙ୍ଗଗତ ପ୍ରଭେଦର ଅବସାନ ପାଇଁ । କଥିତ ଆନ୍ଦୋଳନକୁ କିଭଳି ଅଧିକ ସମର୍ଥନ ମିଳିପାରିବ । ବିଶେଷକରି ଶିଶୁକନ୍ୟା ଭ୍ରୂଣହତ୍ୟାର କୁତ୍ସିତ ପରମ୍ପରା ବିରୋଧରେ ଏବଂ ମହିଳାଙ୍କୁ ବଳାତ୍କାର ବିରୋଧରେ କଠୋରରୁ ଅଧିକ କଠୋର ଆଇନ ବ୍ୟବସ୍ଥା ପାଇଁ ସରକାର ଅଣ୍ଟା ଭିଡ଼ି ବାହାରିଥିବାର ଦେଖାଯାଉଛି । ଲୋକପ୍ରତିନିଧି ସଭାରେର ଗୋଟିକ ପରେ ଗୋଟିଏ ଆଇନ୍ ପାସ୍ ହେବା ଯେତିକି ଗୁରୁତ୍ୱ ବହନ କରୁଛି, ଏହି ସମୟରେ ଗଣବଳାତ୍କାର, ନାରୀ ହତ୍ୟା ଓ ଅନୁରୂପ ସାମାଜିକ ହିଂସାର ହାର ବଢ଼ିବା ସେତିକି ଆଘାତ ଦେଉଛି । ହିସାବ କହୁଛି: ପ୍ରତିଦିନ ଭାରତରେ ୮୮ଟି ବଳାତ୍କାର ଘଟୁଛି । ଏନସିଆର୍‌ବି'ର ୨୦୧୯ ରିପୋର୍ଟରେ ପ୍ରକାଶିତ ଏହି ଚାଞ୍ଚଲ୍ୟକର ପରିସଂଖ୍ୟାନକୁ ଦେଖିଲେ, ମହିଳାଙ୍କ ସୁରକ୍ଷା ନେଇ ଗମ୍ଭୀରର ପ୍ରଶ୍ନବାଚୀ ଅବଶ୍ୟ ଉଠିବ । ସଂସ୍ଥା ନିକଟକୁ ଯେତିକି ଓ ଯେଉଁ ତଥ୍ୟ ଆସିଛି, ତାହାଠାରୁ ବହୁ ଅଧିକ ତଥ୍ୟ ପଞ୍ଜୀକୃତ ହୋଇନଥିବ । ଉତ୍ତରପ୍ରଦେଶ ଓ ରାଜସ୍ଥାନ ଭଳି ରାଜ୍ୟରେ ବଳାତ୍କାର ସଂଖ୍ୟା ଅଧିକ ବୋଲି ଏହି ରିପୋର୍ଟ କହୁଛି । କୁହାଯାଉଛି, ଉତ୍ତରପ୍ରଦେଶଠାରୁ ରାଜସ୍ଥାନରେ ବଳାତ୍କାର ସଂଖ୍ୟା ଦୁଇଗୁଣ ଅଧିକ । ଆମ ରାଜ୍ୟ ଓଡ଼ିଶା ମଧ୍ୟ ନିଜ ରେକର୍ଡ ବହନ କରିଚାଲିଛି । କେଉଁ ରାଜ୍ୟରେ ଅଧିକ ବଳାତ୍କାର ଅପରାଧ ଘଟୁଛି, କେଉଁଠି ଊଣା, ତାହାର ବିଚାର କ୍ଷେତ୍ର ଏହା ନୁହେଁ । ବରଂ, ସାରା ଦେଶର ବିଭିନ୍ନ ରାଜ୍ୟରେ କଥିତ ଅପରାଧ ବୃଦ୍ଧି ପାଇଛି ବୋଲି ଜଣାଯିବାରେ ସମସ୍ତେ ଅନ୍ତତଃପକ୍ଷେ ଲଜ୍ୟାରେ ମଥା ନୋଇଁଦେବା କଥା । କିଛିଦିନ ତଳେ ଉତ୍ତରପ୍ରଦେଶର ଜଣେ ଉଣେଇଶି ବର୍ଷର ଦଳିତ ଝିଅକୁ ଗଣବଳାତ୍କାର କରାଯାଇ ହତ୍ୟା କରାଯିବା ଖବର ଦେଶସାରା ଚଳହ ପକାଇ ଦେଇଛି । ଏଥିନେଇ ରାଜ୍ୟ ସରକାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ଉପସ୍ଥିତିରେ ପ୍ରମାଣ ଲିଭାଇଦେବାକୁ ରାତିର ବିଳମ୍ବିତ ପ୍ରହରରେ ପୀଡ଼ିତାର ଶବକୁ ପୋଡ଼ି ଦିଆଗଲା । ସବର୍ଣ୍ଣ ଶ୍ରେଣୀର ଚାରିଜଣଙ୍କ ଉପସ୍ଥିତିରେ ଏହି କୁତ୍ସିତ କାଣ୍ଡ ଘଟିଛି । ଦଳିତ ପୀଡ଼ିତାଙ୍କୁ ଦୁଇଜଣ ଦୁଷ୍କୃତିକାରୀ ବଳାତ୍କାର କରିଥିବା ଏବଂ ତାଙ୍କ ଗଳା ଚିପି ମାରିଦିଆଯିବା କଥା ଅଭିଯୋଗ ହୋଇଛି । କାଳେ କଥା ପ୍ରଘଟ ହୋଇଯିବ, ସେହି ଆଶଙ୍କାରେ ପୀଡ଼ିତାର ଜିଭକୁ ଦୁର୍ବୃତ୍ତମାନେ କାଟି ପକାଇଥିବାର କହୁଥିବାବେଳେ ପୁଲିସ ସଫେଇ ଦେଉଛି କି, ଗଳା ଚିପିଲାବେଳେ ଜିଭ ବାହାରକୁ ବାହାରି ଆସିଥିବ ଓ ଦାନ୍ତରେ ଛିଣ୍ଡିଯାଇଥିବ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଏହା ଉପରେ ଜନଆନ୍ଦୋଳନକୁ ଓହ୍ଲାଇବା ପରେ ସରକାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର କୌଣସିମତେ ଅପରାଧୀଙ୍କୁ ଧରାଯିବ ବୋଲି ଦୃଢ଼ୋକ୍ତି କରୁଛନ୍ତି । ଏହି ଲୋମହର୍ଷଣକାରୀ ଘଟଣା ବିଗତ ଦିନର ନିର୍ଭୟା କାଣ୍ଡକୁ ମନେ ପକାଇ ଦେଉଛି । ଉତ୍ତରପ୍ରଦେଶର ହାଥରସ୍‌ର ଏହି ହୀନ ଓ ଘୃଣ୍ୟ ଘଟଣାକୁ ଲୁଚେଇ ଦେବାକୁ ନିର୍ଦ୍ଦିଷ୍ଟ ମହଲ ଅପଚେଷ୍ଟା କରୁଥିବାବେଳେ ସ୍ୱୟଂ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଅପରାଧୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଭୟା କାଣ୍ଡର ଅପରାଧୀମାନେ ବହୁଦିନର ସଂଘର୍ଷ ପରେ ଫାଶୀଖୁଣ୍ଟରେ ଝୁଲିଲେ । ଦେଶବ୍ୟାପୀ କିଭଳି ଉତ୍ତାଳ ଆନ୍ଦୋଳନ ନିର୍ଭୟା ଗଣବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦାବି ଆଧାରରେ ହେଲା, ତାହା ଦେଶ ଦେଖିଛି । ଉପସ୍ଥିତ କ୍ଷେତ୍ରରେ ପୀଡ଼ିତା ଜଣେ ଦଳିତ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ନ୍ୟାୟ ମିଳିବା ନେଇ ସବୁ ସ୍ତରରେ ଉତ୍କଣ୍ଠା ସୃଷ୍ଟି ହୋଇଛି । ଏମିତିରେ ଦୃଢ଼ ଦାବି ଉଠୁଛି, ଫାଷ୍ଟ ଟ୍ରାକ୍ କୋର୍ଟରେ ଜଘନ୍ୟ ଅପରାଧର ବିଚାରଣା ହୋଇ ଦୋଷୀମାନଙ୍କୁ ଶାସ୍ତି ଦିଆଯାଉ । ମାତ୍ର ଅପରାଧୀମାନେ ରାଜନେତାମାନଙ୍କ ଛତ୍ରଛାୟା ତଳେ ଆଶ୍ରିତ ରହି ଖସିଯିବାର ଅସଂଖ୍ୟ ନଜିର ରହିଛି । ସେହି ଉତ୍ତରପ୍ରଦେଶର ଜଣେ ପୂର୍ବତନ ବିଧାୟକ କିଭଳି ଆଇକାନୁନକୁ ଫୁ' କରି କୁକାର୍ଯ୍ୟ କରିଚାଲିଥିଲେ । ସେ ଏବେ ଜେଲରେ ହାଓ୍ୱା ଖାଉଛନ୍ତି, ତାହା ସମସ୍ତେ ଜାଣିଛନ୍ତି । ମାତ୍ର ତାହା କୋଟିକରେ ଗୋଟିଏ ନମୁନା । ସାରା ବ୍ୟବସ୍ଥା ସମାଜବିରୋଧୀଙ୍କ କଳାକାରନାମାରେ କଳୁଷିତ ହୋଇ ସାରିଥିବାରୁ କି' ପ୍ରକାର ନ୍ୟାୟ ଆଶା କରିହେବ, ତାହା ନିୟୁତ ଡଲାରର ପ୍ରଶ୍ନ ।

## ବହ୍ନିପୁରୁଷର ଭାବ

**ହୃଦାନନ୍ଦ ପାଣିଗ୍ରାହୀ**

> ଜଣେ ସଚ୍ଚା ଲେଖକର ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ତାଙ୍କର ଭୂମିକା ବେଶ୍ ଅର୍ଥପୂର୍ଣ୍ଣ। ସ୍ୱକୀୟ ଅନୁଭବ, ଅନୁଭୂତି ହିଁ ତାଙ୍କ ସାହିତ୍ୟ ସୃଷ୍ଟିର ବିସ୍ତୃତି। 'ସାଳନ୍ଦୀ ତଟ ବିପିନେ' ରେ ସେ ଯେମିତି ଢଙ୍ଗରେ ଉପସ୍ଥାପିତ କରିଯାଉଛନ୍ତି, ତା ବାସ୍ତବିକ୍ ବେଶ୍ ଉଲ୍ଲେଖନୀୟ, ଖୁବ୍ ଅସାଧାରଣ ଓ ଅନନ୍ୟ। ଜାତୀୟ କବି ବାଞ୍ଛାନିଧି ଦେଶାତ୍ମବୋଧ ସଂଗୀତର ସଂକଳନ ତାଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ମଧ ଦେଇଛି।

ଭଦ୍ରକମାଟିର ବରପୁତ୍ର ବିଶିଷ୍ଟ ଆଇନଜୀବୀ ଯତୀନ୍ଦ୍ର ମୋହନ ମହାନ୍ତି, ଜାତୀୟ ଆନ୍ଦୋଳନର ଅଗ୍ରଦୂତ କବି ବାଞ୍ଛାନିଧି ମହାନ୍ତିଙ୍କ ସୁଯୋଗ୍ୟ ସନ୍ତାନ ଭାବେ କେବଳ ନୁହେଁ, ଜଣେ ଆଇନ୍ ବିଶାରଦ ଦୃଢ ରାଜନୈତିକ ବ୍ୟକ୍ତିତ୍ୱ, ସଂଗ୍ରାମୀ ପୁରୁଷ ତଥା ସୁଲେଖକ ଭାବେ ସେ ତାଙ୍କ ପଦାଂଙ୍କ ଆମ ଚାଲିବା ବାଟରେ ସ୍ପଷ୍ଟ ଭାବେ ଛାଡ଼ି ଦେଇ ଯାଇଛନ୍ତି। ତା ୩୧.୦୮.୧୯୩୩ ରେ ଜନ୍ମିତ ଏହି ପ୍ରଥିତ ଯଶା ସଂଗ୍ରାମୀପୁରୁଷ ପ୍ରଥମେ ନିଜ ଜନ୍ମମାଟି ଇରମର ଏକ ଚାଟଶାଳୀ ଶିକ୍ଷାରୁ କ୍ରମେ କ୍ରମେ ଉପରକୁ ଉଠି ଭଦ୍ରକ କଲେଜ ଏବଂ ମଧୁସୂଦନ ଲ' କଲେଜରୁ ଶିକ୍ଷା ସମାପ୍ତ ପୂର୍ବକ କିଛି ସମୟ ଚାକିରୀ ବାଂଧି ରଖି ପାରିନଥିଲା। ସ୍ୱାଧୀନ ଭାବନାରେ ଉଦ୍‌ବୁଦ୍ଧ ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓକିଲାତିରେ ଯୋଗଦାନ କରିଥିଲେ। ୧୯୭୮ ମସିହା ଆଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିବାର ଦୃଷ୍ଟାନ୍ତ ଆମଆଗରେ ଛାଡ଼ି ଯାଇଛନ୍ତି। ଅନ୍ୟାୟ ଅନୀତିର ପ୍ରତିବାଦ ଯାହାର ବ୍ରତ, ସେ କେଉଁ ପରି ବା ନୀରବ ରହିପାରିବେ କେତେବେଳେ। ଇରମର ଏନ୍ତୁଡ଼ିଶାଳରୁ ତ ସେହି ବହ୍ନି ପୁରୁଷଙ୍କ ଉଦ୍‌ଭବ। ତାଙ୍କର ସାମାଜିକ ସଂପର୍କ ରାଜନୈତିକ ସଂପୃକ୍ତିରେ ଏହି ଉଚ୍ଛାସଟି ଆପେଆପେ ବାରି ହୋଇ ପଡୁଥିଲା। ବିଶେଷ କରି ତାଙ୍କର ଜନସେବା ବ୍ରତ ଓ ପ୍ରତ୍ୟୁତ୍ପନ୍ନମତିତାର ଉଲ୍ଲେଖନୀୟ ଦିଗଟି ଖୁବ୍ ନିଆରା। ବାକ୍‌ପ୍ରବଣ ଯେତେନୁହେଁ, ବରଂ ବେଶି ମିତବାକ୍। ସାମାଜିକ ଆନ୍ଦୋଳନର କର୍ଣ୍ଣଧାରା ସାଜି ନିର୍ଯ୍ୟାତିତ ଲୋକର ପକ୍ଷଧର ହେବାରେ ସେ ଖୁବ୍ ବେଶି ଆତ୍ମତୃପ୍ତି ଲାଭ କରୁଥିଲେ। ଭଦ୍ରକରେ ବୁଦ୍ଧିଜୀବୀ ମହଲରେ ସେ ମୂଳତଃ ଥିଲେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ଏହି କର୍ମବୀର ମହାନାୟକଙ୍କର ଜୀବନର ଅବସାନ ଘଟିଲା। ତା୩.୧୦.୨୦୧୯ରେ। ମୃତ୍ୟୁପର୍ଯ୍ୟନ୍ତ ସେହି ମୁଖମଣ୍ଡରେ ଏକ ପ୍ରଶାନ୍ତଜ୍ୟୋତି ଲାଗି ରହିଥିଲା। ଜଣେ ସଚ୍ଚା ଲେଖକର ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ତାଙ୍କର ଭୂମିକା ବେଶ୍ ଅର୍ଥପୂର୍ଣ୍ଣ। ସ୍ୱକୀୟ ଅନୁଭବ, ଅନୁଭୂତି ହିଁ ତାଙ୍କ ସାହିତ୍ୟ ସୃଷ୍ଟିର ବିସ୍ତୃତି। 'ସାଳନ୍ଦୀ ତଟ ବିପିନେ' ରେ ସେ ଯେମିତି ଢଙ୍ଗରେ ଉପସ୍ଥାପିତ କରିଯାଉଛନ୍ତି, ତା ବାସ୍ତବିକ୍ ବେଶ୍ ଉଲ୍ଲେଖନୀୟ, ଖୁବ୍ ଅସାଧାରଣ ଓ ଅନନ୍ୟ। ଜାତୀୟ କବି ବାଞ୍ଛାନିଧି ଦେଶାତ୍ମବୋଧ ସଂଗୀତର ସଂକଳନ ତାଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ମଧ ଦେଇଛି। ସଂଗୀତ ନାଟକ ପ୍ରତି ତାଙ୍କର ସ୍ୱତନ୍ତ୍ର ରୁଚିବୋଧ, ତଥା ନିଜର ସୃଜନରେ ଅମ୍ଳାନନିଷ୍ଠା ତାଙ୍କୁ ନିଶ୍ଚୟ ସବୁଦିନ ଅମର କରି ରଖିବ। ତାଙ୍କର ଅମାୟିକବ୍ୟକ୍ତିତ୍ୱ, ହୃଦୟଖୋଲା ମଥାବାର୍ତ୍ତା ମୋତେ ବ୍ୟକ୍ତିଗତ ଭାବେ ବହୁତ ପ୍ରଭାବିତ କରିଛି। ତାଙ୍କ ଲେଖା ପଢି ମୋତେ ଶୁଣାଇଛନ୍ତି ତାଙ୍କର ପୁତ୍ର ତଥା ମୋର ଘନିଷ୍ଠ ବନ୍ଧୁ କୃଷ୍ଣଚନ୍ଦ୍ର ମହାନ୍ତି ଯେକି ସଂପ୍ରତି କୋରାଇ ରେଲୱେ ଷ୍ଟେସନ୍‌ର ଷ୍ଟେସନ ମାଷ୍ଟର ଭାବେ କାର୍ଯ୍ୟରତ, ତାଙ୍କ ଉଦ୍ୟମରେ ଅନୁଷ୍ଠିତ ଜାତୀୟ କବି ନିଜକୁ ଧନ୍ୟ ମନେ କରିଛି। ମୁଖ୍ୟତଃ ସବୁବେଳେ ତାଙ୍କୁ ସହଯୋଗର ହାତବଢାଇ ଦେଉଥିବାକୁ କବି ବଂଧୁ ଅଶୋକ ମହାନ୍ତି ହିଁ ତାଙ୍କ ପାଖରେ ବେଶି ଥାଆନ୍ତି। ଭଦ୍ରକ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିସଭାରେ ଯୋଗଦାନ କରି ମୋ ଅଭିଭାଷଣରେ ତୃପ୍ତ ହୋଇଥିବୀ ସେହି ମହନୀୟ ବ୍ୟକ୍ତିତ୍ୱ ଶ୍ରଦ୍ଧାରେ ମୋ ପିଠିକୁ ଥାପୁଡ଼େଇ ଦେଇଥିଲେ। ସେ ହସହସ ପ୍ରଶନ୍ତ ମୁଖମଣ୍ଡଳ, ଶ୍ରଦ୍ଧାପଣ ଚହଟି ଉଠୁଚି। ତାଙ୍କର ଅବର୍ତ୍ତମାନରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କିଛି ଲେଖିବା ବେଳେ କାହିଁକି କେଜାଣି ସେ ମହନୀୟତା, ଉଦାର ଶ୍ରଦ୍ଧାପଣ ମୋ ଛାତି ଭିତରକୁ ଭିଜେଇ ଦେଉଛି ସ୍ୱାଭାବିକ ଢଂଗରେ।


+ ଅବସରପ୍ରାପ୍ତ ପ୍ରାଧ୍ୟାପକ
ପୋ:-ଦୋଳସାହି,
ଭଦ୍ରକ-୭୫୬୧୨୭


## କରୋନା ନିୟନ୍ତ୍ରଣ ଦିଗରେ ଲୋକେ କେତେ ସଚେତନ

**ସୁବାସ କୁମାର ତାରଣିଆଁ**



ବର୍ତ୍ତମାନ ମହାମାରୀ କରୋନା ସବୁଠାରୁ ଭୟଙ୍କର ପରିସ୍ଥିତି ଦେଇ ଗତି କରୁଛି ଯାହାକୁ ନେଇ ସମଗ୍ର ମାନବ ଜାତି ଆଜି ଆତଙ୍କିତ। ଦୀର୍ଘ ୭ ମାସ ବିତି ଯାଇଥିଲେ ମଧ କରୋନାର ପ୍ରକୋପ କମୁନାହିଁ। ବରଂ ଦିନକୁ ଦିନ ସମୟ ଯେତେ ଅତିବାହିତ ହେଉଛି, କରୋନାର କରାଳ ରୂପ ସେତେ ଉଗ୍ରରୂପ ଧାରଣ କରୁଛି। ସାରା ବିଶ୍ୱକୁ କରୋନା କବଳିତ କରି ରଖିଥିଲେ ମଧ କୌଣସି ରାଷ୍ଟ୍ର ଏହାକୁ ମୁକାବିଲା କରିବାରେ ସଫଳ ହୋଇପାରି ନାହାଁନ୍ତି। ବର୍ତ୍ତମାନ କରୋନା ସଂକ୍ରମିତ ରାଷ୍ଟ୍ରଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଆମେରିକା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି ଯାହାକୁ ନେଇ ବୁଦ୍ଧିଜୀବୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତେ ଗୃହିଁ ରହିଛନ୍ତି କେବେ ବାହାରିବ କରୋନା ପ୍ରତିଶେଧକ ଟୀକା, କେବେ ଫେରିବ ପୂର୍ବଭଳି ସ୍ୱାଭାବିକ ଅବସ୍ଥା? ଇତି ମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୪ ଲକ୍ଷ ୭୩ ହଜାର ୫୪୪କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୧ ଲକ୍ଷ ହଜାର ୮୪୨କୁ ବୃଦ୍ଧି ପାଇଛି। ସେହିପରି ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୨୯ ହଜାର ୩୮୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୮୯୨କୁ ବୃଦ୍ଧି ପାଇଛି । ଏହି କରୋନା ମହାମାରୀ କେବେ ବିଶ୍ୱରୁ ବିଦାୟ ନେବ, ତାର ସଠିକ୍ ଉତ୍ତର ଆଜି ପର୍ଯ୍ୟନ୍ତ କୌଣସି ଡ଼ାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ବୈଜ୍ଞାନିକମାନେ କେହି ଦେଇପାରି ନାହାଁନ୍ତି। କେବଳ ସଚେତନ ରହି ସାମାଜିକ ଦୂରତା ରକ୍ଷା କରିପାରିଲେ କରୋନା ଆମ ଠାରୁ ଦୂରେଇ ରହିବ। ଓଡ଼ିଶାରେ ପ୍ରଥମେ ମାର୍ଚ୍ଚ ମାସରେ ପ୍ରବେଶ କରିଥିଲା ମହାମାରୀ କରୋନା। ସରକାର କରୋନାକୁ ନିୟନ୍ତ୍ରଣ କରିବାକୁ ଯାଇ ଲୋକମାନଙ୍କୁ ଘରେ ରୁହନ୍ତୁ ଓ ସୁସ୍ଥ ରୁହନ୍ତୁ ବୋଲି ବାରମ୍ବାର ଲକ୍‌ଟାଉନ ଓ ସଟ୍‌ଡ଼ାଉନ୍ ଘୋଷଣା କଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତଥା ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ୍, କଲେଜ, ଦୋକାନବଜାର, ମନ୍ଦିର, ମସଜିଦ୍ ଓ ମଲ୍‌ସବୁ ବନ୍ଦ ରହିଲା। କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ଛାଡ଼ି ବାକି ସବୁ ବନ୍ଦ ରହିଲା। ଏହି ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଦୋକାନ, ବଜାର ଓ ଛକମାନଙ୍କରେ ପୋଲିସ୍ ପଇଁତରା ମାରିଲେ। ଲୋକମାନେ ଘରେ ଥିଲେ, ସୁସ୍ଥରେ ଥିଲେ। ଅନ୍ୟପଟେ ଦୀର୍ଘ ମାସ ଧରି ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନ ଜାରି ରହିବା ଫଳରେ ବେପାର ବାଣିଜ୍ୟ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଲା, ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ଦୀର୍ଘ ଦିନ ଧରି ଦୋକାନ ବଜାର ବନ୍ଦ ରହିବା ଫଳରେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଏକ ପ୍ରକାର ଦୁର୍ବଳ ହୋଇପଡ଼ିଲା। ଏପରିକି ନିଜର ପରିବାର ପ୍ରତିପୋଷଣ ପାଇଁ ଲୋକମାନେ ଅସମର୍ଥ ହୋଇପଡ଼ିଲେ। ଦେଶର ଅର୍ଥନୀତିରେ ଭୟଙ୍କର ସଙ୍କଟ ଦେଖାଦେଲା। ଜୀବନ ଜୀବିକା ବିପନ୍ନ ହୋଇପଡ଼ିଲା। ଲୋକମାନଙ୍କ ଏହିସବୁ ସମସ୍ୟାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ଲକ୍‌ଡ଼ାଉନ ଓ ସଟ୍‌ଡ଼ାଉନକୁ କୋହଳ କରିଦେଲେ। କିନ୍ତୁ ସାମାଜିକ ଦୂରତା ବଜାୟ ରଖିବା, ନିୟମିତ ମାସ୍କ ବ୍ୟବହାର କରିବା, ବାରମ୍ବାର ସାବୁନ୍‌ରେ ହାତ ଧୋଇବା, ଜନଗହଳିପୂର୍ଣ୍ଣ ସ୍ଥାନକୁ ନଯିବା, ଜରୁରୀ କାମ ନଥିଲେ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଗଲା। ହେଲେ ସରକାରଙ୍କ ଏହି ପରାମର୍ଶ ପ୍ରଭାବ ଲୋକମାନଙ୍କ ଉପରେ ପଡ଼ିଲା ନାହିଁ। ଲକ୍‌ଡ଼ାଉନ୍ ଓ ସଟଡ଼ାଉନ୍ କୋହଳ ହେବା ଫଳରେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖାଦେଲା। ଲୋକମାନେ ବିନା ମାସ୍କରେ ଖୁଲାମଖୁଲା ବୁଲିଲେ। ବିଶେଷକରି ରାଜଧାନୀରେ ରହୁଥିବା ଶିକ୍ଷିତ ଜନସାଧାରଣଙ୍କ କ୍ଷେତ୍ରରେ ଏହା ବେଶୀ ପରିଲକ୍ଷିତ ହୋଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜଧାନୀର ହୋଟେଲ, ରେଷ୍ଟୁରାଣ୍ଟ ଓ ସପିଂ ମଲ୍, ଫାଷ୍ଟଫୁଡ୍ ଓ ଥଣ୍ଡାପାନୀୟ ଦୋକାନମାନଙ୍କରେ ଭିଡ଼ ଜମାଇବା କାରଣରୁ ଏହାର ଭୟଙ୍କର ପରିଣତି ସାଧାରଣ ଲୋକମାନଙ୍କ ଉପରେ ପଡିଲା। ଏହିଭଳି ଘନିସନ୍ଧି ମୁହୂର୍ତ୍ତରେ ରାଜଧାନୀର ମାଛ ଓ ମାଂସ ଦୋକାନରେ ହେଉଥିବା ଗହଳିକୁ ଦେଖିଲେ ଲୋକମାନଙ୍କ ମଧ୍ୟରେ କେତେ ଯେ ସାମାଜିକ ଦୂରତା ରକ୍ଷା କରାଯାଉଛି ତାହା ସ୍ପଷ୍ଟ ଅନୁମେୟ ହୁଏ। ଏବେ ଦେଖାଯାଉଛି ଯେ, ଲକ୍‌ଡ଼ାଉନ, ସଟ୍‌ଡ଼ାଉନ ସମୟରେ କରୋନା ସଂକ୍ରମିତଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରୁ ଅଧିକ ସଂଖ୍ୟକ ଚିହ୍ନଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ଖୁବ୍ କମ୍ ସଂଖ୍ୟାରେ ଚିହ୍ନଟ ହେଉଥିଲେ, କିନ୍ତୁ ଲକ୍‌ଟାଉନ, ସଟଡ଼ାଉନ କୋହଳ ପରେ, ସଙ୍ଗରୋଧ କେନ୍ଦ୍ରରୁ କମ୍ ସଂଖ୍ୟକ ଚିହ୍ନଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ମାତ୍ରାଧିକ ସଂକ୍ରମିତ ଚିହ୍ନଟ ହେଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ ଏହାର ମୁଖ୍ୟ କାରଣ। ଯାହାର ପରିଣତିସ୍ୱରୂପ କେବଳ ରାଜଧାନୀ ଭୁବନେଶ୍ୱରରେ ୨୨ ହଜାର ୮୭୬ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୧୦୦ ଜଣଙ୍କର ମୃତ୍ୟୁ ଘଟିଛି। ଏହି କାରୋନା ସଂକ୍ରମିତଙ୍କ ମଧ୍ୟରେ ବହୁ ବିଧାୟକ, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ କରୋନା ଯୋଦ୍ଧା ମଧ ସାମିଲ୍ ହୋଇଛନ୍ତି। କରୋନା ନିୟମକୁ ଉଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ମଧ ଲୋକମାନଙ୍କ ମଧ୍ୟରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ। ଏପରିକି ଅନେକ ବ୍ୟକ୍ତି ଏକାଧିକଥର ଜୋରିମାନା ଦେଇ ସାରିଲେଣି, ଫଳ କିନ୍ତୁ ଶୂନ। ସେହିପରି ରାଜ୍ୟ ସରକାର କରୋନା କଟକଣା ସମୟରେ ବିବାହ ଉତ୍ସବ, ପର୍ବପର୍ବାଣୀ ଓ ଜନ ସମାଗମ ଉପରେ କଟକଣା ଜାରି କରିଥିଲେ ମଧ ଲୋକମାନେ ଏହାକୁ ଉଲଘଂନ କରି ଏହି ସଙ୍କଟ ସମୟରେ ବିଭିନ୍ନ ସଭା ସମିତି ଓ ଜନ୍ମ ବାର୍ଷିକୀ ପାଳନ କରି ଜନ ସମାଗମ କରିବା ଫଳରେ ଏହାର ପ୍ରଭାବ ମଧ ସାଧାରଣ ଲୋକମାନଙ୍କ ଉପରେ ପଡ଼ିଲା। କଥାରେ ଅଛି 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା'। ଅର୍ଥାତ୍ ନିଜେ ସଚେତନ ରହିଲେ ଏ ସମାଜ, ଏ ଦେଶ, ଏ ଜାତି ସଚେତନ ହେବ। କିନ୍ତୁ ଏ କଥା ନ ବୁଝି ସବୁ କଥାରେ ରାଜ୍ୟ ସରକାରଙ୍କୁ ଦାୟୀ କରିବା ନିଜର ବିର୍ବୋଧତାର ପରିଚୟ ନୁହେଁ କି? ଯେଉଁ ଅମାନିଆ ବ୍ୟକ୍ତିବିଶେଷ ଦିନେ କରୋନା ସଂକ୍ରମଣକୁ ନେଇ ଉପହାସ କରୁଥିଲେ, ଆଜି ସେହିମାନେ ହିଁ କରୋନାରେ ସଂକ୍ରମିତ।

ଏହି କିଛିଦିନ ହେବ ଓଡ଼ିଶାରେ ଯେଉଁଭଳି ଭାବରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି, ସେହି ତୁଳନାରେ ଆବଶ୍ୟକୀୟ ସଂଖ୍ୟକ କ୍ୱାରେଣ୍ଟାଇନ୍ ସେଣ୍ଟର ନଥିବାରୁ ଏବେ କରୋନା ସଂକ୍ରମିତମାନଙ୍କୁ ନିଜ ଘରେ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ଓଡ଼ିଶାରେ କରୋନା ସଂକ୍ରମିତ ଦୃଷ୍ଟିରୁ ରାଜଧାନୀ ରହିଛି ପ୍ରଥମ ସ୍ଥାନରେ। କରୋନାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ରାଜଧାନୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ କରୋନା ସଂକ୍ରମିତମାନେ ଅନେକ ସମୟରେ ବାହାରେ ବୁଲୁଥିବାର ଦେଖିବାକୁ ମିଳୁଛି। ଏମାନେ ସହର ବଜାରର ବିଭିନ୍ନ ସ୍ଥାନମାନଙ୍କରେ ବୁଲିବା, ଦୋକାନରୁ ଜିନିଷ କିଣିବା ଫଳରେ ଏମାନଙ୍କ ସଂସ୍ପର୍ଶରେ ଆସି ସାଧାରଣ ଲୋକମାନେ ମଧ କରୋନାର ଶିକାର ହେଲେ। ଏବେ ରାଜଧାନୀର ପ୍ରତ୍ୟେକ ସାହି, ବସ୍ତି, କଲୋନୀ ଓ ଅଫିସ୍‌ମାନଙ୍କରେ କରୋନା ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢିବାରେ ଲାଗିଲା। ଯେଉଁଥିପାଇଁ ରାଜଧାନୀରେ ଦୈନିକ ୪୦୦ରୁ ଉର୍ଦ୍ଧ୍ୱ କରେନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ଯାହା ରାଜଧାନୀବାସୀଙ୍କ ନିଦ ହଜାଇ ଦେଇଛି।

ନିକଟରେ ରାଜ୍ୟ ସରକାର ସମସ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିବାକୁ ଅନୁମତି ଦେଲେ, ଏଥିପାଇଁ କିଛି କଟକଣା ମଧ ଜାରି କଲେ। ଯେଉଁମାନେ କଟକଣାକୁ ଅବମାନନା କରିବେ, ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା ମଧ କଲେ। ସବୁ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିଲା, କିନ୍ତୁ କୌଣସି ହୋଟେଲ ଓ ରେଷ୍ଟୁରାଣ୍ଟର ମାଲିକମାନେ ରାଜ୍ୟ ସରକାରଙ୍କ କଟକଣାକୁ କାର୍ଯ୍ୟକାରୀ କଲେ ନାହିଁ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ଥିବା ସମୟରେ ରାଜଧାନୀରେ ଯେତିକି ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେଉଥିଲେ, ହୋଟେଲ, ରେଷ୍ଟୁରାଣ୍ଟ ଖୋଲିବା ପରେ ଏହି ସଂଖ୍ୟା ବହୁ ଗୁଣରେ ବୃଦ୍ଧି ପାଉଛି।

ତେଣୁ କରୋନା ଦୂର ହେବ। କିନ୍ତୁ ଏବେ ସଚେତନ ହେବାକୁ ପଡ଼ିବ। ମାସ୍କ ପିନ୍ଧିବା, ଶରୀରିକ ଦୂରତା ରଖିବା ଓ ନିୟମିତ ହାତ ଧୋଇବା। ସର୍ବୋପରି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିପାରିଲେ, ତେବେ ଯାଇ କରୋନା ହାରିବ, ଆମେ ନିଶ୍ଚୟ ଜିତିବା। ଆମେ ଯଦି ହେବା ସଚେତନ, କରୋନା ହୋଇବ ଅନ୍ତର୍ଦ୍ଧାନ।


+ କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪


## କବିତା କୋଣାର୍କ

### ମଧୁମାଳତୀ...

**ଡ. ମାଙ୍ଗଲିକା ମହାପାତ୍ର**

ମଧୁମାଳତୀ.. ଦେଖି ମଲ୍ଲୀକୁ
କହେ ହସି ହସି..

ଆଗୋ ମୋ ପ୍ରେୟସୀ
ରୂପରେ ତୁମ ମମତା ଭରିଛ
ଦେଖି ତୁମ ରୂପର ମାଧୁରୀ
ମନେ ଭାଙ୍ଗିଯାଏ ଖୁସି..

କେମିତି ଗଢ଼ିଲା ବିଧାତା ତୁମକୁ
ଭାବି ଭାବି ତାର ମଧୁର ସୃଷ୍ଟିକୁ
ଦିନ ରାତି ଯେ ଏକାକାର ହୁଏ
ମନ ଭାସିଯାଏ ସେ ଶ୍ରୀଚରଣକୁ

ରୂପ ସହ ଗୁଣ ତୁମର
ମୁଗ୍ଧ କରେ ମୋ ମନକୁ
ଚୁମ୍ବକ ପରି ଚାଲିଯାଏ
ମନଟି ତୁମ ପାଖକୁ...

ପ୍ରଣାମେ ସୃଷ୍ଟିର ସ୍ରଷ୍ଟାକୁ
ମନାସେ ଯେ ସଦା..
ରୂପ ଆଉ ଗୁଣ ତୁମର
ମହକୁ ଯୁଗ ଯୁଗକୁ..



## କବିତା କୋଣାର୍କ

### ଏମିତି କୁଆଁ କହ..

**ଅଶୋକ କୁମାର ପ୍ରଧାନ**

କହଇ କୁନା ଶୁଣରେ ମୁନା
ଶୀତରେର ନାହିଁ ଶୀତ
ସକାଳ ଖରାର ଦେହକୁ ଆଉ
ଲାଗୁନି ଜମା ହିତ
ଖରା ଦିନରେ ଟାଣ ଖରାରେର
ଫାଟୁଛି ଦେଖ ଧରା
ବରଷା କାଳେ ପଡୁନି ଭଲେ
ଆକାଶୁ ବାରି ଧାରା
ଶରତ କାଳେ ନଈ ପଠାରେ
ହସୁନି କାଶତଣ୍ଡୀ
ହେମନ୍ତ କାଳେ ଗଛର ଡାଳେ
ଫୁଟୁନି ଫୁଲ ମଣ୍ଡି
ବନ ପାହାଡ଼ ଗିରି ଉହାଡ଼
ଦିନୁନି ସବୁଜିମା
ପ୍ରକୃତି ଆମ ଲାଗେ ନୀରସ
ଏ କିଆଁ ବିଡମ୍ବନା
ନଈରର କୂଳ ପୋଖରୀ ଜଳ
ଅସନା ଲାଗେ ଆଜି
ବିଶୁଦ୍ଧ ବାୟୁ ଆମରି ଆୟୁ
ଯାଇଛି ସେତ ହଜି
ଏମିତି କିଆଁ ବିପଦ ଠିଆ
ଆମରି ଆଗେ କହ
କହଇ କୁନା ଆମେରେ ଦୋଷୀ
ଆମ ବିନା କେ ନୁହଁ ।
ସ୍ୱାର୍ଥ ଲାଗି ଗଛକୁ କାଟି
କରିଲେ ଆମେ ପଦା
ସେଇଥି ଲାଗି ବିପଦ ଆସି
ଆମରି ଆଗେ ଉଭା ।
ପ୍ରକୃତି ଆମେ ସୁରକ୍ଷା କଲେ
ବିପଦ ଯିବ ଟଳି
ହସି ଖେଳିବା ସଭିଏଁ ମିଶି
ଆମେ ପୂରୁବ ଭଳି ।


+ ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ରୋହିଗାଁ, ଗଞ୍ଜାମ
ମୋ: ୮୨୪୯୧୧୯୧୩୦


### ବୋଉ ଭାଜିଥିଲେ ଲୁଣିଆ ସୁକୁଆ...

**ଧୀରେନ୍ଦ୍ର ମଲ୍ଲିକ**

ବାଇଗଣ ଗୋଟେ ଦେଲିଟି ପୋଡ଼ି,
ବଢ଼ି ଦିଟା ନେଇ ଶିଳରେ ଚୁରିକି
ପଖାଳ କଂସାଏ ଆଣିଲି ବାଢ଼ି ।
ଖାଇଲି ଆନନ୍ଦେ ପେଟ ପୁରା ମୁହିଁ
ମୁହଁ ଧୋଇ ସାରି ବିଶ୍ରାମ କଲି,
କିଛି କ୍ଷଣ ପରେ ଗାଇ ନେଇ କିରି
ଜେଜେଙ୍କ ସାଙ୍ଗରେ ବିଲକୁ ଗଲି ।
ଗାଇ ବାନ୍ଧି ଜେଜେ ହିଡ କଡ଼େ କଡ଼େ
ହେଇଥିବା ସବୁ କାଟିଲେ ଘାସ,
କହିଲେ ମତେ ତୁ ଯାଆନି କୁଆଡ଼େ
ଗାମୁଛା ପକେଇ ସେଇଠି ବସି ।
ଗୋଟେ ଅଖା ଘାସ କାଟି
ସାରିଲେ ମୁଁ
ଗାଇ ନେଇକିରି ଘରକୁ ଯିବା,
ବାନ୍ଧି ଦେଇ ଗୋଟେ ଘାସ ଅଖାଟିକୁ
ତୋ ବୁଢ଼ୀ ମାଆର
ହାତରେ ଦେବା ।
ଜେଜେ କଥା ଶୁଣି କହିଲି ମୁଁ ତାଙ୍କୁ
ବସିଲେ ବିରକ୍ତ ଲାଗିବ ମତେ,
ମୁଁ ବି କାଟିବି ସାଥିରେ ତୁମର
ଦାଆ ଟିଏ ଦିଅ ମୋହରି ହାତେ ।
ଜେଜେ ମନା କଲେ ନାହିଁରେ ଧିରୁଆ
ଅମାନିଆ ଯମା ହୁଅନି ତୁହି,
ଆସିବନି ଘାସ କାଟିବା ତତେରେ
ଧାରୁଆ ଦାଆଟା ଦେତୁ ଥୋଇ ।
କହିଲି ଜେଜେ ମୁଁ କିଛି ହେବ ନାହିଁ
ଚିନ୍ତା କରନାହିଁ ଜମାରୁ ତୁମେ,
ଅଳପ କାଟିକି ବସିବି ହିଡରେ
ଲାଗିଯାଅ ତୁମେ ତୁମରି କାମେ ।
ଆନନ୍ଦେ କାଟିବା କିଛି କ୍ଷଣ ପରେ
ଅନ୍ୟମନସ୍କ ମୁଁ ଟିକେ ହେବାରୁ,
କଟିଗଲା ମୋର ବାମପଟ ହାତ
ବନ୍ଦ ହେଲାନି ରକ୍ତ ଜମାରୁ ।
ଏହା ଦେଖି ଜେଜେ
ଭାରି ବ୍ୟସ୍ତ ହୋଇ
ଗାମୁଛା ଚିରିକି ବାନ୍ଧିଲେ ହାତେ,
କହିଲେ ଚଣ୍ଡାଳ ଏ କ'ଣ କଲୁରେ
ମନା କରୁଥିଲି ଆଗରୁ ତତେ ।
ଘର ଲୋକ ଏବେ
ଦେଖିଲେ ତୋ ହାତ
ବହୁତ ଚିନ୍ତିତ ବ୍ୟସ୍ତ ହୋଇବେ,
ନେଉଥିଲି କାହିଁ ସାଙ୍ଗରେ ତତେ ମୁଁ
ସବୁ ଦୋଷ ବୋଲି ମୋର କହିବେ ।
ଯାହା ହେଉ ପଛେ ବିଳମ୍ବ ନ କରି
ମେଡିକାଲ ଆ ସାଥିରେ ମୋର,
ଡାକ୍ତର ଦେଖେଇ ଔଷଧ ଆଣିବା
ତା' ପରେ ଯାଇ ଫେରିବା ଘର ।


+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ:୭୯୦୪୩୯୨୬୮୬

ଅଂଶୁମାନ ମହାରଣା

# ଜୟ କିଷାନ ଧ୍ୱନିର୍ ବାର୍ତ୍ତାବହକ : କୃଷି ବିଧେୟକ ୨୦୨୦



ନିକଟ ଅତୀତରେ ବିରୋଧୀ ଦଳ ମାନଙ୍କ ପ୍ରବଳ ପ୍ରତିବାଦ ଭିତରେ ସଂସଦରେ ଗୃହୀତ ହୋଇଥିବା କୃଷି ବିଲ ଭାବରେ ପରିଚିତ କୃଷି ସମ୍ପର୍କିତ ୩ ଟି ବିଧେୟକ କୁ ଭାରତର ମହାମହିମ ରାଷ୍ଟ୍ରପତି ମୁରୀ ପ୍ରଦାନ କରିଛନ୍ତି। ଜୁନ ୫ ରେ ସଂସଦରେ ଅଧ୍ୟାଦେଶ ଭାବରେ ଅଣାଯାଇଥିବା ଏହି ବିଧେୟକ ଗୁଡ଼ିକ ଲକଡ଼ାଉନ ସମୟରେ କୃଷି ସଂସ୍କାରକୁ ତ୍ୱରାନ୍ୱିତ କରିବାକୁ ଅଣାଯାଇଥିଲା। ବର୍ଷ ବର୍ଷ ଧରି ବିଚାରଧୀନ ଥିବା ସ୍ୱାମୀନାଥନ କମିଟିର ସୁପାରିସ କୁ କାର୍ଯ୍ୟକାରୀ କରିବା ପାଇଁ ମୋଦୀ ସରକାରଙ୍କ ଏହି ବିଲ୍ ରେ କେତେକ ଗୋଷ୍ଠୀର ତୁରନ୍ତ ଲାଭ ଏବଂ ସାଧାରଣ କୃଷକଙ୍କ ସ୍ୱାର୍ଥ ଓ କୃଷି କ୍ଷେତ୍ରର ବିକାଶ ସେମାନଙ୍କ ସ୍ୱାର୍ଥ ଅପେକ୍ଷା ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ଏହି କୃଷି ବିଲ ବର୍ଷ ବର୍ଷ ଧରି ମଣ୍ଡିରେ ଚାଲୁଥିବା ଚାଷୀଙ୍କ ଶୋଷଣକୁ ଶେଷ କରିବା ନିମନ୍ତେ ଆଗତ କରାଯାଇଛି। ସଂସଦୀୟ ଷ୍ଟାଣ୍ଡିଂ କମିଟି (କୃଷି) ୨୦୧୮-୧୯ ର ସୁପାରିଶ ଅନୁଯାୟୀ ମଧ୍ୟ ଏହି କୃଷି ବିଲ୍ ରହିଛି, ଯେଉଁଥିରେ ବିଭିନ୍ନ ଦଳର ସାଂସଦ ମାନେ ମଧ୍ୟ ଏହାର ସଦସ୍ୟ ଥିଲେ। ଯେଉଁମାନେ ବର୍ତମାନ ଏହା ଉପରେ ରାଜନୀତି କରୁଛନ୍ତି। କୃଷକଙ୍କ ସ୍ୱାର୍ଥ ରକ୍ଷା ତଥା ସେମାନଙ୍କ ଉତ୍ପାଦ ପାଇଁ ଅଧିକତମ ମୂଲ୍ୟ ପ୍ରଦାନ କରିବା ନିମନ୍ତେ ଏହି ଅଧ୍ୟାଦେଶକୁ ସେମାନଙ୍କ ଦ୍ୱାରା ବିରୋଧ କରାଯାଉଛି।

୨୦୦୮ ରେ ସ୍ୱାମୀନାଥନ କମିଟି କହିଥିଲା ଯେ ବର୍ତମାନ ୧ ଏପିଏମସି ବଜାରରେ ୪୯୬ ବର୍ଗ କିଲୋମିଟର ଅଂଚଳ ଦେଖା ଯାଉଥିବା ବେଳେ ଭାରତର କୃଷକ ଆୟୋଗର ସୁପାରିଶ ଅନୁଯାୟୀ ସୀମା ୮୦ କିଲୋମିଟର ହେବା ଉଚିତ। ତେଣୁ ଏପରି ବ୍ୟବସ୍ଥା କରିବା ଆବଶ୍ୟକ ଯାହା ଦ୍ୱାରା କୃଷକ ସର୍ବାଧିକ ଲାଭ ପାଇପାରିବେ। ସଂସଦୀୟ ଷ୍ଟାଣ୍ଡିଂ କମିଟି (କୃଷି) ଜାଣିବାକୁ ପାଇଥିଲା ଯେ କୃଷକ ମାନଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ପାଇବା ପାଇଁ ସ୍ୱଚ୍ଛ ବ୍ୟବସ୍ଥା, ସହଜ ପ୍ରବେଶ ଏବଂ ଦକ୍ଷ ବଜାର ପ୍ଲାଟଫର୍ମ ସମ୍ପୂର୍ଣ୍ଣ କିନ୍ତୁ ୧ ଏପିଏମସି ବଜାରରେ ଏହି ସୁବିଧା ଗୁଡ଼ିକର ସମ୍ପୂର୍ଣ୍ଣ ଅଭାବ। ଦେଶର ଶତକଡ଼ା ୮୬ ପ୍ରତିଶତ କୃଷକ ହେଉଛନ୍ତି କ୍ଷୁଦ୍ର ହୋଲଡ଼ିଂ କୃଷକ, ଯେଉଁମାନେ ଏହି ଏପିଏମସି ବଜାରକୁ ପ୍ରବେଶ କରିପାରିବେ ନାହିଁ କିମ୍ବା ପହଂଚିବା ପରେ ସେମାନଙ୍କ ଉତ୍ପାଦନର ସଠିକ ମୂଲ୍ୟ ପାଇବା ପାଇଁ ସେମାନଙ୍କର ବୁଝାମଣା କ୍ଷମତା ପର୍ଯ୍ୟାପ୍ତ ନୁହେଁ। କାରଣ ଅଧିକାଂଶ ଏପିଏମସି ବଜାରରେ ବ୍ୟବସ୍ଥା ସ୍ୱଚ୍ଛ ନୁହେଁ।

କୃଷକମାନେ ବାଣିଜ୍ୟ ଏବଂ ବାଣିଜ୍ୟ ଉତ୍ପାଦନ (ପଦୋନ୍ନତି ଏବଂ ସୁବିଧା) ବିଲ ୨୦୨୦ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ମଣ୍ଡି ଉପରେ କୃଷକଙ୍କ ନିର୍ଭରଶୀଳତା ହ୍ରାସ କରିବା। କୃଷକ ବର୍ତମାନ ଦେଶର ଯେକୌଣସି ସ୍ଥାନରେ ନିଜର ଫସଲ ବିକ୍ରୟ କରିବାରେ ସକ୍ଷମ ହେବେ। କୃଷକମାନେ ସେମାନଙ୍କର ଶସ୍ୟକୁ ସ୍ଥାନୀୟ ମଣ୍ଡିରେ ବିକ୍ରୟ କରିବାକୁ ବାଧ ନୁହନ୍ତି। ଏହି ବିଲ ସେମାନଙ୍କର ଫସଲକୁ ଅନ୍ୟତ୍ର ବିକ୍ରୟ କରିବାର ସ୍ୱାଧୀନତା ପ୍ରଦାନ କରୁଛି। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହା ସର୍ବନିମ୍ନ ସହାୟକ ମୁଲ୍ୟ ଉପରେ କୌଣସି ପ୍ରକାର ପ୍ରଭାବ ପକାଇବ ନାହିଁ। ପ୍ରକୃତରେ କୃଷି ବିଲ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ସର୍ବାଧିକ ମୂଲ୍ୟ ପ୍ରଦାନ କରିବ। ଏହି କୃଷି ବିଲ କୃଷି ବଜାରର ପାରମ୍ପାରିକ ଅର୍ଥକୁ ବଦଳାଇବା ସହ କୃଷକ ମାନଙ୍କୁ ମଧ୍ୟସ୍ଥି ଏବଂ ଚାକିରୀ ପ୍ରଣାଳୀରୁ ମୁକ୍ତ କରିବାକୁ ଅଧିକ ଗୁରୁତ୍ୱ ଦେଉଛି। ସେଇ କ୍ଷେତ୍ରରେ ହିଁ କୃଷି ବିଲ କୁ ଅଧିକ ବିରୋଧ କରାଯାଉଛି, ଯେଉଁଠାରେ ପାରମ୍ପାରିକ ମଣ୍ଡି କମିଟି ଅଧୀନରେ ରହିଛି। ଏଭଳି କ୍ଷେତ୍ରରେ ମଣ୍ଡି କମିଟି ଅଧୀନରେ ସକ୍ରିୟ ଥିବା କୃଷକ ସଂଗଠନ ଗୁଡ଼ିକ କୃଷକଙ୍କ ବ୍ୟାପକ ସ୍ୱାର୍ଥ ଉପରେ ସେମାନଙ୍କ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି।

ଭାରତ ସରକାର କିଛି ଦିନ ପୂର୍ବରୁ ଇ-ନାମ ମାଧ୍ୟମରେ ସମଗ୍ର ଦେଶରେ ମଣ୍ଡି ଗୁଡ଼ିକୁ ପରସ୍ପର ସହ ଯୋଡ଼ିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଯେ କୃଷକ ମାନେ ସେମାନଙ୍କ ଫସଲ କୃଷି ଉତ୍ପାଦନ ବାଣିଜ୍ୟ ଏବଂ ବାଣିଜ୍ୟ ଉତ୍ପାଦନ (ପଦୋନ୍ନତି ଏବଂ ସୁବିଧା) ବିଲ ୨୦୨୦ ପାଇଁ ଉଚିତ ମୂଲ୍ୟ ପାଇବେ। ଅଶୋକ ଗୁଲାଟି ପରି କୃଷିକ୍ଷେତ୍ରର ବିଦ୍ୱାନ ମଧ୍ୟ ଦୀର୍ଘ ଦିନ ଧରି ଏହି ନୀତି କାର୍ଯ୍ୟକାରୀ କରିବାକୁ ଓକିଲାତି କରି ଆସୁଛନ୍ତି। ବିଗତ ଅନେକ ବର୍ଷ ଧରି ରାଜ୍ୟ ତଥା କେନ୍ଦ୍ର ସରକାର ନୂତନ ସଂସ୍କାର କାର୍ଯ୍ୟକାରୀ କରିବା ତଥା ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ମଣ୍ଡି କମିଟି ମାନଙ୍କୁ ଅନୁରୋଧ କରିଆସୁଥିଲେ ମଧ୍ୟ ଅନେକ ଅଧ୍ୟୟନରେ ଏବଂ ସଂସଦୀୟ କମିଟିର ରିପୋର୍ଟରେ ଏହା ମଧ୍ୟ ଜଣା ପଡ଼ିଛି ଯେ ବର୍ତମାନର ବ୍ୟବସ୍ଥା ଚାଷୀ ମାନଙ୍କ ଉପରେ ଅତ୍ୟାଚାର କରୁଛି। ବଜାର କମିଟିରେ ଯାହାର ପ୍ରବେଶ କରାଯିବ, ସେଥି ନିମନ୍ତେ କ୍ରୟ ଓ ବିକ୍ରୟର ସମସ୍ତ ନିୟମ ପୃଥକ ଭାବରେ କରାଯାଇଛି। ଯେଉଁଥି ପାଇଁ କୃଷକ ମାନଙ୍କର ବଜାରରେ ବହୁତ କମ ବିକଳ୍ପ ଥିଲା। ଏହି ସବୁ ସମସ୍ୟାକୁ ଗୁରୁତ୍ୱ ଦେଇ ବର୍ତମାନର ବିଲ କୁ ବିସ୍ତୃତ ପରାମର୍ଶ ପରେ ଅଣାଯାଇଥିଲା। ଏହି ବିଲ ପ୍ରଣୟନ ହେବା ପୂର୍ବରୁ ଭାରତ ସରକାର ୭ ଜଣ ମୁଖ୍ୟମନ୍ତ୍ରୀ ମାନଙ୍କୁ ନେଇ ଏକ କମିଟି ଗଠନ କରିଥିଲେ, ଯାହାର କାର୍ଯ୍ୟ ଥିଲା କୃଷକ ମାନେ କିପରି ସେମାନଙ୍କ ଉତ୍ପାଦ ପାଇଁ ସର୍ବୋତମ ମୂଲ୍ୟ ପାଇ ପାରିବେ। ଏପରି ସ୍ଥଳେ କିଛି ରାଜ୍ୟ ତଥା ସଂଗଠନ ମାନେ ବିରୋଧ କରିବାର ସବୁଠୁ ବଡ଼ କାରଣ ହେଲା, ଏହି ବିଲ ପରେ ରାଜ୍ୟ ସରକାର ବଜାରରେ କ୍ରୟ ଏବଂ ବିକ୍ରୟ ଉପରେ ଚାଷୀଙ୍କ ଉପରେ କୌଣସି ଟିକସ ଲଗାଇ ପାରିବେ ନାହିଁ।

କୃଷକ ମାନଙ୍କୁ କୃଷିକ୍ଷେତ୍ରରେ ଅନେକ ଅନିଶ୍ଚିତତାର ସମ୍ମୁଖୀନ ହେବାକୁ ପଡୁଛି। ଫସଲ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟାକୁ ସାମନା କରିବାକୁ ପଡୁଛି, ଯେଉଁଥିପାଇଁ କୃଷକ ମାନେ ପର୍ଯ୍ୟାପ୍ତ ପରିମାଣର ଆୟ ପାଇ ପାରୁନାହାନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ସରକାର ଚୁକ୍ତିଭିତିକ କୃଷି କାର୍ଯ୍ୟକାରୀ କରିବାକୁ ନିଷ୍ପତି ନେଇଛନ୍ତି, ଯେଉଁଥିରେ କୃଷକର ଫସଲ ନଷ୍ଟ ହେଲେ ଚୁକ୍ତିଭିତିକ ନେଇ କୃଷି କରୁଥିବା ବ୍ୟକ୍ତି ଏଥିନିମନ୍ତେ ଦାୟୀ ରହିବେ। ଏଥି ସହିତ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ଗୁଡ଼ିକ ବର୍ତମାନ କ୍ଷୁଦ୍ର ଚାଷୀଙ୍କ ଚାଷ ଜମି ଭଡ଼ାରେ ନେଇ କୃଷି କରିପାରିବେ, ଯେଉଁଥିରୁ କୃଷକ ମାନେ ଏକ ସୁରକ୍ଷିତ ଆୟ ପାଇ ପାରିବେ। ଚୁକ୍ତିଭିତିକ କୃଷି ଅନେକ କ୍ଷେତ୍ରରେ ଏବେ ବି ପ୍ରଚଳିତ। କୃଷି ଉତ୍ପାଦନ ବାଣିଜ୍ୟ ଏବଂ ବାଣିଜ୍ୟ ଉତ୍ପାଦନ (ପଦୋନ୍ନତି ଏବଂ ସୁବିଧା) ବିଲ ୨୦୨୦ ଏହାକୁ ସାମ୍ବିଧାନିକ ଅଧିକାର ଦେବ କୃଷକଙ୍କ ସ୍ୱାର୍ଥ ଆଇନ ଦ୍ୱାରା ସୁରକ୍ଷିତ ରହିବ। କୃଷି ବିଲ ୨୦୨୦ ମାଧ୍ୟମରେ ସମବାୟ ଭିତିକ କୃଷି ଏବଂ ବେସରକାରୀ କ୍ଷେତ୍ର କୃଷିକ୍ଷେତ୍ରରେ ପ୍ରବେଶ କରିପାରିବେ, ଯାହାଦ୍ୱାରା କୃଷିଭିତିକ ପ୍ରଯୁକ୍ତିବିଦ୍ୟା ଏବଂ କୃଷି ସମ୍ବନ୍ଧୀୟ ସୁବିଧା ମଧ୍ୟ ବିକଶିତ ହେବ। ଏହି କୃଷି ବିଲ କୃଷକ ମାନଙ୍କୁ ଫସଲ ବିକ୍ରୟ କରିବା ପୂର୍ବରୁ ବିକ୍ରେତା ସହ ଚୁକ୍ତି କରିବାର ଅଧିକାର ଦେଇଥାଏ। ଏଥି ଅନୁଯାୟୀ ଫସଲର ମୂଲ୍ୟ ଚୁକ୍ତିରେ ଉଲ୍ଲେଖ କରିବାକୁ ପଡ଼ିବ ଯାହା ଦ୍ୱାରା ପରବର୍ତୀ ସମୟରେ ମଧ୍ୟ କୃଷକଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ। କୌଣସି ବିବାଦକୁ ଏଡ଼ାଇବା ପାଇଁ ଏହି ବିଲ ଏକ ତିନି ସ୍ତରୀୟ ବିବାଦର ସମାଧାନ ଢାଂଚା ସୃଷ୍ଟି କରିବା ବିଷୟରେ ମଧ୍ୟ କହିଛି। ପ୍ରଥମ ସମନ୍ୱୟ ବୋର୍ଡ଼, ଦ୍ୱିତୀୟ ସବ୍-ଡ଼ିଭିଜନାଲ ମାଜିଷ୍ଟ୍ରେଟ ଏବଂ ତୃତୀୟ ଅପିଲଟି ଅଥରିଟି। ସମୟ ସୀମା ମଧ୍ୟରେ ଏହି ତିନୋଟି ପଦ୍ଧତି ଉପରେ ବାଧ୍ୟତାମୂଳକ ନିଷ୍ପତି ନିଆଯାଇ ପାରିବ।

ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ବିଲ ୨୦୨୦ ନିଶ୍ଚିତ କରିବ ଯେ କେନ୍ଦ୍ର ସରକାର କେବଳ ଅସାଧାରଣ ପରିସ୍ଥିତିରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣକୁ ନିୟନ୍ତ୍ରଣ କରିପାରିବେ। ଏହି ବିଲ ରେ ଦର୍ଶାଯାଇଛି ଯେ ଉଦ୍ୟାନ କୃଷିଜାତ ଦ୍ରବ୍ୟର ମୂଲ୍ୟ ୧୦୦ ପ୍ରତିଶତ ଏବଂ ନଷ୍ଟ ହୋଇ ନ ଥିବା କୃଷିଜାତ ଦ୍ରବ୍ୟର ମୂଲ୍ୟ ୫୦ ପ୍ରତିଶତ ବୃଦ୍ଧି ହେଲେ ହିଁ ଦ୍ରବ୍ୟ ସଂଗ୍ରହ ନିର୍ଣ୍ଣୟ କରାଯାଇ ପାରିବ। ଶୀତଳ ଭଣ୍ଡାର ଏବଂ ଖାଦ୍ୟ ଯୋଗାଣ ଶୃଙ୍ଖଳାର ଆଧୁନିକୀକରଣରେ ଏହି ଅଧିନିୟମ ଗୁଡ଼ିକ ବିଶେଷ ସହଯୋଗୀ ହେବ, ଯାହା କୃଷକ ତଥା ଗ୍ରାହକଙ୍କ ପାଇଁ ମୂଲ୍ୟ ସ୍ଥିର ରଖିବ। ଏଥି ଅଧୀନରେ ଥିବା ଶସ୍ୟ, ଡ଼ାଲି, ତେଲ ମି, ଖାଇବା ତେଲ, ଆଳୁ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ତାଲିକା ହଟାଇ ଦିଆଯାଇଛି। ଏହି ପଦକ୍ଷେପ ଉତ୍ପାଦନ, ସଂରକ୍ଷଣ, ଗତି ଏବଂ ବଂଟନ ଉପରେ ସରକାରୀ ନିୟମକୁ ସମାପ୍ତ କରିବା ନିମନ୍ତେ ଉଦ୍ଦିଷ୍ଟ। ଏହି ବିଲ ପିଡ଼ିଏସ କୁ ଏକ ବ୍ୟତିକ୍ରମ ବୋଲି ବିବେଚନା କରେ ଏବଂ ଏହାର ଯୋଗାଣକୁ ଏଥିରୁ ଅଲଗା ରଖେ। ଅର୍ଥାତ ପୂର୍ବ ସରକାରୀ ଯୋଜନା ଗୁଡ଼ିକ ପୂର୍ବପରି ଚାଲୁ ରହିବ ତଥା ସେହି ସରକାରୀ ଯୋଜନା ଗୁଡ଼ିକ ଏହି କୃଷି ବିଲ ଦ୍ୱାରା ପ୍ରଭାବିତ ହେବ ନାହିଁ। ସଂକ୍ଷେପରେ କହିବାକୁ ଗଲେ ଏହି କୃଷି ବିଲ ଦ୍ୱାରା ଏମଏସପି ର ସୁରକ୍ଷା ରହିବା ସହିତ କୃଷକ ମାନଙ୍କ ପାଖରେ ଥିବା ବିକଳ୍ପରେ ସରଳୀକରନ ହେବ। ଯାହା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଜୟ କିଷାନ ଧ୍ୱନି ସାର୍ଥକତା ବହନ କରିବ।

+ ମୋ: ୮୦୯୩୨୯୮୭୨୪
anshumanmaharanamedia@gmail.com

# ଦୁବାଇରେ ଜାକେଲିନ୍



ବଲିଉଡ୍ ଧୀରେଧୀରେ ଚଳଚଞ୍ଚଳ ହେଉଛି। କ୍ୟାମେରା-ଲାଇଟ୍-ଆକ୍ସନ୍ ଆରମ୍ଭ ହେଲାଣି। ସରକାରୀ ନୀତି-ନିୟମ ଓ କଟକଣା ପାଳନ କରାଯାଉଥିବାରୁ ଏତେ ଗହଳି ହେଉନାହିଁ। ତେବେ, କେହି ମାନ୍ଦା ଲାଗୁନାହାନ୍ତି। ସବୁ ପେସାଦାର ନୂଆ ତେଜ ନେଇ ନିଜ ନିଜ ଭୂମିକାରେ ଅବତୀର୍ଣ୍ଣ। ଜାକେଲିନ୍ ଫର୍ନାଣ୍ଡିଜ୍ ଯାଇଛନ୍ତି ଦୁବାଇ। ସେଠାରେ 'ଆଇପିଏଲ' ଚାଲିଛି। ତେବେ, ସେ ଖେଳ ଦେଖିବାକୁ ବା ଖେଳ ସଂପର୍କିତ କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉନାହାନ୍ତି। ସେ ଏକ ବିଜ୍ଞାପନ ଫିଲ୍ମର ସୁଟିଂ ପାଇଁ ବିଦେଶରେ। ଏକ ଦାମୀ ବ୍ରାଣ୍ଡ୍ ପାଇଁ 'କୋଭିଡ୍ ୧୯' ବ୍ୟାପିବା ପୂର୍ବରୁ ଅନୁବନ୍ଧିତ ହୋଇଥିଲେ ଏବଂ ଅଗ୍ରିମ ନେଇଥିଲେ। ଏବେ ସୁଟିଂର ବାଟ ଖୋଲିବା ପରେ କାମ ଶୀଘ୍ର ସାରିବାକୁ ସେ ବ୍ୟଗ୍ର। ଦୁଇ ତିନି ଦିନ ଭିତରେ ଦୁବାଇରୁ ଫେରି ଆସିବେ। ତାଙ୍କ ହାତରେ ଏବେ ଅଛି ଦୁଇଟି ଫିଲ୍ମ- 'କିକ୍୨' ଓ ଭୂତ ପୁଲିସ୍'। ସୁଟିଂ କେବେ ଆରମ୍ଭ ହେବ ଜଣାପଡ଼ିନାହିଁ।

# ମିଜୋରାମ

## ଦେଶର ସବୁଠୁ ସୁଖୀ ରାଜ୍ୟ:



ସ୍ଥାନୀୟ ଭାଷାରେ 'ଜୋ' ଶବ୍ଦର ଅର୍ଥ ଶୀତଳ ଅଞ୍ଚଳର ବାସିନ୍ଦା । ସେହି ବାସିନ୍ଦାମାନଙ୍କର ରହିବାର ଜାଗା ହେଉଛି 'ମିଜୋରାମ' । ଜନଜାତିମାନଙ୍କ ଭାଷାରେ 'ରାମ' ଶବ୍ଦର ଅର୍ଥ ଦେଶ । ସାମ୍ପ୍ରତିକ ସମୀକ୍ଷା କହୁଛି ଭାରତର ଉତ୍ତର-ପୂର୍ବର ସାତଭଉଣୀ ବା ସେବେନ୍ ସିଷ୍ଟର୍ସ ମଧ୍ୟରୁ ଅନ୍ୟତମ ଏହି ରାଜ୍ୟ ଦେଶର ଛୋଟ ରାଜ୍ୟଗୁଡ଼ିକ ମଧ୍ୟରେର ସବୁଠୁ ସୁଖୀ । ପ୍ରଥମ ଥର ପାଇଁ ଦେଶରେ ସୁଖର ସମୀକ୍ଷା କରାଯାଇଥିଲା ବେଳେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ଥାନ ପାଇଥିଲା । ସୁଖ ଉପରେ କୋଭିଡ୍ର ପ୍ରଭାବ, ଲୋକମାନଙ୍କ ଉପରେ ନେତାମାନଙ୍କ ପ୍ରଭାବ ଏବଂ ସାଧାରଣ ଜନତାଙ୍କ ସୁଖର ଚାବି କ'ଣ- ଏହିସବୁ ତଥ୍ୟ ଆଧାରରେ ସମୀକ୍ଷା କରାଯାଇଥିଲା । ୨୦୨୦ ମସିହା ମାର୍ଚ୍ଚରୁ ଜୁଲାଇ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଲକ୍ଡାଉନ୍ ପିରିୟଡ୍ରେ ଏହି ସମୀକ୍ଷାଟି କରାଯାଇଥିଲା ।

ସମୀକ୍ଷାର ନିଷ୍କର୍ଷ ସମ୍ପାଦନା କରିଛନ୍ତି ପ୍ରଫେସର ରାଜେଶ କ ପିଲ୍ଲାନିୟା । ସମୀକ୍ଷାର ନିଷ୍କର୍ଷରେ ସୁଖର ସର୍ତ୍ତ ହିସାବରେ ଦେଖିବାକୁ ମିଳିଛି ବୈବାହିକ ଅବସ୍ଥା, ବୟସ, ଶିକ୍ଷା ଓ ରୋଜଗାର । ସମୀକ୍ଷାରେ ଉଲ୍ଲେଖଯୋଗ୍ୟ ଭାବରେ ଦେଖିବାକୁ ମିଳିଛି ବିବାହିତମାନେ ଅବିବାହିତମାନଙ୍କ ତୁଳନାରେ ଅଧିକ ସୁଖୀ । ମିଜୋ ପାହାଡ଼ରେ ଜନବସତିର ସନ୍ଧାନ ମିଳିଥିଲା ୧୫୦୦ ଖ୍ରୀଷ୍ଟାବ୍ଦରେ । ବ୍ରିଟିଶ ଲେଖକମାନେ ସେମାନଙ୍କୁ 'କୁକି' ନାମରେ ଉଲ୍ଲେଖ କରିଥିଲେ । ବ୍ରିଟିଶ ଶାସନ ଆଗରୁ ଛୋଟ ଛୋଟ ସ୍ୱୟଂଶାସିତ ଗ୍ରାମରେ ମିଜୋମାନେ ବିଭକ୍ତ ଥିଲେ । ପ୍ରତ୍ୟେକ ଗ୍ରାମରର ଶାସନ ଚାଲୁଥିଲା ଗ୍ରାମମୁଖିଆମାନଙ୍କ କଥାରେ । ସମାଜର ଅଭିଜ୍ଞ ଏବଂ ପ୍ରବୀଣ ଲୋକମାନେ ହିଁ ମୁଖିଆ ହେଉଥିଲେ । ତେବେ ପଡ଼ୋଶୀ ଜନପଦ ଏବଂ ଦେଶୀୟ ରାଜାମାନଙ୍କର ପ୍ରଭାବ ଥିଲା ଏହି ଛୋଟ ଗାଁଗୁଡ଼ିକ ଉପରେ । ଦୀର୍ଘଦିନ ପ୍ରତିରୋଧ କରି ମଧ୍ୟ ଶେଷରେ ୧୮୯୫ ମସିହାରେ ବ୍ରିଟିଶମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ ହୋଇଥିଲେ ମିଜୋ ଜନଜାତି । ବ୍ରିଟିଶ ଉପନିବେଶର ଅଂଶ ହେବା ପରେ ମିଜୋ ପାହାଡ଼ରେ ମିଶନାରରିମାନଙ୍କ ପ୍ରଭାବ ବୃଦ୍ଧି ପାଇଥିଲା । ଏହା ପରଠାରୁ ମିଜୋ ସମାଜ ଏବଂ ସଂସ୍କୃତିରେ ପରିବର୍ତ୍ତନ ଆରମ୍ଭ ହୋଇଥିଲା । ଭାରତ ସ୍ୱାଧୀନ ହେବା ପରେ ମିଜୋ ପାହାଡ଼ି ଅଞ୍ଚଳ ଥିଲା ଭାରତର ପ୍ରଥମ କେନ୍ଦ୍ରଶାସିତ ଅଞ୍ଚଳ । ପରବର୍ତ୍ତୀ ସମୟରେ ଏହାର ନାଁ ହେଲା ମିଜୋରାମ । ୧୯୮୬ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏବଂ ମିଜୋ ନ୍ୟାସନାଲ ଫ୍ରଣ୍ଟ ବା ଏମ୍ଏନ୍ଏଫ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ମିଜୋରାମ ଶାନ୍ତି ଚୁକ୍ତି । ଏହାପରେ ୧୯୮୭ରେ ଭାରତର ଏକ ରାଜ୍ୟ ଭାବରେ ପରିଚିତ ହୁଏ ମିଜୋରାମ । ୮୧୪୨ ବର୍ଗମିଟର ଆୟତନର ମିଜୋରାମ ଦେଶର ପଞ୍ଚମ କ୍ଷୁଦ୍ରତମ ରାଜ୍ୟ । ମିଜୋରାମର ସର୍ବୋଚ୍ଚ ଶୃଙ୍ଗ ଫଙ୍ଗପୁଇ ଲାଂକୁ କୁହାଯାଏ । ନୀଳପାହାଡ଼ ବା ବ୍ଲୁ ମାଉଣ୍ଟେନ । ନଦୀ, ପାହାଡ଼ ଏବଂ ବନ୍ୟପ୍ରାଣୀଙ୍କ ଜୈବବୈଚିତ୍ର୍ୟରେ ଭରା ଏହି ରାଜ୍ୟର ଠିକ୍ ପରିବର୍ତ୍ତୀ ଅଞ୍ଚଳ ଦେଇ ଯାଇଛି କର୍କଟରେଖା । କୃଷିଭିତ୍ତିକ ଅର୍ଥନୀତି ଉପରେ ନିର୍ଭରଶୀଳ ଏହି ପାହାଡ଼ି ରାଜ୍ୟ ଅର୍କିଡ ଉତ୍ପାଦନରେ ସବୁଠୁ ଆଗରେ ।

ଅତୀତରେ ମିଜୋ ଉପଜାତିର ଲୋକପ୍ରିୟ ସଂସ୍କୃତି ଥିଲା ହେଡ୍ ହଣ୍ଟିଂ ବା ଶତ୍ରୁପକ୍ଷର ମୁଣ୍ଡ କାଟ । ଶିକାର କରିଥିବା କଟାମୁଣ୍ଡ ଥିଲା ଘରସଜ୍ଜାର ମୁଖ୍ୟ ଉପାଦାନ । ବ୍ରିଟିଶ ଶାସନକୁ ଆସିବା ପରେ ଏହି ପ୍ରଥା ନିଷିଦ୍ଧ ହୋଇଯାଇଥିଲା । ଅତୀତର ଏହି ନୃଶଂସ ଜନପଦ ବର୍ତ୍ତମାନ ସମୟର ସବୁଠୁ ସୁଖୀ ରାଜ୍ୟ । ମିଜୋରାମରେ ଯେ ଲୋକମାନେ ଅସନ୍ତୁଷ୍ଟ ରହନ୍ତି ନାହିଁ ସେକଥା ନୁହେଁ । ନାନା ପ୍ରକାର ଅସନ୍ତୋଷ ଥିଲେ ମଧ୍ୟ ମିଜୋ ଲୋକମାନେ ସୁଖୀ ରହିବାରେ ବିଶ୍ୱାସ କରନ୍ତି । ପ୍ରାକୃତିକ ଏବଂ ସାମାଜିକ କ୍ଷେତ୍ରରେ ନାନା ପ୍ରକାରର ସମସ୍ୟା ଏବଂ ପ୍ରତିବନ୍ଧକ ଥିବା ସତ୍ତ୍ୱେ ବି ଭାରତରେ ପ୍ରଥମ ଥର ପାଇଁ ହୋଇଥିବା ସୁଖୀ ରାଜ୍ୟ ସମୀକ୍ଷାରେ ଛୋଟ ରାଜ୍ୟଗୁଡ଼ିକର ତାଲିକାରେ ଶୀର୍ଷରେ ଅଛି ମିଜୋରାମ ।

# ଜଳ ଯୋଗାଣ ପାଇଁ ପାହାଡ଼ କାଟିଥିବା ଯୁବତୀ

ଆମ ଗାଁରେ ପାଣିର ଅଭାବ ଏତେ ତୀବ୍ର ଯେ ଝିଅମାନଙ୍କୁ ପାଞ୍ଚ/ଛଅ ବର୍ଷ ହୋଇଗଲା ମାତ୍ରେ ଦୂରଦୂରାନ୍ତ ଗାଁକୁ ପାଣି ଆଣିବା ପାଇଁ ଯାଉଥିଲି ।' ଏକଥା କୁହନ୍ତି ୧୯ ବର୍ଷିୟା ବବିତା । ପାଣିର ସମସ୍ୟା ଦୂରେଇବା ପାଇଁ ବବିତାଙ୍କ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ । ନିଜ ଗାଁର ଆଉ କିଛି ମହିଳାଙ୍କୁ ଏକାଠି କରି ପାହାଡ଼ କାଟି ୧୦୭ ମିଟର ଦୀର୍ଘ ରାସ୍ତା ତିଆରି କରିଛନ୍ତି ବବିତା ।



ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାର ଅଗରୌଠା ଗାଁରେ ଜଳସଂକଟ ଏତେ ଉତ୍କଟ ଥିଲା ଯେ ଖରାଦିନେ ୨ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗାଁକୁ ମାତ୍ର ୨ଟି ନଳକୂପ ଉପକୂଅ ଆଗରେ ଛିଡ଼ା ହୋଇ ରହିଲେ ମଧ୍ୟ ଦିନକର ଚଳିବା ପାଇଁ ପାଣି ମିଳିବା ମୁସ୍କିଲ୍ ହୋଇପଡୁଥିଲା । ହେଲେ ଆଜି ଏହି ଦୃଶ୍ୟପଟ୍ଟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । କିନ୍ତୁ ଜଳସଂକଟ ଏହି ଗାଁର ପ୍ରକୃତ ସମସ୍ୟା ନୁହେଁ । ପ୍ରକୃତ ସମସ୍ୟା ହେଉଛି ମହିଳାମାନଙ୍କ ଦୁଃସହ ସ୍ଥିତି । ଜଳସଂକଟ ଭୋଗୁଥିବା କାରଣରୁ ଏହି ଗାଁର ମହିଳାମାନେ ଘରୋଇ ହିଂସାର ଶିକାର ହୋଇଥାଆନ୍ତି ଯାହାକି ଜଳଜନିତ ସମସ୍ୟାଠାରୁ ମଧ୍ୟ ଆହୁରି ଭୟଙ୍କର । ଝିଅମାନଙ୍କୁ ଅତି ଅଳ୍ପ ବୟସରୁ ସ୍କୁଲ୍ ଛାଡ଼ିବାକୁ ବାଧ କରାଯାଏ । କେବଳ ପାଣି ବୋହିବା ପାଇଁ ଅଳ୍ପ ବୟସରୁ ଝିଅମାନଙ୍କର ବିବାହ କରିଦିଆଯାଏ । ବବିତା କୁହନ୍ତି ସକାଳ ପାଞ୍ଚଟା ବାଜିଲାମାନେ ଗାଁର ଝିଅବୋହୂମାନେ ମାଠିଆ, ବାଲ୍ଟି ଧରି ନଳକୂଅ ଆଗରେ ଲାଇନ୍ ଲଗାଇଥାଆନ୍ତି । ଘରକୁ ଫେରି ରୋଷେଇ ସାରି ଉପରଓଳି ପୁଣି ଥରେ ପାଣି ଆଣିବାକୁ ଯିବାକୁ ହୁଏ । ସେତେବେଳେ ଆଉ ଗାଁର ନଳକୂଅ ନୁହେଁ । ପାହାଡ଼ି ରାସ୍ତା ଅତିକ୍ରମ କରି ବହୁ ଦୂରରୁ ପାଣି ବୋହିବାକୁ ହୋଇଥାଏ । ପିଲାଦିନରୁ ଏଭଳି କଷ୍ଟସାଧ କାମ କରି କରି ଅତିଷ୍ଠ ହୋଇପଡିଥିଲେ ବବିତା । ତେବେ ଜଳ ସଂଯୋଗ ଅଭିଯାନ ସହ ସଂପୃକ୍ତ ବ୍ୟକ୍ତିବିଶେଷ ସେମାନଙ୍କ ଗାଁକୁ ଆସିଲା ପରେ ବବିତାଙ୍କ ମନରେ ଆଶା ସଞ୍ଚାର ହୋଇଥିଲା । ଜଳ ସଂଯୋଗ ଅଭିଯାନର ମୁଖ୍ୟ ମାନବେନ୍ଦ୍ର ସିଂଙ୍କ ସହାୟତା କ୍ରମେ ବବିତା ନିଜ ଗାଁର ମହିଳାମାନଙ୍କୁ ବୁଝାଇଥିଲେ । ପ୍ରଥମେ ଗାଁର ପୁରୁଷମାନେ ମାନିଥିଲେ । ନିଜେ ପାହାଡ଼ ଖୋଳିବା ଆରମ୍ଭ କଲେ । ବବିତାଙ୍କ ଦେଖାଦେଖି ତାଙ୍କ ଗାଁର ଆଉ କେତେଜଣ ମହିଳା ଗାଁର ମହିଳାମାନେ ପାଣି ପାଇଁ ପାହାଡ଼ ଖୋଳୁଥିବା ଦେଖି ପୁରୁଷମାନଙ୍କ ହୃଦୟ ତରଳିଲା । ସେମାନେ ବି ସହାୟତା କଲେ । କେବଳ ପାହାଡ଼ କାଟି ରାସ୍ତା ତିଆରି କଲେ ନାହିଁ । ବରଂ ବବିତାଙ୍କ ଉଦ୍ୟମରେ ଗାଁର ପାଇପ୍ ସଂଯୋଗ ହୋଇପାରିଲା । ଆଗକୁ ଯେଉଁ ଗାଁକୁ ରାସ୍ତା ନଥିବା ପାଇଁ ଗାଁରେ ପହଞ୍ଚିବା ପାଇଁ ଲୋକମାନଙ୍କୁ ଚାରିରୁ ପାଞ୍ଚ ଦିନ ସମୟ ଲାଗୁଥିଲା ଏବେ ସେହି ଗାଁକୁ ଯାତାୟତ କରିବା ପୂର୍ବ ତୁଳନାରେ ବହୁତ ସହଜ ହୋଇଯାଇଛି । ଜଳ ପାଇଁ ଆଗରୁ ଏହି ଗାଁରେ ହେଉଥିବା ଘରୋଇ ହିଂସାର ପ୍ରାୟ ସମାପ୍ତି ଘଟିଛି । ବବିତାଙ୍କ ଉଦ୍ୟମ ପାଇଁ ଏସବୁ ସମ୍ଭବ ହୋଇପାରିଛି ।



# ବିଶ୍ୱର କ୍ଷୁଦ୍ରତମ ପାର୍କ ମିଲି ଏଣ୍ଡ ପାର୍କ

ଆମେରିକାର ପୋର୍ଟଲ୍ୟାଣ୍ଡର ଥିବା ମିଲି ଏଣ୍ଡ ପାର୍କର ବ୍ୟାସ ମାତ୍ର ଦୁଇ ମିଟର । ପାର୍କରେ ରହିଛି ଗୋଟିଏ ଫୁଲ କୁଣ୍ଡ । ହେଲେ ଏହି କଥାଟିକୁ ପୋର୍ଟଲ୍ୟାଣ୍ଡବାସୀଙ୍କ ଆଗରେ ବଡ଼ ପାଟିରେ କହିବେ ନାହିଁ । କାରଣ ସେମାନେ ୪୦ ବର୍ଷ ଧରି ଏହି ସ୍ଥାନକୁ ବିଶ୍ୱର କ୍ଷୁଦ୍ରତମ ପାର୍କ ଭାବେ ବିବେଚନା କରି ଆସୁଛନ୍ତି । ଏତିକିରେ କଥା ସରୁନାହିଁ । ଏହାର ପ୍ରମାଣ ସ୍ୱରୂପ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ମିଲି ଏଣ୍ଡ ପାର୍କ ସ୍ଥାନ ପାଇଛି । ତେଣୁ ସେଠାକାର ବାସିନ୍ଦାମାନେ ଏହି ପାର୍କ ପାଇଁ ଗର୍ବିତ ଓ ଗୌରବାନ୍ୱିତ ମନେ କରନ୍ତି । ମିଲି ଏଣ୍ଡ ପାର୍କ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏଠାରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରୁଥିଲେ । ଫାଗାନ ହିଁ ପ୍ରଥମେ ଏହି ସ୍ଥାନକୁ ବିଶ୍ୱର କ୍ଷୁଦ୍ରତମ ପାର୍କ ଭାବେ ନାମିତ କରିଥିଲେ । ୧୯୪୮ ସେଣ୍ଟ ପାଟ୍ରିକ୍ସ ଡେ ଅବସରରେ ସେ ଏହାକୁ ଉତ୍ସର୍ଗ କରିଥିଲେ । ପାର୍କକୁ ନେଇ ଫାଗାନ ମନଗଢ଼ା କାହାଣୀ ଲେଖିଥିଲେ । ପାର୍କରେ ରହୁଥିବା ତଥାକଥିତ ପରୀ ବା ଲେପ୍ରେଚୁଆନ୍ମାନଙ୍କ ସମ୍ପର୍କରେ ମଧ୍ୟ ଲେଖିଥିଲେ । ତାଙ୍କର ଦାବି ଥିଲା ପରୀମାନଙ୍କୁ କେବଳ ସେ ହିଁ ଦେଖିପାରନ୍ତି । ଏ ସମ୍ପର୍କରେ ସେ ଗୋଟିଏ କାହାଣୀ ଲେଖିଥିଲେ । ଦିନେ ଘରର ଝରକା ଦେଇ ଲେପ୍ରେଚୁଆନ୍ଟିଏ ଗାତ ଖୋଳୁଥିବା ଦେଖିଥିଲେ । ତଳକୁ ଦୌଡ଼ି ଆସି ଲେପ୍ରେଚୁଆନ୍କୁ ଧରି ପକାଇଥିଲେ । ଲେପ୍ରେଚୁଆନ୍କୁ ଧରି ଥିବାରୁ ତାଙ୍କ ଗୋଟିଏ ଇଚ୍ଛା ପୂରଣ କରିବାର ବର ମାଗିବାକୁ ପଡ଼ିଲା । ଫାଗାନ ନିଜ ପାଇଁ ପାର୍କଟିଏ ମାଗିଥିଲେ । ତେବେ ପାର୍କର ଆକାର ସମ୍ପର୍କରେ ସେ କିଛି ବର ମାଗି ନଥିଲେ । ମୁଖ୍ୟ ଲେପ୍ରେଚୁଆନ୍ର ନାମ ସେ ଦେଇଥିଲେ ପାଟ୍ରିକ ଓ ଟୁଲ । ୧୯୬୯ ରେ କ୍ୟାନସରରେ ଫାଗାନଙ୍କ ମୃତ୍ୟୁ ପରଠାରୁ ଅନ୍ୟମାନେ ପାର୍କର ଯତ୍ନ ନେଉଛନ୍ତି । ୧୯୭୬ ସେଣ୍ଟ ପାଟ୍ରିକ ଡେ'ରେ ମିଲି ଏଣ୍ଡସ ସରକାରୀ ଭାବେ ସିଟି ପାର୍କ ମାନ୍ୟତା ପାଇଥିଲା । ସେଣ୍ଟ ପାଟ୍ରିକ ଡେ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ପାର୍କ ପାଖରେ ଆୟୋଜିତ ହୁଏ । ଗତ କିଛି ବର୍ଷ ଧରି ପାର୍କ ସହିତ ଛୋଟ ଛୋଟ ସ୍ୱିମିଂ ପୁଲ, ପ୍ରଜାପତିଙ୍କ ପାଇଁ ଡାଇଭିଂ ବୋର୍ଡ, ବହୁ ମୂର୍ତ୍ତି, କ୍ଷୁଦ୍ର ଫେରିସ୍ ହ୍ୱିଲ୍ ଆଦି ସ୍ଥାପନ ହୋଇଛି । ପୋର୍ଟଲ୍ୟାଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଏବେ ଏହି ପାର୍କ ନିକଟରେ ପାଳିତ ହେଉଛି ।



## ଉତ୍କଳ କରାଟେ ସ୍କୁଲ ଟିକାବାଲି ଶାଖାର ବେଲ୍ଟ ଗ୍ରେଡିଙ୍ଗ ଟେଷ୍ଟ ଅନୁଷ୍ଠିତ

କନ୍ଧମାଳ,୦୫।୧୦ (ନି.ପ୍ର): ଉତ୍କଳ କରାଟେ ସ୍କୁଲ ଟିକାବାଲି ଶାଖାର ବେଲ୍ଟ ଗ୍ରେଡିଙ୍ଗ ଟେଷ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିକାବାଲି ଶାଖାରେ ପ୍ରଶିକ୍ଷଣ ନେଉଥିବା ପିଲାମାନଙ୍କ ଗ୍ରେଡିଙ୍ଗ ଟେଷ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲାକ ବେଲ୍ଟ ବିଭାଗରୁ ଅରବିନ୍ଦ ପାତ୍ର,ଗ୍ରୀନ ବେଲ୍ଟ ବିଭାଗରୁ ଚୁରିକ ୱାଲସନ ଓ ଚିନ୍ମୟୀ ସେଠୀ, ଅରେଞ୍ଜ ବେଲ୍ଟ ବିଭାଗରୁ କୁମାରୀ ଶୁଭଦ୍ରା ଦାସ, ଦିବ୍ୟସୁନ୍ଦର ନାୟକ ଏବଂ ସନ୍ତୋଷ ବେହେରା । ୟେଲୋ ବେଲ୍ଟ ବିଭାଗରୁ ଶ୍ରୁତୀ ମହାପାତ୍ର,ଶୁଭମ ମହାପାତ୍ର, ରୁଦ୍ରନାରାୟଣ ପ୍ରଧାନ, ରୁଦ୍ରପ୍ରସାଦ ପ୍ରଧାନ, ସାହବି ଦାସିଂ, ପରେଶ କୁମାର ପ୍ରଧାନ, ଓ ସତ୍ୟଜିତ ପ୍ରଧାନ ପ୍ରମୁଖ କୃତିତ୍ୱର ସହ ସେମାନଙ୍କର ବେଲ୍ଟ ହାସଲ କରିବାରେ ସଫଳ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ମୁଖ୍ୟ ପ୍ରଶିକ୍ଷକ ୟୁନେଶ ଦିଗାଲ(ବ୍ଲାକ ବେଲ୍ଟ ୪ର୍ଥ ଡାନ), ଗୋପାଳ କହଁର (ବ୍ଲାକ ବେଲ୍ଟ ୩ୟ ଡାନ),ନରେନ୍ଦ୍ର ଦିଗାଲ (ବ୍ଲାକବେଲ୍ଟ ୨ୟ ଡାନ) ବ୍ଲାକ ବେଲ୍ଟ ୧ମ ଡାନ ଧାରୀ ପ୍ରଶିକ୍ଷକ ସୁଧାଂଶୁ ବାରିକ, ବିଶ୍ୱନାଥ କହଁର, ରାଜକିଶୋର କହଁର,ପ୍ରଭାତ କିଶୋରସାହୁ, ଆକାଶ ନାୟକ, ପ୍ରମିଶ କୁମାର ଦିଗାଲ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା କରିବା ସହିତ କୃତି ଛାତ୍ରଛାତ୍ରୀ ମାନଙ୍କୁ ସେମାନେ ହାସଲ କରିଥିବା ଗ୍ରେଡ୍ ବେଲ୍ଟ ପ୍ରଦାନ କରିଥିଲେ ।

## ମନ୍ଥର ଗତିରେ ଚାଲିଛି ଜାତୀୟ ରାଜପଥ ଡ୍ରେନ କାମ

ନୂଆପଡା,୦୫।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ଜାତୀୟ ରାଜପଥ କଡରେ ନିର୍ମାଣ ହେବାକୁ ଥିବା ଡ୍ରେନ କାମ ଅତି ମନ୍ଥର ଗତିରେ ଚାଲୁଥିବା ନେଇ ଅଭିଯୋଗ ହେଉଛି । ଗତ ୨ ବର୍ଷରୁ ଅଧିକ ହେବ ସହରରେ ଡ୍ରେନ ନିର୍ମାଣ ହେଉଥିଲେ ମଧ୍ୟ ତାହା ଶେଷ ହେବାର ନାଁ ଧରୁନାହିଁ । ସଂପୃକ୍ତ କମ୍ପାନୀ ମନମୁଖି ଭାବରେ ଡ୍ରେନ ନିର୍ମାଣ କରୁଥିବା ବେଳେ କେବେ ଏହି ଡ୍ରେନ କାମ ସମ୍ପୂର୍ଣ୍ଣ ହେବ ତାହା ସନ୍ଦେହ ଘେରରେ ରହିଅଛି । ଡ୍ରେନ ନିର୍ମାଣ ଆଳରେ ଗାତ ଖୋଳି ଦେଇ ମାସ ମାସ ଧରି ତାହାକୁ ପକାଇ ରଖୁଛି । ଯାହାଫଳରେ ଯାତାୟତରେ ଅନେକ ଅସୁବିଧା ଦେଖା ଦେଉଥିବା ବେଳେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅତିଶିଘ୍ର ଡ୍ରେନ ନିର୍ମାଣ କାମ ଶେଷ କରିବାକୁ ସାଧାରଣରେ ଦାବୀ ହେଉଛି ।

# ପ୍ରବାସୀଙ୍କ ଯାତନାରେ ପଡୁନି ପୂର୍ଣ୍ଣଛେଦ : ଘରକୁ ଫେରୁଛନ୍ତି ମହାରାଷ୍ଟ୍ରରେ ଫସିଥିବା ଜିଲ୍ଲାର ୧୪ ପ୍ରବାସୀ

ଭଦ୍ରକ, ୫/୧୦ (ହି.ସ.) - ତଥାପି ସରୁନି କରୋନା ସମୟରେ ପ୍ରବାସୀଙ୍କ ଯାତନା । ୨ମାସ ପୂର୍ବେ ପ୍ରବାସୀଙ୍କ ସମସ୍ୟାକୁ ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ସେଥିରେ ଯେପରି ଅନ୍ତ ନାହିଁ । ଲକଡାଉନ କଟକଣା କୋହଳ ହେବା ପରେ ଭଦ୍ରକ ଜିଲ୍ଲାକୁ ଫେରିଥିଲେ ପ୍ରଶାସନିକ ସୂଚନା ଅନୁଯାୟୀ ୪୦ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ । ସେମାନଙ୍କୁ ସରକାର କାମଧନ୍ଦା ଯୋଗାଇ ଦେବେ ବୋଲି ମଧ ଶୁଣିବାକୁ ମିଳିଥିଲା । କିନ୍ତୁ ସରକାର କିମ୍ବା ପ୍ରଶାସନ ସେମାନଙ୍କ ପାଇଁ ସେପରି କୌଣସି ବ୍ୟବସ୍ଥା କଲା ନାହିଁ । ଜୀବନ ଜିବୀକାର ଲଢ଼େଇ ମଧରେ କେତେକ ପ୍ରବାସୀ ଜୀବନ ଅପେକ୍ଷା ଜିବୀକାକୁ ଅଦ୍ଧିକ ଗୁରୁତ୍ୱ ଦେଲେ । ତେଣୁ ଅନ୍ୟ ଉପାୟ ନପାଇ ସେମାନେ ପୁଣି ଅନ୍ୟ ରାଜ୍ୟକୁ ଯିବାକୁ ମନସ୍ଥ କଲେ । ପ୍ରଶାସନ କହୁଥିଲା, ଏଣିକି ଯିଏ ବାହାର ରାଜ୍ୟକୁ ଯିବ, ସେମାନଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଡାଟାବେସ କରି ରଖାଯିବ ଶ୍ରମ କାର୍ଯ୍ୟାଳୟରେ । କିନ୍ତୁ ଇତିମଧରେ ବହୁ ସଂଖ୍ୟକ ପ୍ରବାସୀ ଦାଦନ କଟିବାକୁ ବାହାର ରାଜ୍ୟକୁ ଯାଇ ସାରିଲେଣି । ସେମାନଙ୍କ ମଧରୁ ଅନେକ ପୁଣି ନିର୍ଯ୍ୟାତନାର ଶୀକାର ହୋଇ ଘରକୁ ଫେରିବାକୁ ବସିଲେଣି । ଏସମ୍ପର୍କରେ ସାମାନ୍ୟତମ ତଥ୍ୟ ଶ୍ରମ କାର୍ଯ୍ୟାଳୟ କିମ୍ବା ପ୍ରଶାସନ ନିକଟରେ ନାହିଁ । ତେବେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ୧୪ ଦାଦନ ଖଟିବାକୁ ଯାଇଥିବା ପ୍ରବାସୀ ଏବେ ନିର୍ଯ୍ୟାତନାର ଶୀକାର ହେବା ପରେ ଏବେ କେତେକ ସହୃଦୟ ସମାଜସେବୀଙ୍କ ସହଯୋଗରେ । ସେମାନଙ୍କ ମଧରୁ ସାନତନ ଜେନା ଆମ ପ୍ରତିନିଧିଙ୍କ ଆଗରେ ରଖିଛନ୍ତି ଏହିପରି ତିକ୍ତ ଅନୁଭୂତି । କରୋନା ଲକ୍‌ଡାଉନ ପାଇଁ ବାଙ୍ଗାଲୁରର ଏକ ସୂତାକଳରେ କାମ କରୁଥିଲେ । ଲକଡାଉନ କଟକଣା କୋହଳ ହେବାପରେ ରାଜ୍ୟ ସରକାରଙ୍କ ସହଯୋଗରେ ନିଜ ଘରକୁ ଫେରି ଆସିଥିଲେ । ରାଜ୍ୟ ସରକାର ଫେରି ଆସୁଥିବା ପ୍ରବାସୀଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଯୋଜନା ପ୍ରଣୟନ କରିବେ ଓ ସେମାନଙ୍କୁ ଆଉ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ପଡ଼ିବ ନାହିଁ ବୋଲି ଭାବିଥିଲେ । କିନ୍ତୁ ସେପରି କିଛି ହେଲା ନାହିଁ । ଜୀବନ ଓ ଜିବୀକା ସଂଘର୍ଷ ମଧରେ ଦୀର୍ଘ ଦିନ ଅପେକ୍ଷା କରିଥିଲେ ସରକାରଙ୍କ ଯୋଜନାକୁ । କିନ୍ତୁ ସେପରି କୌଣସି ସମ୍ଭାବନା ନଦେଖି ଧୈର୍ଯ୍ୟ ହରାଇ ବସିଥିଲେ । ଏହି ସମୟରେ ଗଞ୍ଜାମ ବ୍ରହ୍ମପୁର ଅଂଚଳର ବଳରାମ ପାଢ଼ୀ ନାମକ ଜନୈକ ଶ୍ରମ ଦଲାଲ ସେମାନଙ୍କୁ ଯୋଗଯୋଗ କରିଥିଲେ ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାରେ ଏକ କମ୍ପାନୀରେ କାମ କରିବାକୁ । ଉଚ୍ଚ ବେତନର ଲୋଭ ମଧ ଦେଖାଇଥିଲେ । ରହିବା ପାଇଁ ଘର, ଦୁଇ ଓଳି ମାଗଣା ଖାଇବା, ସାମାଜିକ ସୁରକ୍ଷା ପରି ସମସ୍ତ ପ୍ରକାର ପ୍ରତିଶ୍ରୁତି ସେମାନଙ୍କୁ ଦିଆଯାଇଥିଲା । ଏଥିରେ ପ୍ରଲୋଭିତ ହୋଇ ତିହିଡ଼ି ବ୍ଲକ ଦେଉଳା ଗ୍ରାମର ସନାତନ ଜେନା ଓ ଜୟରାମ ଙ୍କ ନେତୃତ୍ୱରେ ୮ଜଣ ଓ ବାସୁଦେବପୁର ଅ ଳର ୪ଜଣ ଏହିପରି ମୋଟ ୧୪ଜଣ ସେଠାକୁ କାମ କରିବାକୁ ଯାଇଥିଲେ । କିନ୍ତୁ ତା' ପରେ ସେଠାରେ ଯାହା ଘଟିଲା ତା ଅବର୍ଣ୍ଣନୀୟ । ସଂପୃକ୍ତ କମ୍ପାନୀର ମାଲିକ ସେମାନଙ୍କୁ ମନଇଛା ଖଟାଇବା ଆରମ୍ଭ କରିଥିଲେ । ରହିବା ପାଇଁ ଘର ଦୂରର କଥା, ଦୁଇ ଓଳି ଖାଇବାକୁ ମଧ ଦେଇନଥିଲେ । ଏଥିରେ ଅନ୍ତବ୍ୟସ୍ତ ହୋଇ ସେମାନେ ସଂଘବଦ୍ଧ ହୋଇ ଉକ୍ତ ସ୍ଥାନ ଛାଡ଼ି ଲୁଚି ପଳାଇ ଆସିଥିଲେ । କିନ୍ତୁ ବାଟରେ କମ୍ପାନୀର ମାଲିକଙ୍କ ଗୁଣ୍ଡା ସେମାନଙ୍କୁ ଠାବ କରି ମାଡ଼ ମାରି ପୁଣି କମ୍ପାନୀ ପରିସରକୁ ନେଇ ଯାଇଥିଲେ । ତେବେ ସେମାନଙ୍କ ମଧରୁ ୨ଜଣ କୌଶଳକ୍ରମେ ସେଠାରୁ ଖସି ପଳାଇ ଆସି ଫୋନ ଯୋଗେ ଭଦ୍ରକ ଚାଷୀ ମୂଲିଆ ସଂଘର ସମ୍ପାଦକ ତଥା ସମ୍ପର୍କୀୟ ସୁଶାନ୍ତ ଜେନାଙ୍କୁ ସେମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବର ଦେଇଥିଲେ । ପରେ ସୁଶାନ୍ତ ସଂଘର ରାଜ୍ୟ ସମ୍ପାଦକଙ୍କୁ ଏବିଷୟରେ ଖବର ଦେଇ ସେମାନଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଥିଲେ । ପରେ ସଂଗଠନର ମହାରାଷ୍ଟ୍ର ରାଜ୍ୟ ସମ୍ପାଦକଙ୍କ ହସ୍ତକ୍ଷେପ ପରେ ଆଜି ପୁଲିସ ସେଠାରେ ପହଂଚି ଫସି ରହିଥିବା ୧୪ ପ୍ରବାସୀଙ୍କୁ ଉଦ୍ଧାର କରିଛି । କମ୍ପାନୀ ମାଲିକ ବାଧ ହୋଇ ସେମାନଙ୍କୁ ମାସକର ବେତନ ସହ ଗସ୍ତ ଖର୍ଚ୍ଚ ଦେଇ ନିଜ ଘରକୁ ଫେରିବାକୁ ଅନୁମତି ଦେଇଥିବାବେଳେ ସେମାନେ କୋଣାର୍କ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭଦ୍ରକରେ ପହ ଥିବାର ଜଣାପଡିଛି । ତେବେ କେବେ ପଡ଼ିବ ପ୍ରବାସୀଙ୍କ ଯାତନାରେ ପୂର୍ଣ୍ଣଛେଦ, ତାକୁ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା ।

## ଶହେ ଭାଗ ଦଳିତ ଗରୀବ ଅକ୍ଷମଙ୍କୁ ୮ ବର୍ଷରେ ୧୦ ଥର ଆବେଦନ ପରେ ବି ମିଳୁ ନାହିଁ ଭିନ୍ନକ୍ଷମ ଭତା

### ଅର୍ଥ ଅଭାବ ପାଇଁ ପାଠ ଛାଡିଲେ ଝିଅ ପୁଅ : ମାଆଙ୍କୁ ମିଳୁନାହିଁ ରାସନ କାର୍ଡ

ଧର୍ମଶାଳା,୦୫।୧୦ (ନି.ପ୍ର): ମୁଣ୍ଡ ଉପରେ ପରିବାରର ବୋଝ । ହେଲେ ପରିବାରର ରୋଜଗାରିଆ ମଣିଷଟି ଶହେ ଭାଗ ଅକ୍ଷମ । ଗଣ୍ଡେ ଖାଇ ଦଣ୍ଡେ ବଂଚିବାକୁ ପେଟ ପାଇଁ ଆବଶ୍ୟକ ଦାନା ଯୋଗାଡ ବି କାଠିକର ପାଠ । ଏଣେ ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ ଦୀର୍ଘ ୮ ବର୍ଷ ହେଲା ଏହି ଭିନ୍ନକ୍ଷମ ୧୦ ଥର ଆବେଦନ ପରେ ବି ମିଳୁନାହିଁ ଭିନ୍ନକ୍ଷମ ଭର୍ତା । ଗାନ୍ଧୀ ଜୟନ୍ତୀ ପରେ ଧର୍ମଶାଳାରେ ଜନସଂପର୍କ ଯାତ୍ରାରେ ଥିବା ବେଳେ ବି.ଜେ.ଡି ନେତା ସତୀଶ ବିଶ୍ୱାଳଙ୍କୁ ଏଭଳି ଅଭିଯୋଗ ଆଣିଥିଲେ ଧର୍ମଶାଳା ଅଂଟିଆ ଫଂଚାୟତ କୁସ୍ତିରା ଗ୍ରାମର ରବିନ୍ଦ୍ର ଦଳାଇ । ଗତ ୨୦୧୨ ମସିହାରେ ରବିନ୍ଦ୍ର ଶତ ପ୍ରତିଶତ ଶାରିରୀକ ଅକ୍ଷମର ପ୍ରମାଣପତ୍ର ପାଇଛନ୍ତି । ରବିନ୍ଦ୍ର ଜଣେ ଦଳିତ ଏବଂ ନିହାତି ଗରୀବ । ତାଙ୍କ ଉପରେ ନିର୍ଭରଶୀଳ ପାଂଚ ପରାଣୀ କୁଟୁମ୍ବ । ରବିନ୍ଦ୍ର ହେଉଛନ୍ତି ପରିବାରର ମୁଖ୍ୟ ଏବଂ ତାଙ୍କ ରୋଜଗାରରେ ପରିବାର ଚଳେ । ହେଲେ ଭିନ୍ନକ୍ଷମ ରବିନ୍ଦ୍ର ପକ୍ଷରେ ପରିବାରର ପେଟ ପାଇଁ ଦାନା ଯୋଗାଡ କରିବା କାଠିକର ପାଠ ହୋଇପଡେ । ସେଥିପାଇଁ ରବିନ୍ଦ୍ରଙ୍କ ଝିଅ ସଂଜିତା ଦଳେଇ ସଫଳତାର ସହ ମାଟ୍ରିକ ପାସ କରିବା ପରେ ବି ଅର୍ଥାଭାବରୁ ପାଠରେ ଡୋରି ବନ୍ଧାହେଲା । ଅନ୍ୟ ଦୁଇ ପୁଅ ମଧ୍ୟ ସେଇ ଅର୍ଥାଭାବରୁ ପାଠ ଛାଡିଛନ୍ତି । ରବିନ୍ଦ୍ରଙ୍କ ମାଆ କେଶନୀ ଦଳାଇ ୮୦ ବର୍ଷ ବୟସର ବୃଦ୍ଧା । ହେଲେ ଆଧାର କାର୍ଡ ଆଳରେ ତାଙ୍କୁ ଦିଆଯାଉ ନାହିଁ ରାସନ ସାମଗ୍ରୀ । କେଶନୀ ଆଧାର କାର୍ଡ ପାଇଁ ଫଟୋ ଉଠାଇଥିଲେ ମଧ୍ୟ ତାଙ୍କୁ ଆଧାର କାର୍ଡ ମିଳୁ ନଥିବା ବେଳେ ସେଥିପାଇଁ ଦଣ୍ଡ ଭୋଗୁଛନ୍ତି ଏହି ଭିନ୍ନକ୍ଷମ ପରିବାର । ଏଥିନେଇ ଅତୀତରେ ଧର୍ମଶାଳା ବି.ଡି.ଓ ଙ୍କ ଦୃଷ୍ଟି ଆକର୍ଷଣ ପରେ ଦୁଇଥର ପାଇଁ ରାସନ ମିଳିଥିଲା । ହେଲେ ପରେ ପୁଣି କେଶନୀଙ୍କ ରାସନ ବନ୍ଦ କରି ଦିଆଗଲା । ଏଭଳି ଦୁଃଖୀ ପରିବାର ଭିନ୍ନକ୍ଷମ ଭର୍ତା ପାଇବା ପାଇଁ ୧୦ ଥର ଆବେଦନ କରିଛନ୍ତି । ହେଲେ ତାଙ୍କୁ ଭର୍ତା ମିଳୁନାହିଁ । ସେଥିପାଇଁ ବ୍ୟବସ୍ଥା ଉପରେ ଭରସା ହରାଇଛନ୍ତି ଭିନ୍ନକ୍ଷମ ଗରୀବ ଦଳିତ ବ୍ୟକ୍ତି ରବିନ୍ଦ୍ର ଦଳାଇ । ତେବେ ସତୀଶଙ୍କ ଅନୁରୋଧ କ୍ରମେ ସେ ଶେଷଥର ପାଇଁ ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ପତ୍ର ଲେଖିଛନ୍ତି । ଏଥର ଭର୍ତା ନମିଳିଲେ ସେ ଆଉ ଆବେଦନ କରିବେ ନାହିଁ ବୋଲି କାନ୍ଦି କାନ୍ଦି ମତ ଦେଇଛନ୍ତି ରବିନ୍ଦ୍ର । ତେବେ ଗରୀବ କଲ୍ୟାଣ ପାଇଁ ଗୁରୁତ୍ୱ ଦେଉଥିବା ନବୀନ ପଟ୍ଟନାୟକ ସରକାର ଏ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ । ନଚେତ ଏଥିନେଇ ସେ ଲଢେଇ କରିବେ ବୋଲି ଶ୍ରୀ ବିଶ୍ୱାଳ ପ୍ରତିଶୃତି ଦେଇଛନ୍ତି । ପାଠ ଛାଡିଥିବା ତାଙ୍କର ଝିଅର ପାଠପଢା ପାଇଁ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୬୪ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୫।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୬୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୮୧୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଘନ କରିଥିବା ୪୮୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ୨ଟି ଦୋକାନ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ

ନୂଆପଡା,୦୫।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱୟଂଶାସିତ କଲେଜର ରସାୟନ ବିଜ୍ଞାନ ବିଭାଗ ତରଫରୁ ଦୁଇଦିନିଆ ଜାତୀୟ ସମ୍ମାନ ଏକ ବିଂଶ ଶତାବ୍ଦୀରେ ରସାୟନ ବିଜ୍ଞାନର ଦିଗ ଶିର୍ଷକରେ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଭାଗୀୟ ମୁଖ୍ୟ ଡଃ ତରୁଣ କୁମାର ପ୍ରଧାନ ସ୍ୱାଗତ ଅଭିଭାଷଣ କରି ବିଷୟର ଆଭିମୂଖ୍ୟ ଉପରେ ମତ ରଖିଥିଲେ । ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ମୁମ୍ବାଇ ର ଆଣବିକ ମିନେରାଲ ଡାଇରେକ୍ଟରେଟର ବରିଷ୍ଠ ବୈଜ୍ଞାନିକ ଡଃ ପଙ୍କଜ ମହାନ୍ତ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ନାଭିକୀୟ ଶକ୍ତି, ଆଣବିକ ଶକ୍ତି କିପରି ସମାଜ କଲ୍ୟାଣ ପାଇଁ ଉପଯୋଗୀ ହୋଇଥାଏ ସେ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବରେ ଭେଲୋର ବୈଷୟିକ କେନ୍ଦ୍ରର ଆସିଷ୍ଟା ପ୍ରଫେସର ଡଃ ଦେବାଶିଷ ମାଜୀ ନାନୋ ରସାୟନ ବିଜ୍ଞାନ ଓ ସେନସର କାର୍ବନ ଟ୍ୟୁବ ଉପରେ ପେପର ଉପସ୍ଥାପନ କରିଥିଲେ । ନୂଆଦିଲ୍ଲୀ ଆମିଟୀ ବିଶ୍ୱ ବିଦ୍ୟାଳୟର ରିସର୍ଚ୍ଚସ୍କଲାର କାମେଶ ଦେବାଙ୍ଗନ ଡାଟା ବିଜ୍ଞାନ ଓ ରସାୟନ ବିଜ୍ଞାନ ଉପରେ ଉପସ୍ଥାପନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ନିଷ୍ଟ ବ୍ରହ୍ମପୁରର ଅସିଷ୍ଟା ପ୍ରଫେସର ଡଃ ମାନବେନ୍ଦ୍ର ପାତ୍ର ଦୂଷିତ ଜଳ ପ୍ରଦୂଷଣ ପାଇଁ ନାନୋ ପାର୍ଟିକଲ ଉପରେ ପେପର ଉପସ୍ଥାପନା କରିଥିଲେ । ଖଡିଆଳ ସ୍ୱୟଂଶାସିତ କଲେଜର ଛାତ୍ରୀ ସଂସ୍କୃତି ବାବୁ ସବୁଜ ରସାୟନ ପ୍ରସ୍ତୁତି ଓ ରୋହିତ ଭିତରିଆ ସମୁଦ୍ର ଜଳର ପୁନଃ ବ୍ୟବହାର ଉପରେ ଉପସ୍ଥାପନା କରିଥିଲେ । ଏଥିରେ ଝାରସୁଗୁଡା ମହିଳା ମହାବିଦ୍ୟାଳୟର ଡଃ ଗୀତାରାଣୀ ଦୀକ୍ଷିତ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଡଃ ଗଜେନ୍ଦ୍ର ପ୍ରଧାନ, ଖଡିଆଳ ମଡେଲ ଡିଗ୍ରୀ ମହାବିଦ୍ୟାଳୟର ଡଃ ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ରସାୟନ ବିଜ୍ଞାନ ବିଭାଗୀୟ ସମ୍ମାନ ଓ ପିଜି ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ହେମନ୍ତ ମେହେର ଏବଂ ମୋନିକା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଭିଯୁକ୍ତଙ୍କ ଗିରଫ ଦାବୀ ସହିତ ପରିବାର ସୁରକ୍ଷା ନେଇ ଏସପିଙ୍କୁ ଭେଟିଲେ ସତ୍ୟଭାମା

ଖୋର୍ଦ୍ଧା,୦୫।୧୦ (ନି.ପ୍ର): ଜୀବନ ପ୍ରତି ବିପଦ ରହିଥିବାରୁ ସୁରକ୍ଷା ନେଇ ପରିବାର ଲୋକେ ଆଜି ଏସପିଙ୍କୁ ଭେଟି ସୁରକ୍ଷା ମାଗିବା ସହିତ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି ଗୋରଡିଝରି ଗାଁର ସତ୍ୟଭାମା ନାୟକ । ଏଭଳି ଘଟଣା ଘଟିଛି ବାଣପୁର ଥାନା ଅନ୍ତର୍ଗତ ଗୋରଡାଝରୀ ଗାଁ ର ଦୁଃଖିରାମ ନାୟକଙ୍କ ପରିବାର ପକ୍ଷରେ । ଅଭିଯୋଗ ଅନୁଯାୟୀ ଦୁଃଖିରାମ ନିଜ ପରିବାର ପ୍ରତିପୋଷଣ ପାଇଁ ଦୁବାଇର ଏକ କମ୍ପାନୀରେ କାର୍ଯ୍ୟ କରନ୍ତି । ତେବେ ଦୁଃଖିରାମ ଗାଁରେ ରହୁନଥିବାରୁ କିଛି ଖଳ ପ୍ରକୃତିର ଲୋକ ତାଙ୍କର ଜମି ସମ୍ପତି ହଡପ କରିବା ନେଇ ଦୁଃଖିରାମଙ୍କ ପରିବାର ଉପରେ ଦାଉ ସାଧିଛନ୍ତି । ତେଣୁ ଘରର ମୁରବୀ ନଥିବାର ସୁଯୋଗ ନେଇ ଗତ ୧୨ତାରିଖ ଦିନ ପକୁନି ମାନସିଂହ ଓ ତାର ପାଂଚ ଜଣ ସହଯୋଗୀ ସତ୍ୟଭାମା ତାଙ୍କ ପୁଅଙ୍କ ସମେତ ପରିବାରର ଅନ୍ୟ ସଦସ୍ୟଙ୍କୁ ଆକ୍ରମଣ କରିଥିଲେ । ପରିବାର ଲୋକଙ୍କୁ ମାଡ ମାରିବା ସହିତ ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି । ଏନେଇ ଦୁଃଖିରାମଙ୍କ ପତ୍ନୀ ସତ୍ୟଭାମା ନାୟକ ବାଣପୁର ଥାନାରେ ଅଭିଯୋଗ କରିଥିଲେ ମଧ ବାଣପୁର ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ବଦଳରେ ଅନୁକମ୍ପା ଦେଖାଉଥିବା ନେଇ ଅଭିଯୋଗ ହୋଇଛି । ଏପରିକି ପୁଲିସ ଆଗରେ ଅଭିଯୁକ୍ତମାନେ ବିଚରଣ କରୁଥିଲେ ମଧ ପୁଲିସ ସେମାନଙ୍କୁ ଗିରଫ କରୁନାହିଁ । ଗିରଫ ନକରିବାରୁ ଅଭିଯୁକ୍ତମାନେ ପୁଲିସକୁ ଚାଲେଂଜ ଦେଇ ସତ୍ୟଭାମାଙ୍କ ପରିବାର ଲୋକଙ୍କୁ ପୁନର୍ବାର ଗତ ୨୯ତାରିଖ ଦିନ ରାତିରେ ସତ୍ୟଭାମାଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ । ଏହାକୁ ବିରୋଧ କରିବାରୁ ସଂପୃକ୍ତ ଅଭିଯୁକ୍ତମାନେ ସତ୍ୟଭାମାଙ୍କ ସମେତ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଏଥିରେ ସତ୍ୟଭାମା ଓ ତାଙ୍କ ପୁଅ ଆହତ ହୋଇଥିଲେ ।କିନ୍ତୁ ଦିତୀୟ ଥର ବାଣପୁର ପୁଲିସ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ନମିଳିବାରୁ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେଣୁ ପରିବାର ସୁରକ୍ଷା ଓ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ସତ୍ୟଭାମା ଏସପିଙ୍କୁ ଅନୁରୋଧ କରିଛନ୍ତି । ଏନେଇ ଏସପି ଅଜେୟ ପ୍ରତାପ ସ୍ୱାଇ ଖୁବଶିଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେବା ସହ ବାଣପୁର ଥାନାଧିକାରୀଙ୍କୁ ଏନେଇ ତାଗିଦ କରିଥିବା ଜଣାପଡିଛି ।

## ରାଣୀତାଲ ସାହିତ୍ୟ ସଂସ୍କୃତି ପରଷଦ ପକ୍ଷରୁ ରକ୍ତଦାନ ଶିବିର, ୭୩ ୟୁନିଟ ରକ୍ତ ସଂଗ୍ରହ

ଭଦ୍ରକ, ୫/୧୦ (ହି.ସ.) - କୋଭିଡ ମହାମାରୀ ସମୟରେ ରକ୍ତ ଭଣ୍ଡାରର ଆବଶ୍ୟକତା ଅନୁଭବ କରି ପରିଷଦର ସଦସ୍ୟ ତିଳୋତମା ନାୟକ , ସମାଜ ସେବୀ ତଥା ପରିଷଦର ଉପଦେଷ୍ଟା ନିରଂଜନ ଲେଙ୍କା ଓ ସିମୁଳିଆର ବିଡିଓ ଡଃ ନରହରି ବେହେରାଙ୍କ ସ୍ମୃତିରେ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ ଆଜି ରାଣୀତାଲସ୍ଥ ଶ୍ରୀ ଜଗନ୍ନାଥ ଆଇ.ଟି.ଆଇ ପରିସରରେ ରକ୍ତଦାନ ଶିବିର ଆୟୋଜନ କରିଥିଲା । ଶିବିରକୁ ଜଗଦଳପୁରର ପୂର୍ବତନ ସରପଂଚ ବିଜୟ କୁମାର ମହାପାତ୍ର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ରକ୍ତଦାନ ଶିବିରର ସଂଯୋଜକ ଭାଗିରଥି ନାୟକ, ରାଣୀତାଲ ସାହିତ୍ୟ ସସ୍କୃତି ପରିଷଦର ସଭାପତି ବିମ୍ବାଧର ବେହେରା, ସମାଜସେବୀ ମହେଶ୍ୱର ମହାପାତ୍ର, ଜଗନ୍ନାଥ ଚେତନା ସମିତିର ସଭ୍ୟ ପଦ୍ମଲୋଚନ ମହାପାତ୍ର, ଶ୍ରୀ ଜଗନ୍ନାଥ ଆଇ.ଟି.ଆଇ ଅଧ୍ୟକ୍ଷ ଦୟାନିଧି ମିଶ୍ର, ଶିକ୍ଷାବିତ କୃଷ୍ଣଚନ୍ଦ୍ର ସେନାପତି, ସମାଜସେବୀ ଚକ୍ରଧର ମହାପାତ୍ର, ସ୍ତମ୍ଭକାର ଦୁର୍ଯ୍ୟୋଧନ ମଲ୍ଲିକ, ନରାୟଣ ଚନ୍ଦ୍ର ପ୍ରଧାନ, ନଗେନ୍ଦ୍ର ପାଣି ,ସୁବ୍ରତ ମହାନ୍ତି,ଯୋଗୀ ବିନୋଦ ବାରିକ, ସିନ୍ଧୁଲତା ସାମଲ,କେଦାର ନାଥ ମହାପାତ୍ର, ଗଣେଷ ପ୍ରସାଦ ଦାଶ, ଅନୀତା ମହାନ୍ତି , ଉତମ ଚୌଧୁରୀ,ମହେଶ୍ୱର ନାୟକ, ସମ୍ବାଦିକ ଅଂଜନ କୁମାର ଲେଙ୍କା, ଅକ୍ଷୟ କୁମାର ଯେନା, ଭଗବାନ ବାରିକ, ଆନନ୍ଦ କୁମାର ବେହେରା, ମାନସ ମିଶ୍ର, ସୌରଭ ଗୁପ୍ତା, ବସନ୍ତ ମହାପାତ୍ର, ଆଇନଜୀବି କରୁଣାକର ଦାଶ, ଅଟଳ ବାରିକ, ବସନ୍ତ ମହାପାତ୍ର, ନୀଳକଣ୍ଠ ବାରିକ, ସଂଜୟ କୁମାର ନାୟକ, ସଂଜୀତ ଲେଙ୍କା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନ ପରେ ପରିଷଦର ଦିବଂଗତ ସଦସ୍ୟ ତିଳୋ ମା ନାୟକ, ନିରଞ୍ଜନ ଲେଙ୍କା ଓ ଡଃ ନରହରି ବେହେରାଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ଡଃ ନରହରି ବେହେରାଙ୍କ ପାଇଁ ପରିଷଦର ଉପଦେଷ୍ଟା ତଥା କବି ସାଧୁଚରଣ ମହାପାତ୍ରଙ୍କ ଦ୍ୱାରା ପ୍ରେରିତ ଶୋକବା ୀ ପାଠ କରାଯାଇଥିଲା । ଭଦ୍ରକ ରକ୍ତଭଣ୍ଡାରର ଡାକ୍ତର ଶରତ ଆଚାର୍ଯ୍ୟ ରକ୍ତଦାତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ରୂପକ ସେନାପତି, ରବିନ୍ଦ୍ର କୁମାର ଜେନା, ପ୍ରକାଶ ବେହେରା, ସାରଦା ମଲ୍ଲିକ, ବଳରାମ ପୁହାଣ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ମୋଟ ୭୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ତପନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଭୂମିହୀନ ଦର୍ଶାଇ ହାତେଇଥିବା ସରକାରୀ ଜମିରେ ନିର୍ମାଣ ହେଲା ମିନିପାର୍କ

### ଅଡୁଆରେ ପ୍ରଶାସନ ଓ ଜାଗା ହାତେଇଥିବା ବ୍ୟକ୍ତି

କନ୍ଧମାଳ,୦୫।୧୦ (ନି.ପ୍ର): କନ୍ଧମାଳ ଜିଲା ଚକାପାଦ ବ୍ଲକ ବସ୍ତିଙ୍ଗିଆରେ ଠାରେ ସରକାରୀର ଅନୁଦାରେ ନିର୍ମାଣ ହେଉଥିବା ଏକ ପାର୍କକୁ ଜଣେ ବ୍ୟକ୍ତି ନିଜକୁ ଭୂମିହୀନ ଦର୍ଶାଇ ପାର୍କ ନିର୍ମାଣ ହେଉଥିବା ସରକାରୀ ଜମିକୁ ହାତେଇ ନେବା ଘଟଣାରେ ଭିନ୍ନ ମୋର୍ଡ଼ ହୋଇଛି । ଗାନ୍ଧୀଜୟନ୍ତି ଅବସରରେ ବସ୍ତିଙ୍ଗିଆ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ଉକ୍ତ ପାର୍କକୁ ଉଦ୍‌ଘାଟନ କରିବାକୁ ନେଇ ନିଷ୍ପତି ନିଆଯିବା ସହିତ ଆଦିବାସୀ ପରମ୍ପରା ଅନୁସାରେ ସେହି ଅଂଚଳରେ ଜମିପୂଜା କରୁଥିବା ଜାନୀ (ପୂଜାରୀ)ଙ୍କ ଦ୍ୱାରା ପୂଜାପାଠ କରିବାପରେ ତାହାକୁ ଉଦ୍‌ଘାଟନ କରିଛନ୍ତି ଅଂଚଳବାସୀ । ବର୍ତ୍ତମାନ ଏହି ଘଟଣା ସମଗ୍ର ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି । ଖବର ଅନୁସାରେ , ଚକାପାଦ ବ୍ଲକ ଅନ୍ତର୍ଗତ ବସ୍ତିଙ୍ଗିଆ ଗ୍ରାମ ପଂଚାୟତରେ ଆର୍ଥିକ ବର୍ଷ ୨୦୧୯-୨୦ ପ୍ରକାରେ ଜାତୀୟ ଗ୍ରାମିଣ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାରେ ବସ୍ତିଙ୍ଗିଆ ଠାରେ ୧୦ଲକ୍ଷ ଟଙ୍କାରେ ଏକ ମିନିପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବହୁ କାର୍ଯ୍ୟ ଶେଷ ହୋଇ ସାରିଲାଣି । କାର୍ଯ୍ୟ ଆରମ୍ଭ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଏକ ଜମିକୁ ରାଜସ୍ୱ ନିରୀକ୍ଷକ ତାହାକୁ ଚିହ୍ନଟ କରିବା ପରେ ଆରମ୍ଭ ହୋଇଥିଲା ମିନିପାର୍କ ନିର୍ମାଣ କାମ । କାମ ଆରମ୍ଭ ହେବାର କିଛିଦିନ ପରେ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ତଲାରିମାହା ପଂଚାୟତ ଅନ୍ତର୍ଗତ ପ୍ରଧାନମପଡା ଗ୍ରାମର କରୁଣାକର ପ୍ରଧାନ ନାମକ ଏକ ବ୍ୟକ୍ତି ଉକ୍ତ ଜମିର ପଟାଦାର ବୋଲି ଦାବୀ କରିବା ସହିତ ଉକ୍ତ ଜମିର ସମସ୍ତ କାଗଜପତ୍ର ମଧ୍ୟ ଦେଖାଇଛନ୍ତି ଯାହାକି ତାଙ୍କରି ନାମରେ ରହିଛି । ତେବେ କରୁଣାକରଙ୍କ ଘର ଜି.ଉଦୟଗିରି ବ୍ଲକରେ ହୋଇଥିବା ବେଳେ ଜି.ଉଦୟଗିରି ଅଂଚଳରେ ତାଙ୍କର ରାସନକାର୍ଡ଼ ସହିତ ଭୋଟ ତାଲିକାରେ ମଧ୍ୟ ନାମ ରହିଛି । ତଲାରିମାହା ଗ୍ରାମରୁ ସେ ରାସନକାର୍ଡ଼ରେ ରାସନ ସାମଗ୍ରର ପାଉଥିଲେ ମଧ୍ୟ ସେ ଚଂଚକତା କରି ଗୋଟିଏ ବ୍ଲକରୁ ଆସି ଚକାପାଦ ବ୍ଲକରେ ଭୂମିହୀନ ଦର୍ଶାଇ ଉକ୍ତ ଜାଗାଟିକୁ ହାତେଇଥିବା ଅଭିଯୋଗ କରି ବସ୍ତିଙ୍ଗିଆ ସରପଂଚଙ୍କ ସମେତ ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଟିକାବାଲି ଥାନାରେ ଏତଲା ଦିଆଯାଇଛି । ତେବେ ବର୍ତ୍ତମାନ ତାହା ତଦନ୍ତ ଚାଲିଛି । ଅନ୍ୟପକ୍ଷରେ ଗାନ୍ଧୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ସରପଂଚ , ସମିତିସଭ୍ୟ ଓ ୱାର୍ଡ଼ ମେମ୍ବରଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ତେବେ ଆଲେଚାନା ବେଳେ ହଠାତ୍ ସାମନ୍ତ ଦିଗାଲ ନାମକ ଏକ ବ୍ୟକ୍ତି ଗାନ୍ଧୀ ଜୟନ୍ତୀ ଅବସରରେ ଉକ୍ତ ପାର୍କକୁ ଉଦ୍‌ଘାଟନ ପାଇଁ ପ୍ରସ୍ତାବ ଦେବା ପରେ ଉପସ୍ଥିତ ଥିବା କୁବେର ମଲିକ , ମୋହନ ମଲିକ ,ପ୍ରଦ୍ୟୁମ୍ନ ଦିଗାଲ ଓ ଅନ୍ୟମାନେ ସମର୍ଥନ ଜଣାଇବା ସହିତ ସେଠାରେ ଉପସ୍ଥିତ ବ୍ୟକ୍ତିମାନେ ବିଭିନ୍ନ ପ୍ରକାର ପାରମ୍ପରିକ ସାଜସଜାରେ ପାର୍କ ନିକଟରେ ପହଂଚି ସମସ୍ତଙ୍କ ଉପସ୍ଥିତିରେ ତାହାକୁ ଆଦିବାସୀ ପରମ୍ପରା ଅନୁସାରେ ପୂଜା କରାଯାଇ ଉଦ୍‌ଘାଟନ କରାଯାଇଛି । ବୈଠକରେ ନିଷ୍ପତି ଅନୁସାରେ ସରକାର ଉକ୍ତ ଜମିକୁ ସରକାରୀ ଖାତାକୁ ଫେରାଇ ଆଣି ନିର୍ମାଣ ହୋଇଥିବା ପାର୍କ ନାମରେ ଯଦି ନକରନ୍ତି ତାହାହେଲେ ଆଗାମି ଦିନରେ ଚକାପାଦ ତହସିଲ୍ କାର୍ଯ୍ୟାଳୟକୁ ଘେରାଉ କରିବା ସହିତ ବନ୍ଦ କରିଦିଆଯିବ ବୋଲି ମଧ୍ୟ ବସ୍ତିଙ୍ଗିଆ ଅଂଚଳ ବିକାଶ କମିଟି ଚେତାବନି ଦେଇଥିବା ଜଣାପଡିଛି ।

## ଜୀବନ ବୀମା ଅଭିକର୍ତା ସଂଘର ୫୬ତମ ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୫/୧୦ (ହି.ସ.) - ଭାରତୀୟ ଜୀବନ ବୀମା ଅଭିକର୍ତା ମହାସଂଘର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଏହି ଉତ୍ସବ ମହାଡମ୍ବରରେ ପାଳିତ ହୋଇ ଆସୁଥିଲା । ଶତାଧିକ ଅଭିକର୍ତା ଉତ୍ସବରେ ଯୋଗଦେଇ ଉତ୍ସବ ପାଳନ ସହିତ ବିଭିନ୍ନ ସାମଜିକ କାର୍ଯ୍ୟକ୍ରମ ହାତକୁ ନେଇ ଥାଆନ୍ତି । କିନ୍ତୁ ଚଳିତ ବର୍ଷ କୋଭିଡ କଟକଣା ପାଇଁ ଆୟୋକଙ୍କ ପକ୍ଷରୁ ଏହାକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା । ୨୦ରୁ ୨୫ ଅଭିକର୍ତା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଥମେ ସେମାନେ ମହତାବ କୋଠୀ ପରିସରରେ ମହାତ୍ମାଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ସଂଘ କାର୍ଯ୍ୟାଳୟରେ ପହଂଚି ଏକ ସଭାର ଆୟୋଜନ କରିଥିଲେ । ବରିଷ୍ଠ ସଭ୍ୟ ତଥା ମହାସଂଘର ଭଦ୍ରକ ଶାଖାର ସଭାପତି ସନାତନ ଜେନାଙ୍କ ପରିଚାଳନାରେ ଉକ୍ତ ସଭାରେ ପ୍ରଥମେ ମୃତ୍ୟୁବରଣ କରିଥିବା ଅଭିକର୍ତା ଓ ସେମାନଙ୍କ ପରିବାରବର୍ଗଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଉକ୍ତ ସଭାରେ କଟକ ମଣ୍ଡଳ ପରିଷଦର ସଭ୍ୟ ଗୋବର୍ଦ୍ଧନ ପଣ୍ଡା ଯୋଗଦେଇ କରୋନା ପରିପ୍ରେକ୍ଷୀରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ଅଭିକର୍ତାମାନଙ୍କ ସମସ୍ତ ସମସ୍ୟା ପ୍ରତି ମହାସଂଘ ଯତ୍ନବାନ ଅଛି ବୋଲି ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ । ମେଡିକ୍ଲେମ କେସଲେସ ସୁବିଧା ନେବା ସହିତ କରୋନା ବିପତିର ମୁକାବିଲା ସମ୍ପର୍କରେ ଶାଖାର ସମ୍ପାଦକ ରବିନାରାୟଣ ସାହୁ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ । କଟକ ମଣ୍ଡଳ ଉପସଭାପତି ଅମୂଲ୍ୟ କୁମାର ରାଉତ ଅଭିକର୍ତାଙ୍କ ଗାଡ଼ି ପାର୍କି ପାଇଁ ସ୍ଥାନ ନିରୂପଣ, ବନ୍ତ ଛକକୁ ଏଲଆଇସି ଛକରେ ନାମକରଣ କରିବା ଦାବି ଉପରେ ବକ୍ତବ୍ୟ ରଖିଥିଲେ । ସଂଘର ଉପସଭାପତି ଶଶିକାନ୍ତ ପଣ୍ଡା, କୋଷାଧକ୍ଷ କାର୍ତୀକ ପାଣିଗ୍ରାହୀ, ରାମଚନ୍ଦ୍ର ଗୁପ୍ତା, ଅଭିମନ୍ୟୁ ପଣ୍ଡା, ଆରତୀ ମହାନ୍ତି, ନାରାୟଣଚନ୍ଦ୍ର ବେହେରା, ଜିତେନ୍ଦ୍ର ଶର୍ମା, ଅନିଲ ସାହା, ମନୋରଂଜନ ବେହେରା, ଦୀପଙ୍କର ପଣ୍ଡାଙ୍କ ସମେତ ଉପସ୍ଥିତ ଅଭିକର୍ତାମନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୋଭିଡ କଟକଣା ପରେ ଅଭିକର୍ତା ସଂଘ ପକ୍ଷରୁ ସମସ୍ତ ସାମଜିକ କାର୍ଯ୍ୟକ୍ରମ ପୂର୍ବବତ୍ ଜାରୀ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ଅବହେଳିତ ବୃଦ୍ଧବୃଦ୍ଧାଙ୍କ ନିମନ୍ତେ ପାଇଁ ଭତା ସହାୟତା ଶିବିର

ଧର୍ମଶାଳା,୦୫।୧୦ (ନି.ପ୍ର): ଅବହେଳିତ ବୃଦ୍ଧବୃଦ୍ଧା,ଦିବ୍ୟାଙ୍ଗ ଓ ବିଧବା ମହିଳାମାନେ ଭତା ପାଇବାରୁ ବଂଚିତ ହେଉଛନ୍ତି । ସେମାନେ ବହୁବାର ଅବେଦନ କରି ଏହି ଭର୍ତା ପାଇବାରୁ ବଂଚିତ ହୋଇନ୍ତି । ସ୍ଥାନୀୟ ଲୋକପ୍ରତିନିଧିଙ୍କ ଆନ୍ତରିକ ଅଭାବର ଏହାର ସଫଳ ରୂପାୟନ ହୋଇପାରୁ ନଥିବା ନେଇ ଯୋଗ୍ୟ ହିତାଧିକାରୀମାନେ ପ୍ରକାଶ କରିଚନ୍ତି । ଏହାକୁ ଦୃଷ୍ଟିରେ ରଖି ଏହି ଅବହେଳିତ ବୃଦ୍ଧବୃଦ୍ଧାମାନଙ୍କ ନିମନ୍ତେ ସହଯୋଗ କରିବା ନେଇ ଦିବ୍ୟାଙ୍ଗ ସାମାଜିକ କର୍ମୀ ମଂଟୁ ଦାସ ଏକ ସହାୟତା ଶିବିର ଆୟୋଜନ କରିଛନ୍ତି ।

# ମନୀଷାକୁ ନ୍ୟାୟ ପ୍ରଦାନ ଓ ଦୋଷୀକୁ ଦଣ୍ଡ ବିଧାନ ଲାଗି ସିପିଏମ୍‌ର ଶୋଭା ଓ ଶୋଭାଯାତ୍ରା

ଜଳେଶ୍ୱର,୫।୧୦ (ନି.ପ୍ର): ଉତ୍ତର ପ୍ରଦେଶର ହଥରସ ଘଟଣାରେ ମନିଷା ବାଲ୍ମିକିକୁ ନ୍ୟାୟ ପ୍ରଦାନ, ଦୋଷୀକୁ ଦଣ୍ଡ ବିଧାନ ଓ ଯୋଗୀ ସରକାରର ବହିଷ୍କାର ଦାବିରେ ରାଜ୍ୟ କମିଟି ଡାକରାରେ ସିପିଆଇଏମ୍ ପକ୍ଷରୁ ଗତକାଲି ସଂଧ୍ୟାରେ ଜଳେଶ୍ୱରରେ ବିକ୍ଷୋଭଓ କେଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଦେଶରେ ବଟି ବଂଚାୟ ଓ ବେଟି ପଢାଓ ସ୍ଲୋଗାନ ଏ ପ୍ରହସନ ହୋଇଥିବା ବେଳେ ରାମ ରାଜ୍ୟରେ ମହିଳା ଓ ଝିଅମାନେ ଦୁଷ୍କର୍ମର ଶୀକାର ହେଉଛନ୍ତି । ମନିଷାକୁ ଦୁଷ୍କର୍ମ, ଜିଭ କାଟିଦେବା, ମେରୁଦଣ୍ଡ ଭାଂଗି ଦେବା ଓ ଚିକିତ୍ସା ପ୍ରଦାନ ନ କରିବା ଏକ ଅମାନବୀୟ ଓ ଲଜ୍ଜାର ବିଷୟ । ମୃତ ଶିରୀକୁ ପରିବାରକୁ ହସ୍ତାନ୍ତର ନ କରି ପୋଡି ଦେବା, ୧୪୪ ଧାରା ଜାରି, ଘଟଣାସ୍ଥଳକୁ ସାମ୍ବାଦିକ ଓ ରାଜନେତାଙ୍କୁ ଯିବାକୁ ନ ଦେବା ଲଜ୍ଜାର ବିଷୟ । ତଥ୍ୟ ଅନୁଯାୟୀ ପ୍ରତି ଘଣ୍ଟାରେ ଦେଶରେ ୮୭ଜଣ ମହିଳା ଦୁଷ୍କର୍ମର ଶୀକାର ହେଉଛନ୍ତି । ତେଣୁ ନାରୀ ନିର୍ଯ୍ୟାତନା ବଂଦ କରିବା, ମନିଷାକୁ ନ୍ୟାୟ ଦେବା, ଯୋଗୀ ସରକାରକୁ ବହିଷ୍କାର କରିବା, ଦୁଷ୍କର୍ମକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା, ସୁପ୍ରିମ କୋର୍ଟର ବିଚାର ପତିଙ୍କ ଦ୍ୱାରା ତଦନ୍ତ କରିବା ଇତ୍ୟାଦି ଦାବୀରେ ଏକ କେଣ୍ଡେଲ ଶୋଭାଯାତ୍ରା ହେବା ସହିତ ଷ୍ଟେସନ ଛକଠାରେ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ରାଜ୍ୟନେତା ଶିଶିର ହୁଇ, ସୀତାଂଶୁ ସେନାପତି, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ତାପସୀ ପ୍ରହରାଜ, ସବିତା ଭୂୟାଁ, ଆରତୀ ପଲାଇ, ଲକ୍ଷ୍ମୀଧର ପଲାଇ, ରତନ ଦାସ, ସେକ୍ ଅବଦୁଲ ସାଦ୍ଦିକ, ପ୍ରକାଶ ଦେ, ସେକ୍ ଅବଦୁଲ ରହିମ୍, ରାଜକୁମାର ଆଚାର୍ଯ୍ୟ, ଯଦୁନାଥ ନାୟକ, ସେକ୍ ଜମିରୁଦ୍ଦିନ, ସେକ୍ ସୀତାରୁଦ୍ଦିନ, ସେକ୍ ହବିବୁଦ୍ଦିନ, ସନ୍ତୋଷ ଦାସ, ସିଦ୍ଧେଶ୍ୱର ଜେନା, ତପୁ ଦାସ, ସବେରା ବିବି, ଆୟୁବ ଖାଁ, ମତଲୁବ ଅଲ୍ଲି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ପ୍ରାଣନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା

ଭୁବନେଶ୍ୱର,୫।୧୦ (ନି.ପ୍ର): ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ବିଧାୟକ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କର ୫୦ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବିପ୍ଳବୀ ପ୍ରାଣନାଥଙ୍କ ସଂଗ୍ରାମମୟ ଜୀବନ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ପରିସ୍ଥିତିରେ କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ପାଇଁ ଯେଉଁ ବିଲ୍ ପାସ୍ କରାଇଛନ୍ତି, ଏହା ଚାଷୀ ବିରୋଧୀ, ଖାଉଟି ବିରୋଧୀ ଓ ଦେଶ ବିରୋଧୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହା ବିରୁଦ୍ଧରେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଦଳ ଓ ଶକ୍ତି ଐକ୍ୟବଦ୍ଧ ହୋଇ ଏହି ବିପଦର ମୁକାବିଲା ପାଇଁ ଆହ୍ୱାନ ଦେଇଥିଲେ ।

# ବିଭାଗୀୟ ଅବହେଳା ଯୋଗୁଁ କରୋନା ସହାୟତାରୁ ବଞ୍ଚିତ ଶ୍ରମିକ

## ଜିଲ୍ଲାପାଳଙ୍କଠାରେ ମହିଳା ନିର୍ମାଣ ଶ୍ରମିକଙ୍କ ଫେରାଦ



ବାଲେଶ୍ୱର,୫।୧୦ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ କରୋନା ପ୍ରଭାବିତ ଅସଂଗଠିତ ନିର୍ମାଣ ଶ୍ରମିକଙ୍କୁ ସରକାରୀ ପ୍ରଦତ୍ତ ଆର୍ଥିକ ସହାୟତା ପ୍ରଦାନ ଶେଷ ହୋଇଥିବା ବେଳେ ଜିଲ୍ଲା ଶ୍ରମ ବିଭାଗର ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରା ଯୋଗୁଁ ବାଲେଶ୍ୱରରେ ଅଦ୍ୟାବଧି ବହୁ ପଞ୍ଜୀକୃତ ଶ୍ରମିକ ସମ୍ପୃକ୍ତ ଅର୍ଥ ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ଶ୍ରମ ବିଭାଗର ଅବହେଳା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କା ଏବେ ବଣ୍ଟନ ହୋଇ ନପାରି ପଡ଼ି ରହିଥିବା ବେଳେ ସହାୟତା ପାଇଁ ପ୍ରତିଦିନ ଶହ ଶହ ଶ୍ରମିକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଫେରୁଥିବା ଲକ୍ଷ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ କସିପଦା ଅଞ୍ଚଳର ବହୁ ମହିଳା ନିର୍ମାଣ ଶ୍ରମିକ ଆଜି ଜିଲ୍ଲାପାଳଙ୍କୁ ଭେଟି ଶ୍ରମ ବିଭାଗର ଖାମଖିଆଲି କାର୍ଯ୍ୟଧାରା ଯୋଗୁଁ ଅଦ୍ୟାବଧି ସେମାନଙ୍କୁ କରୋନାକାଳୀନ ଆର୍ଥିକ ସହାୟତା ମିଳିନଥିବା ଅବଗତ କରିଛନ୍ତି । କରୋନା ସଂକ୍ରମଣ ଏବଂ ଲକ୍ ଡାଉନ୍ ବେଳେ ଶ୍ରମ ବିଭାଗର କର୍ମଚାରୀମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ପଞ୍ଜୀକୃତ ଶ୍ରମିକଙ୍କୁ ଦେଢ଼ ହଜାର ଲେଖାଏଁ ଟଙ୍କାର ସରକାରୀ ସହାୟତା ଦେଇଥିଲେ । ମାତ୍ର କସିପଦା ପଞ୍ଚାୟତକୁ ଅର୍ଥ ବଣ୍ଟନ ପାଇଁ ଯାଇଥିବା କର୍ମଚାରୀ ନେଇଥିବା ତାଲିକାରେ ସମ୍ପୃକ୍ତ ଅଞ୍ଚଳର ପଞ୍ଜୀକୃତ ଶ୍ରମିକଙ୍କ ନାମ ନଥିବା ଦେଖିବାକୁ ମିଳିଥିଲା । କର୍ମଚାରୀମାନେ ପଞ୍ଜିକୃତ ଶ୍ରମିକଙ୍କ ଶ୍ରମକାର୍ଡ଼ ଯାଞ୍ଚ କରିଥିବା ବେଳେ ସେମାନଙ୍କ ନାମ ଅନ୍ୟ ପଞ୍ଚାୟତ ତାଲିକାରେ ଉଠିଯାଇଥିବା ଜଣାପଡ଼ିଥିଲା । ସେହିଦିନଠାରୁ ଏହି ଶ୍ରମିକମାନେ ବାରମ୍ବାର ଶ୍ରମ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲା ପରେ ବି ସେମାନଙ୍କୁ ସରକାରୀ ସହାୟତା ମିଳପାରି ନଥିବା ଶ୍ରମିକମାନେ କହିଛନ୍ତି । ଶେଷରେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କଠାରେ ସେମାନେ ଆଜି ଆପତ୍ତି କରିଛନ୍ତି । ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ଶ୍ରମିକମାନେ ଜିଲ୍ଲାପାଳଙ୍କୁ ଗୁହାରୀ କରିଛନ୍ତି । ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଚନ୍ଦ୍ରିକା ବେହେରା, ରଙ୍ଗଲତା ବେହେରା, ଆରତୀ ମୁଣ୍ଡା, ବାସନ୍ତି କରଙ୍କ ସମେତ ବହୁ ମହିଳା ଶ୍ରମିକ ଉପସ୍ଥିତ ଥିଲେ ।

# ବିଜେଡ଼ିର ମିଶ୍ରଣ ପର୍ବ: ନବାଗତ ଯୁବ-ମହିଳାକର୍ମୀଙ୍କୁ ଦଳରେ ସ୍ୱାଗତ

ବାଲେଶ୍ୱର,୫।୧୦ (ନି.ପ୍ର): ବାଲେଶ୍ୱର ଉପନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଓ ତତ୍ପରତା ପରିଲକ୍ଷିତ ହେଉଥିବା ବେଳେ ପ୍ରମୁଖ ରାଜନୈତିକ ଦଳ ନିଜର କର୍ମୀମାନଙ୍କୁ ନେଇ ଆଶାୟୀ ଅଛନ୍ତି । ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ ମଧ୍ୟ ଜାରି ରହିଛି । ଆଜି ସଂଧ୍ୟାରେ ବାଲେଶ୍ୱର ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏହି ମିଶ୍ରଣ ପର୍ବରେ ବାଲେଶ୍ୱର ପୌରାଞ୍ଚଳ ୨୭ ନମ୍ବର ୱାର୍ଡ଼ର ବହୁ କଂଗ୍ରେସ ଯୁବକର୍ମୀ ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ସମାଜସେବୀ ତଥା 'ରେବତୀ' ପତ୍ରିକାର ସଂପାଦିକା ସୁବାସିନୀ ଜେନା ସେମାନଙ୍କୁ ଦଳର ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ । ସେକ୍ ନୁରୁଦ୍ଦିନ, ସେକ୍ ଅମିରୁଦ୍ଦିନ, ସେକ୍ ଅବଦୁଲ ଆର୍ସାଦ, ସଦ୍ଦାମ ହୁସେନ, ସେକ ଆଲାମ, ସେକ ନିୟାଜୁଦ୍ଦିନ, ଏମ ଡି ଆକିଲ, ଆଫରୋଜ ଆଲାମ, ମୁଜାହିଦ୍ଦ ପରବେଜ୍ ଏବଂ ବିଜେପି ଆଇ.ଟି ସେଲ୍ ରୁ କୁମାର ଚିନୁ ଏବଂ ଜ୍ୟୋତିପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଅନ୍ୟ ଦଳର ବହୁ ମହିଳା କର୍ମୀ ମଧ୍ୟ ଆଜିର ଏହି ମିଶ୍ରଣ ପର୍ବରେ ଯୋଗ ଦେଇ ବିଜେଡ଼ିରେ ସାମିଲ୍ ହେବା ସହ ଶପଥ ନେଇଥିଲେ । ଜୟଶ୍ରୀ ବିଶ୍ୱାଳ, ସୁଲେଖା ସେନ, ସାନ୍ତ୍ୱନା ବାରିକ, ସିପ୍ରା ସାମଲ, ମମତା ସାମଲ, ବାସନ୍ତୀ ବର୍ଦ୍ଧନ, ରଞ୍ଜିତା ମଲ୍ଲିକ, ସମସ୍ୱତୀ ମହାଲିକ, କମଳା ମହାନ୍ତି, ସଂଯୁକ୍ତା ମଲ୍ଲିକ, ଦେୱାନ୍ତି ଚୌଧୁରୀ, ଝୁମା ବିବି ପ୍ରମୁଖ ମହିଳା ଆଜି ବିଜେଡ଼ିରେ ଯୋଗ ଦେଇଛନ୍ତି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା ଏହି କର୍ମୀଙ୍କ ସକ୍ରିୟ କାର୍ଯ୍ୟ ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବାର ସହାୟକ ହେବ ବୋଲି ଶ୍ରୀ ଜେନା ମତ ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# କଲଭଟ ବୁଜିଦେବା ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ତହସିଲ ଆଗାରେ ଧାରଣା




ବାଲିଆପାଳ,୫।୧୦ (ନି.ପ୍ର): ବାଲିଆପାଳ ଅନ୍ତର୍ଗତ କାଳରୁଇ ଗ୍ରାମ ଦେଇଯାଇଥିବା ବାଲିଆପାଳ ଜାମକୁଣ୍ଡା ଇରିଗେସନ ବନ୍ଧଠାରୁ କଚୁଆ ପର୍ଯ୍ୟନ୍ତ ରାସ୍ତା ମଝିରେ ପାଣି ନିଷ୍କାସନ ପାଇଁ ତିଆରି କରାଯାଇଥିବା କଲଭଟକୁ ବୁଜିଦେଇ ଘଟଣାକୁ କେନ୍ଦ୍ରକରି ବାଲିଆପାଳ ତହସିଲଆଗରେ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଧାରଣା ଦିଆଯାଇଥିଲା । ବାଲେଶ୍ୱର ଉପନିର୍ବାଚନ ସରିବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ଦୀପକ କୁମାର ଦାଶଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଘଟଣାରୁ ପ୍ରକାଶ ଯେ କାଳରୁଇ ଗ୍ରାମର କାଳରୁଇ ସ୍କୁଲଠାରେ ଅବସ୍ଥିତ କଲଭଟ ପୋଲ ପାଣି ନିଷ୍କାସନ ନାଳକୁ ବନ୍ଦ କରାଯାଇ ସ୍ଥାୟୀ ଘର କରିବା ଫଳରେ ପାଣି ନିଷ୍କାସନ ନ ହୋଇ ଲୋକଙ୍କ ଚାଷ ନଷ୍ଟ ହେଉଛି । ଯାହା ଫଳରେ ସ୍ଥାନୀୟ ଚାଷୀମାନେ ଘୋର ଅସୁବିଧାରେ ପଡୁଛନ୍ତି । ଏ ବିଷୟରେ ପୂର୍ବରୁ ବହୁବାର ବାଲିଆପାଳ ତହସିଲଦାର ଓ ଜିଲାପାଳଙ୍କଠାରେ ଅଭିଯୋଗ କରିବା ପରେ ମାସ ମାସ ବିତିଯାଇଥିଲେ ବି ପ୍ରତିକାର ହେଉନାହିଁ । ଦକ୍ଷିଣ ବାଲିଆପାଳର କଚୁଆପୋଲଠାରୁ କାଳରୁଇକୁ ଆସିଥିବା ଏହି ରାସ୍ତାର ପ୍ରାୟ ୫/୬ଟି କଲଭଟ ରହିଛି । ରାସ୍ତାର ପୂର୍ବପଟ ଚାଷ ଜମି ଓ ଉକ୍ତ ମୌଜାରେ ଥିବା ଶେଉଳିଆପଦା ଗୋଚର ଜମିର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ଚାଷ ଜମିରୁ ପାଣି ନିଷ୍କାସନ ହୋଇପାରୁନାହିଁ । ଏହି ଚାଷ ଜମିରୁ ଉଦବୃତ ପାଣି ବାହାରିଯିବା ପାଇଁ କାଳରୁଇ ସ୍କୁଲ ନିକଟରେ ଏକ କଲଭଟ ପୋଲ କରାଯାଇଥିଲା । ପ୍ରାୟ ୨ଶହ ଏକରରୁ ଅଧିକ ଚାଷ ଜମିରୁ ଉଦବୃତ ପାଣି ସେହି ପୋଲ ଦେଇ ନିଷ୍କାସିତ ହୁଏ । ଏହି ପାଣି ଚାଷ ଜମିରୁ ନିଷ୍କାସିତ ହୋଇ ସୁବର୍ଣ୍ଣରେଖାକୁ ବାହାରିଯିବା ପାଇଁ ଜାମକୁଣ୍ଡାଠାରେ ବ୍ରିଟିସ ଅମଳରୁ ସୁଇସଗେଟ ତିଆରି କରାଯାଇଛି । କାଳରୁଇଠାରୁ କଚୁଆ ପର୍ଯ୍ୟନ୍ତ ଯେଉଁ ରାସ୍ତାଟି ଯାଇଛି ତାହା ଉକ୍ତ ମୌଜାର ଗୋଦଣ୍ଡା ଓ ଗୋଚର ଜମି ଉପରେ ଅବସ୍ଥିତ । ଗୋଦଣ୍ଡାରେ ଉଭୟ ପାର୍ଶ୍ୱରେ ନାଳ ରହିଛି । ଏହି ନାଳ ଦେଇ ଚାଷ ଜମିରୁ ପାଣି ବାହାରିଯାଏ । ମାତ୍ର ଦୁଃଖର ବିଷୟ ଯେ ସେହି ଗୋଦଣ୍ଡାକୁ ଲାଗି ଯେଉଁମାନଙ୍କର ଜମି ରହିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ଚାଷୀ ଜମିକୁ ଗୋଦଣ୍ଡାରେ ଥିବା ନାଳ ସହ ନିଜ ଜମିରେ ମାଟି ପକାଇ ଘରଡିହ କରିଚାଲିଛନ୍ତି ଓ ପାଣି ନିଷ୍କାସନ ପାଇଁ ଥିବା ପୋଲକୁ ମାଟି ପକାଇ ବନ୍ଦ କରିବା ସହିତ ବାଡ କରି ଅବରୋଧ କରିଛନ୍ତି । ଫଳରେ ମାସ ମାସ ଧରି ଆଉ ପାଣି ନିଷ୍କାସନ ହୋଇପାରୁନାହିଁ । ୨୦୧୯ ରବିଋତୁଠାରୁ ଏ ପର୍ଯ୍ୟନ୍ତ ହୋଇଆସୁଥିବା ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହାର ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀମାନେ ପ୍ରଶାସନ ପାଖରେ ଦାବି କରିବା ପରେ ବି କୌଣସି ସୁଫଳ ନ ମିଳିବାରୁ ପୂର୍ବନିର୍ଦ୍ଧାରିତ ସମୟ ଅନୁସାରେ ସୋମବାର ବାଲିଆପାଳ ତହସିଲ ଆଗରେ ଗ୍ରାମର ବରିଷ୍ଠ ନାଗରିକ ବଂଶୀଧର ଜେନାଙ୍କ ନେତୃତ୍ୱରେ ଭାଗବତ ଖଣ୍ଡା, ଗୋପାଳ ଗଙ୍ଗାଇ, ଗୋପାଳ ଚନ୍ଦ୍ର ବାଗ, ସୁନୀଲ ବେହେରା, ମନ୍ମଥ ମଣ୍ଡଳ, ଗୋପୀନାଥ ମାହାନା, ରଜନୀ ଖଣ୍ଡା, ଅଭିମନ୍ୟୁ ମଣ୍ଡଳ, ରାମଚନ୍ଦ୍ର ମହାନ୍ତି, କମଳାକାନ୍ତ ରାଉଳ, ଏକାଦଶୀ ମାହାନା, ଅନନ୍ତ ମାହାନା, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଚାଷୀମାନେ ଧାରଣାରେ ସାମିଲ ହୋଇଥିଲେ । ତହସିଲଦାର ଶ୍ରୀ ଦାଶଙ୍କ ସନ୍ତୋଷ ଜନକ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଧାନସଭାରେ...

୨ଟି ମୁଲତବୀ ପ୍ରସ୍ତାବ ପରେ କଂଗ୍ରେସର ଗୋଟିଏ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା । ଏହାପରେ ମୁଲତବୀ ନୋଟିସ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ଅନ୍ୟପକ୍ଷରେ ମୁଲତବୀ ନୋଟିସର ଜବାବ ରଖିଥିଲେ କୃଷି ମନ୍ତ୍ରୀ ।ବାଚସ୍ପତିଙ୍କ ପୋଡ଼ିୟମ ତଳେ ବିଜେପି ସଦସ୍ୟ ନାରାବାଜି କରୁଥିବା ବେଳେ କଂଗ୍ରେସ ସଭ୍ୟମାନେ ମଧ୍ୟ ପାଟିତୁଣ୍ଡ କରିଥିଲେ । ହୋହାଲ୍ଲା ଭିତରେ କୃଷିମନ୍ତ୍ରୀ ଡ. ଅରୁଣ ସାହୁ ମୁଲତବୀ ପ୍ରସ୍ତାବର ଉତର ରଖିଥିଲେ । ପରେ ବିଜେପି ସଭ୍ୟମାନେ କକ୍ଷତ୍ୟାଗ କରିବାରୁ କେବଳ କଂଗ୍ରେସ ଓ ଶାସକ ଦଳ ସଭ୍ୟମାନଙ୍କୁ ନେଇ ଆଲୋଚନା ହୋଇଥିଲା । କଂଗ୍ରେସ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ 'କୃଷି ଓ କୃଷକଙ୍କ ସମସ୍ୟା ପ୍ରତି ରାଜ୍ୟସରକାରଙ୍କ ଉଦାସୀନତା ଯୋଗୁଁ ବ୍ୟାପକ ଚାଷୀ ଅସନ୍ତୋଷ' ଉପରେ ଉତର ରଖି ମନ୍ତ୍ରୀ ଡ. ସାହୁ କହିଥିଲେ ଯେ ରାଜ୍ୟର କୃଷି ଓ କୃଷକଙ୍କ ପ୍ରତି ରାଜ୍ୟ ସରକାର ସର୍ବଦା ସଚେତନ ଓ ପ୍ରତିଶ୍ରୁତି ବଦ୍ଧ ରହିଛନ୍ତି ଏବଂ ସମାଧାନ ପାଇଁ ସବୁବେଳେ ପ୍ରାଥମିକତା ଦେଇ ଆସୁଛନ୍ତି । କୋଭିଡ୍ ମହାମାରୀ ଅନେକ କ୍ଷେତ୍ରରେ ପ୍ରତିବନ୍ଧକ ସାଜି ଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ପାଇଁ କୃଷି ଓ ଆନୁସଙ୍ଗିକ କୃଷିରେ ଅଗ୍ରଗତି ହୋଇଛି । ଗତବର୍ଷ ଠାରୁ ଚଳଳଳିତ ବର୍ଷ ଅଧିକ ୪୦ ହଜାର ହେକ୍ଟର ଜମିରେ ଖରିଫ୍ ଚାଷ କରାଯାଇଛି । ଚାଷୀଙ୍କୁ ଗତବର୍ଷ ଅପେକ୍ଷା ଏବର୍ଷ ଅଧିକ ୫୦ ହଜାର କ୍ୱିଂଟାଲ ଅର୍ଥାତ୍ ୩.୭୪ ଲକ୍ଷ କ୍ୱିଂଟାଲ ଧାନ ଓ ଅଣଧାନ ବିହନ ଯୋଗାଇ ଦିଆଯାଇଛି । ଖରିଫ ଋତୁରେ ୭.୪୯ ଲକ୍ଷ ଟନ୍ ସାର ଯୋଗାଇ ଦିଆଯାଇଛି । ୮୦୩୫ କୋଟି ଟଙ୍କାର ଖରିଫ ଫସଲ ଋଣ ଯୋଗାଇ ଦିଆଯାଇଛି ଯାହା ଗତବର୍ଷ ଠାରୁ ୮୪୦ କୋଟି ଅଧିକ । କୋଭିଡ୍ ସମୟରେ ଚାଷ ପାଇଁ ମୁଖ୍ୟମନ୍ତ୍ରୀ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି । ପନିପରିବାର ବିକ୍ରିବଟାକୁ ସୁଗମ କରିବାପାଇଁ ଏପ୍ରିଲ୍ ମାସରେ ଏକ ୱେବ୍ ପୋର୍ଟାଲ କରାଯାଇ ୬୧ ହଜାର କ୍ୱିଂଟାଲ ର ପରିବା ବିକ୍ରି କରାଯାଇଥିଲା । ଏହା ବ୍ୟତୀତ ଆମ କୃଷି ନାମରେ ଏକ ଦେୟମୁକ୍ତ ଟେଲିଫୋନ୍ ସେବା ଆରମ୍ଭ କରାଯାଇ ୧୦ ଲକ୍ଷ ଚାଷୀଙ୍କୁ ପଂଜୀକୃତ କରି ଚାଷ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି । ହ୍ୱାଟସଆପ୍ ଗ୍ରୁପ୍ କରି ୯ଲକ୍ଷ ଚାଷୀଙ୍କୁ ଯୋଡାଯାଇଛି । ଅଗଷ୍ଟ ମାସରେ ହୋଇଥିବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଘୋଷଣା କରିଥିଲେ । ବଳରାମ ଯୋଜନାର ପ୍ରଣୟନ କରାଯାଇ ଚାଷୀଙ୍କୁ ଋଣ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି । କୃଷି କ୍ଷେତ୍ରରେ ଉନ୍ନତି ପାଇଁ ରାଜ୍ୟ ସରକାର ନୂତନ କୃଷି ନୀତି - ୨୦୨୦ ପ୍ରଣୟନ କରିଛନ୍ତି ବୋଲି କୃଷି ମନ୍ତ୍ରୀ ଗୃହକୁ ଜଣାଇଥିଲେ । ଅନ୍ୟପକ୍ଷରେ ମୁଲତବୀ ନୋଟିସ ଆଲୋଚନା ବେଳେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର । କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ସେ କହିଥିଲେ ଯେ କେନ୍ଦ୍ର ସରକାର ଙ୍କ ଅଧିକାର ନାହିଁ ଏଭଳି ବିଲ୍ ସଂସଦରେ ଆଣିବା ପାଇଁ । ଏହା ଆଇନ ହେବା ଦ୍ୱାରା ଚାଷୀ କର୍ପୋରେଟ, ପୁଞ୍ଜିପତି, ଦଲାଲମାନଙ୍କ ଦ୍ୱାରା ଶୋଷଣର ଶିକାର ହେବେ । ଏଥିରେ ଏମଏସପିର ବ୍ୟବସ୍ଥା ନାହିଁ । କଂଗ୍ରେସ ଦାବି କରୁଛି, ଆଇନ ରେ ଏମଏସପି ବ୍ୟବସ୍ଥା ରହୁ । ଯେଉଁମାନେ ଏମଏସପି ଲାଗୁ କରିବେ ନାହିଁ, ସେମାନଙ୍କ ପାଇଁ ୭ ବର୍ଷ ଜେଲ ଦଣ୍ଡ ଲାଗୁ ହେଉ ।

## ରାଜ୍ୟରେ ଆଉ ୧୭...

ଜଣେ ୭୮ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବୌଦ୍ଧ ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ବୌଦ୍ଧ ଜିଲ୍ଲାର ଜଣେ ୪୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୦ ବର୍ଷୀୟ କୋରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୩୮ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୮୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଓନବରଙ୍ଗପୁର ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ପୁରୀ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାରେ ଜଣେ ୪୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୪୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

## ଆହୁରି ୪୮ ...

କୋରାପୁଟ, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ, ସମ୍ବଲପୁର ଓ ସୋନପୁର । ସେହିପରି ୭ ତାରିଖ ମଧ୍ୟ ବର୍ଷା ସମ୍ଭାବନା ଥିବା ଆଉ ୧୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବରଗଡ, ବଲାଙ୍ଗୀର, ସମ୍ବଲପୁର, ଝାରସୁଗଡା, ସୁନ୍ଦରଗଡ, କେନ୍ଦୁଝର , ମୟୁରଭଂଜ ବାଲେଶ୍ୱର ଓ ଭଦ୍ରକ ।

## ହୋମ୍ ଆଇସୋଲେସନରେ...

କଲେଜର ଇଂଟରନାଲ ମେଡିସିନ ବିଭାଗ ମୁଖ୍ୟ ଡ.ଜୟନ୍ତ ପଣ୍ଡା କହିଛନ୍ତି ଯେ ଯେଉଁମାନେ କୋଭିଡ ପଜିଟିଭ ଓ ଘରେ ସଂଗରୋଧରେ ଅଛନ୍ତି, ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଫାବିପିରାଭିର୍ ଖାଇପାରିବେ । ମାତ୍ର ଯେଉଁ ରୋଗୀ ଲକ୍ଷଣଯୁକ୍ତ ହୋଇଥିବେ ଓ ତାଙ୍କର କିଡନୀ ରୋଗ, ଗାଉଟ୍ (ଉଚ୍ଚ ୟୁରିକ ଏସିଡ), ଲିଭର ଜନିତ ସମସ୍ୟା ନ ଥିବ, ଗର୍ଭବତୀ ହୋଇନଥିଲେ ସେମାନଙ୍କୁ ଏହା ଦିଆଯାଇପାରିବ । ସରକାର ୫ ଦିନ ଲାଗି ଔଷଧ ପ୍ରଦାନ କରିବେ । ସାଧାରଣ ଭାବେ ପ୍ରଥମ ଦିନ ୯ଟି ବଟିକା ସକାଳେ ଓ ୯ଟି ବଟିକା ସଂଧ୍ୟାବେଳେ ଖାଇବାକୁ ହେବ ଓ ୨ୟ ଦିନରୁ ୫ମ ଦିନ ପର୍ଯ୍ୟନ୍ତ ୪ଟି ବଟିକା ସକାଳେ ଓ ୪ଟି ବଟିକା ସଂଧ୍ୟାବେଳେ ଖାଇବାକୁ ହେବ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି । ଫାଭିପିରାଭିର ବା କୌଣସି ଔଷଧ ଖାଇଲେ ମଦ୍ୟପାନ ନକରିବା ଉଚିତ । ଫାଭିପିରାଭିର ସହ ନିଜର ପୂର୍ବ ରୋଗ ପାଇଁ ଔଷଧ ବି ଖାଇପାରିବେ ।

## କମୁଛି ଆକ୍ରାନ୍ତଙ୍କ...

ଜିଲ୍ଲାରେ ୭୪, ଗଜପତି ଜିଲ୍ଲାରେ ୭, ଗଂଜାମ ଜିଲ୍ଲାରେ ୪୩, ଜଗତସିଂହପୁର ଜିଲ୍ଲାରେ ୪୫, ଯାଜପୁର ଜିଲ୍ଲାରେ ୧୧୨. ଝାରସୁଗୁଡା ଜିଲ୍ଲାରେ ୪୬, କଳାହାଣ୍ଡି ଜିଲ୍ଲାରେ ୪୪, କନ୍ଧମାଳ ଜିଲ୍ଲାରେ ୩୨, କେନ୍ଦ୍ରାପଡା ଜିଲ୍ଲାରେ ୧୩୨ ,କେନ୍ଦୁଝର ଜିଲ୍ଲାରେ ୧୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୩ ଜଣ, ମାଲକାନଗିରି ଜିଲ୍ଲାରେ ୬୭ , ମୟୁରଭଂଜ ଜିଲ୍ଲାରେ ୧୦୧ ନବରଙ୍ଗପୁରରେ ୫୯, ନୟାଗଡ ଜିଲ୍ଲାରେ ୩୮, ନୂଆପଡା ଜିଲ୍ଲାରେ ୫୮, ପୁରୀ ଜିଲ୍ଲାରେ ୭୯, ରାୟଗଡା ଜିଲ୍ଲାରେ ୨୬, ସମ୍ବଲପୁର ଜିଲ୍ଲାରେ ୧୦୬ ,ସୋନପୁର ଜିଲ୍ଲାରେ ୨୩ ତଥା ସୁନ୍ଦରଗଡ ଜିଲ୍ଲାରେ ୯୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୧୦୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଭୁବନେଶ୍ୱରରୁ ଆଉ ...

୪ ଜଣ ଲେଖାଏଁ ରହିଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ରସୁଲଗଡରୁ ୧୬ ଜଣ, ପଟିଆରୁ ୧୩ ଜଣ, ଚନ୍ଦ୍ରଶେଖରପୁର ଓ ୟୁନିଟ୍ ୬ ରୁ ୧୦ ଜଣ ଲେଖାଏଁ ,ଡୁମଡୁମା, ବରମୁଣ୍ଡା, ମଂଚେଶ୍ୱର ଓ ଓଲ୍ଡ ଟାଉନ୍ ରୁ ୮ ଜଣ ଲେଖାଏଁ , ବଡଗଡ ରୁ ୭ ଜଣ, ପାତ୍ରପଡାରୁ ୬ ଜଣ, ଖଣ୍ଡଗିରି, ଆଇଆରସି ଭିଲେଜ, ପୋଖରୀପୁଟ, ଜାଗମରା, ନୟାପଲ୍ଲୀ , ସହିଦ ନଗର ଓ ୟୁନିଟ୍ ୯ ରୁ ୫ ଜଣ ଲେଖାଏଁ ରହିଛନ୍ତି ।

## ସୁପରସୋନିକ୍ ମିସାଇଲ...

ସ୍ଥଳରେ ପହଞ୍ଚିଥିଲା । ମିସାଇଲରେ ସଂଶ୍ଳିଷ୍ଟ ହାଇବ୍ରିଡ୍ ଟେକନୋଲୋଜି ସହାୟତାରେ ସମସ୍ତ ତଥ୍ୟ ଦେବା ସହିତ ବୁଡ଼ା ଜାହାଜର ନିର୍ଦ୍ଦିଷ୍ଟ ସ୍ଥାନ ବା ଲକ୍ଷ୍ୟ ସ୍ଥଳକୁ ଚିହ୍ନଟ କରିଥିଲା । ସବୁଠାରୁ ଉଲ୍ଲେଖନୀୟ ବିଷୟ କି, ଏହି ମିଶାଇଲର ଉଡ଼ାଣ ସମୟରେ ହିଁ ଲକ୍ଷ୍ୟସ୍ଥଳ ଚିହ୍ନଟ ହୋଇଥିଲା । ଲକ୍ଷ୍ୟସ୍ଥଳ ବା ବୁଡ଼ା ଜାହାଜର ଖୁବ ନିକଟବର୍ତ୍ତୀ ହେବା ପରେ ଟର୍ପେଡୋ ମିଶାଇଲରୁ ଅଲଗା ହୋଇଥିଲା ଓ ଲକ୍ଷ୍ୟଭେଦ କରିଥିଲା ।

# ଆସନ୍ତାକାଲି ୬ ଦିନିଆ ଓଡିଶା ଗସ୍ତରେ ଆସିବେ ଓଡିଶା କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର

ଭୁବନେଶ୍ୱର,୫।୧୦ (ନି.ପ୍ର): ଓଡିଶା କଂଗ୍ରେସ ପ୍ରଭାରୀ ସାଂସଦ ଡ. ଏ.ଚେଲ୍ଲା କୁମାର ଆସନ୍ତାକାଲି (ମଙ୍ଗଳବାର) ୬ଦିନିଆ ଓଡିଶା ଗସ୍ତରେ ଆସିବେ । ପ୍ରଭାରୀ ଦାୟିତ୍ୱ ମିଳିବା ପରେ ଚେଲ୍ଲା କୁମାରଙ୍କ ଏହା ପ୍ରଥମ ଓଡିଶା ଗସ୍ତ । ତାଙ୍କ ପୂର୍ବରୁ ଜିତେନ୍ଦ୍ର ସିଂହ ଏହି ଦାୟିତ୍ୱରେ ଥିଲେ । ଇଣ୍ଡିଗୋ ବିମାନ ଯୋଗେ ଅପରାହ୍ନ ୫ ଘଟିକା ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚି ସିଧା ପୁରୀ ଅଭିମୁଖେ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଭୁବନେଶ୍ୱରରେ ରାତ୍ରୀଯାପନ କରିବେ । ୭ ଅକ୍ଟୋବର ବୁଧବାର ଦିବା ୧୦ ଟାରେ କଂଗ୍ରେସ ଭବନଠାରେ ଡ. କୁମାରଙ୍କୁ ପିସିସି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ । ଅପରାହ୍ନ ୩ ଟାରୁ ୬ ଟା ପର୍ଯ୍ୟନ୍ତ ରାଜ୍ୟ କଂଗ୍ରେସର ପ୍ରାକ୍ତନ ସଭାପତି, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ପ୍ରାକ୍ତନ ବିରୋଧିଦଳ ନେତା, ପ୍ରାକ୍ତନ ଜିଲ୍ଲା କଂଗ୍ରେସ କମିଟି ସଭାପତି, ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ଗୋଟି ଗୋଟି କରି ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ୬.୩୦ ମି. ସମୟରେ ଡ. କୁମାର ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ଆୟୋଜିତ ବିଧାୟକ ଦଳ ବୈଠକରେ ଯୋଗଦେବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ । ଗୁରୁବାର ଦିନ ଦିବା ୯ ଘଟିକାରୁ ୧୦ ଘଟିକା ମଧ୍ୟରେ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀମାନଙ୍କୁ ସାକ୍ଷାତ ପରେ ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଗସ୍ତ କରି ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ଉପଲକ୍ଷେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେବେ । ଅପରାହ୍ନରେ କଟକ ସମାଜ କାର୍ଯ୍ୟାଳୟରେ ପହଂଚି ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ । ଅପରାହ୍ନରେ ବାକି ରହିଯାଇଥିବା ବିଧାୟକ ଓ ସାଂସଦ ପ୍ରାର୍ଥୀମାନଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ପୂର୍ବାହ୍ନରେ କଂଗ୍ରେସ ଭବନରେ ରାଜ୍ୟ ଓ ଜିଲ୍ଲା ଯୁବ ଏବଂ ଛାତ୍ର କଂଗ୍ରେସ ସଭାପତି ଓ କର୍ମକର୍ତାଙ୍କ ସହ ସାକ୍ଷାତ ଆଲୋଚନା, ରାଜ୍ୟ ଓ ଜିଲ୍ଲା ସେବାଦଳର କାର୍ଯ୍ୟକର୍ତାଙ୍କ ସହ ଆଲୋଚନା, ରାଜ୍ୟ ଓ ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀମାନଙ୍କ ସହ ସାକ୍ଷାତ ଆଲୋଚନା ପରେ ଆଇ.ଏନ୍.ଟି.ୟୁ.ସି. ସଭାପତି ଓ କର୍ମକର୍ତା, ପିସିସି ପ୍ରଶିକ୍ଷଣ ପ୍ରଭାରୀ ଓ ସଂଯୋଜକଗଣଙ୍କ ସହ ଆଲୋଚନା, ରାଜ୍ୟ ଓ ଜିଲ୍ଲାର କିଷାନ କଂଗ୍ରେସ ସଭାପତି ଓ କର୍ମକର୍ତାଙ୍କ ସହ ଆଲୋଚନା, ରାଜ୍ୟ ଓ ଜିଲ୍ଲା ଦଳିତ ସେଲ୍ ସଭାପତି ଓ କର୍ମକର୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପରେଅପରାହ୍ନ ୩.୫୦ ମି. ରେ କଂଗ୍ରେସ ଭବନ ପରିସରରେ ସାମ୍ବାଦିକ ସମ୍ମିଳନୀରେ ଡ. ଏ. ଚେଲ୍ଲାକୁମାର ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ସଂଧ୍ୟାରେ ଆଦିବାସୀ ସେଲ୍ , ସଂଖ୍ୟାଲଘୁ ସେଲ୍ , ମତ୍ସ୍ୟଜୀବୀ କଂଗ୍ରେସ ,ପଛୁଆବର୍ଗ ବିଭାଗ ସଭାପତି ଓ କର୍ମକର୍ତାଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଶନିବାର ଡ. କୁମାର ବାଲେଶ୍ୱର ଅଭିମୁଖେ ଗସ୍ତ କରି କିଷାନ ବଚାଓ ରାଲି ଓ ଭାରେ ଯୋଗଦେବା ସହ ବାଲେଶ୍ୱର ସଦର ଉପନିର୍ବାଚନ ବୈଠକରେ ଯୋଗଦେଇ ଭୁବନେଶ୍ୱରରେ ରାତ୍ରିଯାପନ ସହ ୧୧ ତାରିଖ ସକାଳ ୯ଟା ୪୦ ମିନିଟ୍‌ରେ ଦିଲ୍ଲୀ ଅଭିମୁଖେ ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ବିଜେପି ମହିଳା ମୋର୍ଚ୍ଚାର କର୍ମୀ ସମ୍ମିଳନୀ

ବାଲେଶ୍ୱର,୫।୧୦ (ନି.ପ୍ର): ଆସନ୍ତା ଉପ-ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ କର୍ମୀ ସମ୍ମିଳନୀ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି କମଳା ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିବା ସହିତ ଆସନ୍ତା ଉପ-ନିର୍ବାଚନରେ ସଫଳତା ପାଇଁ ଦଳୀୟ ମହିଳା କର୍ମୀଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଏଥିରେ ଯୋଗଦେଇ ଉପସ୍ଥିତ ମହିଳା ମୋର୍ଚ୍ଚା ସଦସ୍ୟା ଓ କର୍ମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଓ ବିଜେପିର ମହିଳା କର୍ମୀଙ୍କ ସାଂଗଠନିକ କାର୍ଯ୍ୟଧାରା ଚଳିତ ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ନିର୍ଶ୍ଚିତ ବିଜୟ ଟିକା ପିନ୍ଧାଇବ ବୋଲି ସେ ମତ ପ୍ରକାଶ କରିଥିଲେ। ସଦର ନିର୍ବାଚନମଣ୍ଡଳୀର ସଂଯୋଜକ ତଥା ଆସନ୍ତା ଉପ-ନିର୍ବାଚନର ସମ୍ଭାବ୍ୟ ଦଳୀୟ ପ୍ରାର୍ଥୀ ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ଗତ ୨୦୧୯ ସାଧାରଣ ନିର୍ବାଚନରେ ମହିଳା ମୋର୍ଚ୍ଚା କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ବେଶ୍ ସହାୟକ ହୋଇଥିଲା। ଆସନ୍ତା ଉପ-ନିର୍ବାଚନରେ ବି ସେମାନଙ୍କର ସହଯୋଗରେ ବିଜେପି ପୁଣି ସଦର ଆସନକୁ ଦଖଲ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବିଜେପି ରାଜ୍ୟସ୍ତରୀୟ କର୍ମକର୍ତ୍ତା ସିପ୍ରା ବାଜପେୟୀ, ସୁଷମା ବିଶ୍ୱାଳଙ୍କ ସମେତ ସଂଯୁକ୍ତା ମହାପାତ୍ର, ଅଭିପ୍ସା ନାୟକ, ମହୁଆ ପ୍ରଧାନ ଓ ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡା ପ୍ରମୁଖ ଆସନ୍ତା ନିର୍ବାଚନରେ ସାଂଗଠନିକ କାର୍ଯ୍ୟକୁ କିପରି ଆଗେଇ ନେବେ ଓ ରଣନୀତି କ'ଣ ରହିବ ସେ ସମ୍ପର୍କରେ ଉପସ୍ଥିତ ମହିଳା କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ପ୍ରକାର ଭେଦଭାବ ଭୁଲି ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ କାର୍ଯ୍ୟ କରିବାକୁ ସେମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

## ଦିନକରେ ୭୯ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୦୮୭କୁ ବୃଦ୍ଧି




ବାଲେଶ୍ୱର,୫।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୬ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୨ ହଜାର ଟପିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୬୧୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୩୫ହଜାର ୩୩୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜି ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୨୪ ଛୁଇଁଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୭୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୦୮୭ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୬୭୮୩ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୨୬୪ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଆଜି ବାଲେଶ୍ୱର ଜିଲ୍ଲାର ୨ ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୫୮ ବର୍ଷର ପୁରୁଷ ଓ ୨୫ ବର୍ଷର ଯୁବକ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୫ରେ ସ୍ଥିର ରହିଛି। ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ମୟୁରଭଂଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନ ପକ୍ଷରୁ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳୀ

ବାରିପଦା ,୫।୧୦ (ନି.ପ୍ର): ମାହାମାରୀ କରୋନା ର ତାଣ୍ଡବ ଦିନକୁ ଦିନ ଉଗ୍ର ରୂପ ଦେଖିବାକୁ ମିଳୁଛି। ଦେଶରେ ଆକ୍ରାନ୍ତ ଙ୍କ ସଂଖ୍ୟା ବଢି ବଢି ଚାଲିଥିବା ବେଳେ ମୃତ୍ୟ ସଂଖ୍ୟା କମିବାର ନାମ ଧରୁନି। ଜୀବନ ଓ ଜୀବିକାକୁ ବାଜି ଲଗାଇ ମଣିଷ ଧାଉଁଛି ଜୀବନ ବଂଚାଇବାକୁ। ଏଭଳି ପରିସ୍ଥିତିରେ ମୟୁରଭ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନର ଜଣେ ସକ୍ରିୟ ସଭ୍ୟ ତଥା ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ପଟନାୟକ ଓରଫ ଜିତୁଙ୍କର ଗତକାଲି ଅପରାହ୍ନ ୫ଟା ୩୦ମି. ସମୟରେ ଦେହାନ୍ତ ହୋଇଯାଇଛି। ସେ ଭୁବନେଶ୍ୱର କିମସ ହସପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହରେ କରୋନା ପଜିଟିଭ ଲକ୍ଷଣ ଦେଖା ଦେବାରୁ ତୁରନ୍ତ ବାରିପଦା ପି.ଆର.ଏମ. ମେଡିକାଲରେ ଆଡ଼ମିଶନ କରାଯାଇଥିଲା। ସେଠାରେ ତାଙ୍କର ନିଶ୍ୱାସ ନେବାରେ ଅସୁବିଧା ହେବାରୁ ତୁରନ୍ତ ବାଙ୍କୀଷୋଳ ସ୍ଥିତ କୋଭିଡ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ବିଗିଡିବାରୁ ତୁରନ୍ତ ଭୁବନେଶ୍ୱର କିମସ ହସପିଟାଲକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ଗତ ୪ ତାରିଖ ଅପରାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ପେଶାରେ ଜଣେ ଫଟୋଗ୍ରାଫର ଥିଲେ। ବାରିପଦାରେ ତାଙ୍କର ଏକ ଷ୍ଟୁଡ଼ିଓ ଥିବା ବେଳେ, ସେ ସମସ୍ତଙ୍କ ପ୍ରିୟ ଭାଜନ ଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ପୁତ୍ର ଥିବା ବେଳେ, ତାଙ୍କର ବଡ଼ଭାଇ ଓ ବାପା ମଧ୍ୟ ଏ ଦୁଃଖକୁ ସମ୍ଭାଳିବାକୁ ଅସମର୍ଥ। ଏହି ପରିପ୍ରେକ୍ଷୀରେ ମୟୁରଭ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନ ପକ୍ଷରୁ ସଦସ୍ୟ ମାନେ ଏକ ଶୋକସଭା ମାଧ୍ୟମରେ ଶ୍ରଦ୍ଧଳି ଅର୍ପଣ କରିଥିଲେ।

## ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ




ଭଦ୍ରକ,୫।୧୦ (ନି.ପ୍ର): ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଭଦ୍ରକ ଶାଖା ପକ୍ଷରୁ ୬ ଦଫା ବିଭିନ୍ନ ଦାବୀ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟ କରାଯିବା, ଆଶା କର୍ମଚାରୀମାନଙ୍କୁ ସରକାରୀ ଚାକିରିର ମାନ୍ୟତା ପ୍ରଦାନ କରାଯିବା ସହ ମାନ୍ୟତା ମିଳିବା ପର୍ଯ୍ୟନ୍ତ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରିବା, କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, କୋଭିଡ଼ ୧୯ ପାଇଁ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭଳି ଆଶାକର୍ମୀମାନଙ୍କୁ ମାସିକ ୫ ହଜାର ଟଙ୍କା ଯୋଗାଇ ଦେବା, ସମସ୍ତ ଆଶାକର୍ମୀଙ୍କର ସୁରକ୍ଷା ଦୃଷ୍ଟିରୁ ପିପିଇ କିଟ୍, ସାନିଟାଇଜର, ହ୍ୟାଣ୍ଡୱାଶ୍, ହ୍ୟାଣ୍ଡଗ୍ଲୋଭ୍ସ ଇତ୍ୟାଦି ସହିତ ବର୍ଷକୁ ୪ ଗୋଟି ୟୁନିଫର୍ମ ଯୋଗାଇବା, କୋଭିଡ଼ ୧୯ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁ ବରଣ କରିଥିବା ଆଶାକର୍ମୀଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ କରୋନା ଯୋଦ୍ଧା ରାଶି ପଚାଶ ଲକ୍ଷ ଟଙ୍କା ପ୍ରଦାନ କରିବା ଦାବୀ ଉପସ୍ଥାପନ କରାଯାଇଥିଲା। ଆଶାକର୍ମୀମାନେ ପ୍ରଥମେ ଜିଲ୍ଲା କାର୍ଯ୍ୟଳୟ ମାଳତୀ ଭବନ ଠାରେ ଏକତ୍ର ହୋଇଥିଲେ। ସେଠାରେ ସଂଘର ସଭାନେତ୍ରୀ କନକଲତା ସୂତାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା। ଏଥିରେ ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ଉପସଭାପତି ବସନ୍ତ ରାଉତ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ ଯୋଗ ଦେଇ ଦାବୀ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଆଶାକର୍ମୀ ଓ ଭାରତୀୟ ମଜଦୂର ସଂଘର କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶ୍ରୀମତୀ ସୂତାରଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା କରାଯାଇଥିଲା ଏଥିରେ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ, ସେକ୍ଟର ଲିଡର ନିରୂପମା ପତି, ମୃଗତୃଷ୍ଣା ପଟ୍ଟନାୟକ, ପ୍ରତିଭା ମହୁରୀ, ବାସନ୍ତୀ ଦାସ, ପଙ୍କଜିନୀ ସେଠୀ, ପ୍ରଭାତୀ ଜେନା ପ୍ରମୁଖ ଦାବୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲଶ ପ୍ରଶାସନଙ୍କୁ ପ୍ରଦାନ କରାଯାଇଥିଲା।

## ରେମୁଣା ସିଡିପିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ

### ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ବିକ୍ଷୋଭ




ବାଲେଶ୍ୱର,୫।୧୦ (ନି.ପ୍ର): ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ରେମୁଣା ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଶ୍ରମିକ ସଂଗଠନ ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟ ଉପ-ସାଧାରଣ ସମ୍ପାଦିକା ପ୍ରତିଭା ପାଲ, ବାଲେଶ୍ୱର ମ୍ୟୁନିସିପାଲଟି କମିଟି ସମ୍ପାଦିକା ନିର୍ବାସିନୀ ପ୍ରଧାନ, ରେମୁଣା ବ୍ଲକ କମିଟି ସଭାପତି ଅନୁପମା ଗିରି, ସମ୍ପାଦିକା ମାନିନୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ପରିଚାଳନା ଜନିତ ସମସ୍ୟା, ବିଭିନ୍ନ ସାମଗ୍ରୀ ଯୋଗାଣରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମନମୁଖୀ କାର୍ଯ୍ୟ ଓ ସେମାନଙ୍କୁ ସିଡିପିଓ ତଥା ସୁପରଭାଇଜରଙ୍କ ନିରବ ସମର୍ଥନକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ ଯୋଗାଣରେ ଏସଏଚଜିମାନେ ଘୋର ଅନିୟମିତତା କରିଥିଲେ ବି ସେମାନଙ୍କ ପ୍ରତି ସିଡିପିଓଙ୍କ ସମ୍ବେଦନଶୀଳତା ପ୍ରଦର୍ଶନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଷ୍ଟିଚିଙ୍ଗ ୟୁନିଟ୍ ନଥିବା ଏବଂ ମସଲା ଯୋଗାଣକାରୀ ଗୋଷ୍ଠୀଙ୍କ ସହ ପୋଷାକ ବିତରଣ ପାଇଁ ସିଡିପିଓ ଚୁକ୍ତି କରିବାର ପୃଷ୍ଠର କାରଣକୁ ନେଇ ସଂଘ ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଥିଲା। ଶିଶୁଙ୍କ ପୋଷାକ ତିଆରି ବାବଦୀୟ ଅର୍ଥ ଅଙ୍ଗନୱାଡ଼ି କର୍ମୀଙ୍କ ସଂଯୁକ୍ତ ଆକାଉଣ୍ଟକୁ ପଠାଇବାର ବ୍ୟବସ୍ଥା ଥିଲେ ବି ସିଡିପିଓ ମନମୁଖି ଭାବେ ଏସଏଚଜିଙ୍କୁ ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ ଦୈନନ୍ଦିନ ରିପୋର୍ଟ ହ୍ୱାଟ୍ସଆପ୍‌ରେ ପଠାଇବା ପାଇଁ ଡାଟା ରାଚାର୍ଜ ଖର୍ଚ୍ଚ ଅଫିସ ପକ୍ଷରୁ ପ୍ରଦାନର ନିୟମ ଥିବା ବେଳେ ଅଦ୍ୟାବଧି କର୍ମୀମାନଙ୍କୁ ଅର୍ଥ ପ୍ରଦାନ କରାଯାଉ ନାହିଁ। ଏ ଦିଗରେ ସିଡିପିଓ ଉଚିତ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ସଂଘ ପକ୍ଷରୁ ଆନ୍ଦୋଳନ ଓ ଗଣ ଧାରଣା ଜାରି ରହିବ ବୋଲି କର୍ମକର୍ତ୍ତାମାନେ ଆଜିର ବିକ୍ଷୋଭ ସ୍ଥଳରେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ଦାବିପତ୍ର ରେମୁଣା ବ୍ଲକ ସିଡିପିଓଙ୍କୁ ଆଜି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଳ୍ପନା ରାଉତ, ବନ୍ଦିତା ଦାସ, ଜୟନ୍ତୀ ବାରିକ, ଅମୀତା ରାଣୀ ରାଉତ, ପ୍ରମୁଖ ଏଥିରେ ଉପସ୍ଥିତ ରହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଅଙ୍ଗନୱାଡ଼ି କର୍ମୀ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଆବାସ ଯୋଜନାରୁ କର୍କଟ ରୋଗୀଙ୍କୁ ବାଦ୍ : ପୁନଃ ସଂଯୋଗ ଲାଗି ନିବେଦନ

ଜଳେଶ୍ୱର, ୫/୧୦ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲମରା ପଂଚାୟତର ଗୋପାଳପୁର ଗାଁ ରଣଜିତ ପ୍ରମାଣିକଙ୍କ ସ୍ତ୍ରୀ ନିରୁପମା ପ୍ରମାଣିକ (୨୩) ଏବେ କର୍କଟ ରୋଗରେ ଆକ୍ରାନ୍ତ। କିନ୍ତୁ ସେମାନଙ୍କ ନାମ ଦାରିଦ୍ର ସୀମାରେଖା ତଳେ ରହିଛି ଓ ଦିନମଜୁରିଆ ହୋଇଥିବାରୁ ୨୦୧୮-୧୯ ମସିହାରେ ତାଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଂଯୋଗ ହୋଇଥିଲା। ମାତ୍ର ସେ ଆଚାର୍ଯ୍ୟ ହରିହର କେନ୍‌ସର ହସ୍‌ପିଟାରେ ଚିକିତ୍ସିତ ହେଉଥିବାରୁ ନିର୍ଦ୍ଦିଷ୍ଟ ସମୟରେ ଆସି ନ ପାରିବାରୁ ତାଙ୍କ ନାମକୁ ଆବସ ଯୋଜନା ଲିଷ୍ଟରୁ ବାଦ୍ ଦିଆଯାଇଛି। ତାଙ୍କ ଅସୁସ୍ଥତା ଓ ଦାରିଦ୍ରତାକୁ ଲକ୍ଷ କରି ପନଃର୍ବାର ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଘର ଯୋଗାଇ ଦେବାକୁ ଆଜି ବିଡିଓଙ୍କୁ ଲିଖତ ଅଭିଯୋଗ କରିଛନ୍ତି।

## ବାଜି ରାଉତଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୧୦ (ନି.ପ୍ର): ବାଜି ରାଉତଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।
ଶ୍ରୀ ପଟ୍ଟନାୟକ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ବୀର ସ୍ୱାଧୀନତା ସଂଗ୍ରାମୀ,ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି। ସ୍ୱାଧୀନତା ପାଇଁ ମାତ୍ର ୧୨ ବର୍ଷ ବୟସରେ ପ୍ରାଣବଳୀ ଦେଇଥିବା ଏହି ଅମର ବୀରଙ୍କ ତ୍ୟାଗ ଓ ବୀରତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ।

### ସୁବର୍ଣ୍ଣରେଖା ପୋଲତଳୁ ଅଚିହ୍ନା ଶବ ଉଦ୍ଧାର ଘଟଣା

## ୫ ଦିନ ପରେ ହେଲା ଚିହ୍ନଟ : ଟ୍ୟାଙ୍କର ଚାଳକକୁ ନିଶା ଖୁଆଇ ହତ୍ୟା

ଜଳେଶ୍ୱର,୫।୧୦ (ନି.ପ୍ର): ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅନ୍ତର୍ଗତ ଚାଲନ୍ତିସ୍ଥିତ ସୁବର୍ଣ୍ଣରେଖା ପୋଲତଳୁ ଗତ ୩୦ ତାରିଖ ସକାଳେ ଉଦ୍ଧାର ହୋଇଥିବା ଶବର ହୋଇଛି ଚିହ୍ନଟ। ସେ ଜଣେ ଟ୍ୟାଙ୍କର ଡ୍ରାଇଭର, ତାଙ୍କୁ ସୁପରିକଳ୍ପିତଭାବେ ହତ୍ୟାକରି ଟ୍ୟାଙ୍କରକୁ ଅପହରଣ କରାଯାଇଥିବା ଟ୍ୟାଙ୍କର ମାଲିକ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଗତ ୩୦ ତାରିଖ ସକାଳେ ୬୦ନଂ ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲ ତଳୁ ଜଳେଶ୍ୱର ଅଚିହ୍ନା ଯୁବକଙ୍କ ମୃତ ଶରୀର ମିଳିବପରେ ଜଳେଶ୍ୱର ପୁଲିସ୍ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତରେ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଏ ସଂପର୍କରେ ବିଶେଷ ଆଗେଇ ପାରିନଥିବା ବେଳେ ଗତ ୪ ତାରିଖ ସଂଧ୍ୟାରେ ଟ୍ୟାଙ୍କରର ମାଲିକ ଅମିତ୍ ଯାଦବ ଜଳେଶ୍ୱର ଆସି ଥାନାରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ଗତ ୩୦ ତାରିଖରେ ୟୁପ୧୫ଡିଟି୫୦୫୩ ଟ୍ୟାଙ୍କରେ ସାବୁନ୍ ତିଆରି ଲିକୁଇଡ୍ (ଲେଗ୍‌ସା) ବୋଝେଇ କରି ଖଡଗପୁରରୁ ହାଇଦ୍ରାବାଦ ଅଭିମୁଖେ ବାହାରିଥିଲା। ପ୍ରୟ ୩୦ଲକ୍ଷ ଟଙ୍କା ମୂଲ୍ୟର ଏହି ସାବୁନ୍ ତିଆରି ଲିକୁଇଡି ଧରି ଗାଡିଟି ଖଡଗପୁରରୁ ବାହାରି ଓଡିଶାରେ ପ୍ରବେଶ କରିଥିବା ଯାଏ ଡ୍ରାଇଭର ସହିତ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲେ। କିନ୍ତୁ ରାତ୍ରି ୧୧ଟା ସମୟରେ ଟ୍ୟାଙ୍କର ଚାଳକଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ୧ ତାରିଖରେ ମାଲିକ ଅମିତ୍ ଯାଦବ ମୋବାଇଲ୍ ଡିଭାଇସ୍ ଜରିଆରେ ଉକ୍ତ ଟ୍ୟାଙ୍କରଟି କୋଲକତାର ଉଲବେରିଆ ଥାନା ଅଂଚଳରେ ରହିଥିବା ଜଣିବାକୁ ପାଇଥିଲେ। କିନ୍ତୁ ଘଟଣାସ୍ଥଳକୁ ଯାଇ ସେ ଗାଡିର ସନ୍ଧାନ ନ ପାଇ ହାଇଦ୍ରାବାଦ ଅଭିମୁଖେ ଫେରୁଥିବା ବେଳେ ଜଳେଶ୍ୱର ଥାନା ନିକଟ ରାଜଘାଟର ଏକ ଢାବାରେ ବସି ଖାଉଥବା ବେଳେ ଜଣେ ମୃତ ବ୍ୟକ୍ତି ପୋଲତଳୁ ଉଦ୍ଧାର କରାଯାଇଥିବା ଜଣିବାକୁ ପାଇଥିଲେ। ସେ ସଂଧ୍ୟରେ ଜଳେଶ୍ୱର ଆସି ମୃତ ଡ୍ରାଇଭର ଦୁଧନାଥ ନିସାଦଙ୍କ ଫଟୋ ଦେଖି ଚିହ୍ନଟ କରିଥିଲେ। ଲିଖିତ ଅଭିଯୋଗ ପରେ ପୋଲିସ୍ ୩୦୨, ୩୨୮, ୩୯୨ ଦଫା ଲାଗି ୩୨୦/୨୦ରେ ମାମାଲା ରୁଜୁ କରିଛନ୍ତି। ମୃତ ଡ୍ରାଇଭର ଠାରୁ ମଦ ବୋତଲ ଓ ଗ୍ଲାସ ଉଦ୍ଧାର କରାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ନିଶା ଦିଆଯାଇଥିବାର କୁହାଯାଇଛି। ମୃତ ଡ୍ରାଇଭରଙ୍କ ଘର ଉତ୍ତର ପ୍ରଦେଶର ଚନ୍ଦ ସୁଲତାନପୁର ଜିଲା ଅନ୍ତର୍ଗତ ମଲିପୁର ଗାଁରେ ବୋଲି ମାଲିକ ପ୍ରକାଶ କରିଛନ୍ତି। ଆଜି ମୃତ ଡ୍ରାଇଭରର କେତେଜଣ ସଂପକୀୟ ଜଳେଶ୍ୱରରେ ପହଞ୍ଚି ପୁଲିସ୍ ସହିତ ସାକ୍ଷାତ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବର ମାସରେ ଜଳେଶ୍ୱର ଥାନାର ସୁବର୍ଣ୍ଣରେଖା ପୋଲଠାରୁ ଡ୍ରାଇଭର ମୁହଁରେ ନିଶା ସ୍ପ୍ରେ କରି ୧୭ ଲକ୍ଷ ଟଙ୍କା ମୂଲ୍ୟର କେମିକାଲ ସହିତ ଟ୍ୟାଙ୍କରକୁ ଅପହରଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାର କୌଣସି ସନ୍ଧାନ ମିଳିପାରିନାହିଁ। ଗତ କିଛିମସା ଭିତରେ ସିଗାରେଟ ଟ୍ରକ, ମୋବାଇଲ୍ ବୋଝେଇ ଟ୍ରକ୍ ମଧ୍ୟ ଅପହରଣ ହୋଥିଲା। ସେହିପରି ଅତୀତରେ ଲଙ୍କା ଟ୍ରକ୍ ଏପରି ଅପହରଣର ଶୀକାର ହୋଇଥିଲା ଏବଂ ପରେ ସମାଧାନ ହୋଇଥିଲା। ଏପରିସ୍ଥଳେ ୬୦ନଂ ଜାତୀୟ ରାଜପଥରେ ପେଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଦାବି ହୋଇଛି।

## ପଡିଶା ଘର କଟୁ କଥାକୁ ସହ୍ୟ ନକରି ବେକରେ ରସି ଲଗାଇ ମହିଳାଙ୍କ ଆତ୍ମହତ୍ୟା : ତିନି ଶିଶୁ ହେଲେ ମାତୃହରା



ଗୁଣୁପୁର ,୫।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକ ମୁନିଖୋଲ ଗ୍ରାମରେ ଆଜି ଜଣେ ମହିଳା ତିନି ଶିଶୁ ପୁତ୍ରକୁ ଛାଡି ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଏକ ଦୁଃଖଦ ଅଭାବନୀୟ ଘଟଣା ଘଟିଯାଇଛି। ବିବରଣୀରୁ ପ୍ରକାଶ ଆଜି ପ୍ରାୟ ଦିନ ୧୨.୩୦ ସମୟରେ ମୁନୀଖୋଲ ଗ୍ରାମର ପ୍ରତାପ ପତ୍ରିଙ୍କ ସ୍ତ୍ରୀ ଶ୍ରୀମତୀ ନୀଳିମା ପତ୍ରୀ ୨୬ ବର୍ଷ, ଘରେ ବେକରେ ରସି ଲଗାଇ ଝୁଲୁଥିଲେ। ଏହି ସମୟରେ ତାଙ୍କ ଶାଶୁ କେଉଁ କାମରେ ଗାଁ ଭିତରକୁ ଯାଇଥିଲେ। ସେ ଘରକୁ ଫେରି ଦେଖିଲେ ଶିଶୁ ତିନିଜଣ ଅଛନ୍ତି ବୋହୁ ନାହିଁ। ବାରିପଟ ଘରକୁ ଯିବାସମୟରେ ସେଠାରେ ବୋହୁ ନୀଳିମା ଷ୍ଟୁଲ ମାଧ୍ୟମରେ ଉପରେ ରସି ବାନ୍ଧି ବେକରେ ରସି ଲଗାଇ ଝୁଲୁଥିବା ଦେଖି ଲୋକମାନଙ୍କୁ ଡାକ ପକାଇଥିଲେ, ଲୋକମାନେ ଆସି ରସି କାଟି ମୁନିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିଲେ ସେଠାରେ ଡାକ୍ତର ସିବ କୁମାର ନିଳୀମାର ମୃତ ଘୋଷଣା କରିଥିଲେ। ଖବର ପାଇ ମୁନିଗୁଡା ଥାନା ଏସ୍ ଆଇ ଶ୍ରୀ ଅଶୋକ କୁମାର ବିଶୋଇ ଏବଂ ଏସ ଆଇ ଚନ୍ଦ୍ରମା ଶବର ପୋଲିସ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୋଷ୍ଟମଟମ୍ କରି ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରି ଇଉଡି କେଶ୍ ନମ୍ବର ୧୦/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଓ ଏସ୍ ଆଇ ଚନ୍ଦ୍ରମା ଶବର କହିଛନ୍ତି। ପ୍ରକାଶ ଥାଉକି ନୀଳିମାଙ୍କର ଦୁଇଜଣ ୪, ୫ ବର୍ଷର ଶିଶୁ ପୁତ୍ର ଓ ଜଣେ ୧୧ ମାସର ଶିଶୁ ଅଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପରିବାର ଲୋକ କହିଛନ୍ତି, କୌଣସି ପ୍ରେମଘଟଣାକୁ ନେଇ ପଡିଶା ଘର ଲୋକର ବିନା କାରଣରେ ସେତେବେଳେ କଟୁ ଭାଷାରେ ନିଳିମାକୁ ଗାଳି କରନ୍ତି। ତାହା ସହ୍ୟ ନକରି ଆତ୍ମହତ୍ୟା କରିଥିବା ପର୍ଦ୍ଧାର ଲୋକେ ଅଭିଯୋଗ କରିଥିଲେ ମଧ କୌଣସି ଲିଖିତ ଅଭିଯୋଗ ନିଉଜ ଲେଖାହେବା ପର୍ଯ୍ୟନ୍ତ ଥାନାରେ ଦିଆଯାଇନଥିବା ଜଣାପଡିଛି।

## ଖଣି ଦୁର୍ନୀତି ପ୍ରସଂଗରେ ଶାସକ- ବିରୋଧୀ କଥା କଟାକଟି

ଭୁବନେଶ୍ୱର,୫।୧୦ (ନି.ପ୍ର): ରାଜ୍ୟରେ ଖଣି ଦୁର୍ନୀତି ଏବଂ ଖଣି ପଟ୍ଟା ମିଆଦର ବେନିୟମ ନବୀକରଣ ପ୍ରସଂଗରେ ଆଜି ବିଧାନସଭାରେ ବିରୋଧି ବିଜେପି ଏବଂ କଂଗ୍ରେସ ସହିତ ଶାସକ ଦଳର ତୀବ୍ର ବାକ୍ୟ ବିନିମୟ ହୋଇଛି।
ଶୂନ୍ୟକାଳନରେ ବିରୋଧି ଦଳରନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ, ରାଜ୍ୟର ତିନିଗୋଟି ପ୍ରମୁଖ ଖଣି ପଟ୍ଟାର ମିଆଦ ଗତ ୨୦୧୫ ମସିହାରେ ସମାପ୍ତ ହୋଇଯାଇଥିବା ବେଳେ ସରକାର ସେହି ମିଆଦକୁ ସଂପ୍ରସାରଣ କରିଛନ୍ତି। ଏହାକୁ ନବୀକରଣ କହିଲେ ଭୁଲ୍ ହେବ ନାହିଁ। ବିଶେଷ କରି ଏହି ତିନୋଟି ଖଣି ବିରୁଦ୍ଧରେ ଭିଜିଲାନ୍ସ ମାମଲା ଚାଲୁ ରହିଥିବା ବେଳେ ରାଜ୍ୟ ସରକାର ଏପରି ବେଆଇନ ପଦକ୍ଷେପ ନେଇଛନ୍ତି। ଏହା ଦ୍ୱାରା ଏକ ଲକ୍ଷ କୋଟି ଟଙ୍କା କ୍ଷତି ଘଟିଛି। ଏଥି ପାଇଁ କେତେକ ଅଫିସର ସମ୍ପୂର୍ଣ୍ଣ ଭାବେ ଦାୟୀ। ସେଥିପାଇଁ ସ୍ୱତନ୍ତ୍ର ଆଲୋଚନା ହେଉ ବୋଲି ଶ୍ରୀ ନାୟକ ଦାବି କରିଥିଲେ।
ଏହି ପ୍ରସଂଗାରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ ଯେ, ଗତ ତିନି ବର୍ଷରେ ୯ ଗୋଟି ଖଣିକୁ ଅହେତୁକ ଅନୁକମ୍ପା ଦେଖାଇଥିବା କାରଣରୁ ୩୬୦୦ କୋଟି ଟଙ୍କାର କ୍ଷତି ଘଟିଛି। ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦିଷ୍ଟ ରାୟ ରହିଛି। ଏଥିପାଇଁ ରାଜ୍ୟ ସରକାର ଏବଂ କିଛି ଅଫିସର ଦାୟୀ ଅଟନ୍ତି। ଉଭୟ ଶ୍ରୀ ନାୟକ ଏବଂ ଶ୍ରୀ ମିଶ୍ରଙ୍କ ବକ୍ତବ୍ୟକୁ ଖଣ୍ଡନ କରି ବିଜେଡ଼ି ସଭ୍ୟ ପ୍ରତାପ ଦେବ କହିଥିଲେ ଯେ, ଖଣି ନିଲାମ ସଂକ୍ରାନ୍ତରେ ଓଡ଼ିଶାର ଟେଣ୍ଡର ପ୍ରକ୍ରିୟାକୁ କେନ୍ଦ୍ର ସରକାର ଉଚ୍ଚ ପ୍ରଶଂସା କରିଥିଲା ବେଳେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ମଧ ପ୍ରଶଂସା କରିଥିଲେ। ଏହା ସତ୍ୱେ ବିଜେପି ଓ କଂଗ୍ରେସ ପକ୍ଷରୁ କେବଳ ରାଜନୈତିକ ଫାଇଦା ପାଇଁ ଏକଥା ଉଠାଉଛନ୍ତି। କିଛି ନିର୍ଦ୍ଦିଷ୍ଟ ତଥ୍ୟ ଥିଲେ ଗୃହକୁ ଜଣାନ୍ତୁ। ଏହା ଛଡ଼ା ଖଣି ଦୁର୍ନିତି ସଂକ୍ରାନ୍ତରେ ସି.ଇ.ସି. ରିପୋର୍ଟକୁ ଅନୁଧ୍ୟାନ କରନ୍ତୁ ବୋଲି ଶ୍ରୀ ଦେବ କହିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo